


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୦ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-୮ଠ ■ Baleshwar ♦ MONDAY 10 JANUARY 2022

Vol.No. 33 ■ No. 10 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## କରୋନାକୁ ନେଇ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକ



ନୂଆଦିଲ୍ଲୀ,୦୯/୦୧: ଦେଶରେ ଦ୍ରୁତ ଗତିରେ ବଢୁଥିବା କରୋନା ସଂକ୍ରମଣ ମଧ୍ୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ଉଚ୍ଚ ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ୧୫-୧୮ବର୍ଷ ବୟସ୍କଙ୍କୁ ଦିଆଯାଉଥିବା ଟିକାକରଣଙ୍କୁ ତ୍ୱରାନ୍ୱିତ କରିବାକୁ କହିବା ସହ କରୋନା କଟକଣା କଡ଼ାକଡ଼ି ପାଳନ କରିବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅନୁଯାୟୀ, ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଜିଲ୍ଲା ସ୍ତରରେ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଏ ସମ୍ପର୍କରେ ରାଜ୍ୟ ସହ ସମନ୍ୱୟ ରକ୍ଷା କରିବାକୁ ସେ ଅଧିକାରୀମାନଙ୍କୁ କହିଛନ୍ତି। ଏହାସହ ୧୫ ରୁ ୧୮ବର୍ଷ ବୟସର କିଶୋରମାନଙ୍କ ଟିକାକରଣକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଯେଉଁଠାରେ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି, ସେଠାରେ କଣ୍ଟେନମେଣ୍ଟ ଜୋନ କରି ବିଶେଷ ଗୁରୁତ୍ୱ ଦିଆଯିବା ଉଚିତ ଏବଂ ଯେଉଁ ରାଜ୍ୟରେ ଅଧିକ ସଂକ୍ରମିତ ରହିଛନ୍ତି, ସେଠାରେ ଆବଶ୍ୟକତା ଅନୁଯାୟୀ ବୈଷୟିକ ସହାୟତା ପ୍ରଦାନ କରାଯିବା ଉଚିତ। ଏହି ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, କରୋନା ଭୂତାଣୁ ବାରମ୍ବାର ନିଜର ରୂପ ପରିବର୍ତ୍ତନ କରୁଛି। ତେଣୁ ପରୀକ୍ଷା, ଟିକାକରଣ ଏବଂ ଜିନୋମ ସିକ୍ୱେନ୍ସିଂ ସହିତ ନିରନ୍ତର ଅନୁସନ୍ଧାନର ଆବଶ୍ୟକତା ରହିଛି। ମହାମାରୀ ସହ ଲଢ଼ିବା ପାଇଁ କରୋନା କଟକଣା ମାନିବା ଜରୁରୀ। ତେବେ ଏହି ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ବ୍ୟତୀତ ଗୃହମନ୍ତ୍ରୀ ଅମିତ ଶାହା, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡଭ୍ୟ, କ୍ୟାବିନେଟ ସଚିବ ରାଜୀବ ଗାବା, ଗୃହ ସଚିବ ଅଜୟ ଭଲ୍ଲା, ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ, ଆଇସିଏମଆର ଡିଜି ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଅଛନ୍ତି।

## ପ୍ରିକସନ ଡୋଜ ପାଇଁ ଖୋଲିଲା ସ୍ଲଟ୍

ଭୁବନେଶ୍ୱର, ୦୯/୦୧ (ନି.ପ୍ର): ସୋମବାର ଠାରୁ ସମ୍ମୁଖ ଯୋଦ୍ଧା, ସ୍ୱାସ୍ଥ୍ୟକର୍ମୀ ଓ ବରିଷ୍ଠ ନାଗରିକଙ୍କୁ ପ୍ରିକସନ ଡୋଜ ପ୍ରଦାନ କରା ଯିବ । ତେଣୁ ଏହାକୁ ନେଇ ରବିବାର ଦିନ ସ୍ଲଟ ଖୋଲିଛି। କୋ-ୱିନ ମାଧ୍ୟମରେ ପଞ୍ଜିକରଣ କରିବାକୁ ଏହି ସ୍ଲଟ ଖୋଲିଛି। ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ବିଏମସି ପକ୍ଷରୁ ଦିଆ ଯାଇଥିବା ସୂଚନାରେ କୁହା ଯାଇଛି ଯେ ଏହି ଟିକା ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ମଧ୍ୟରେ ଦିଆଯିବ। ଦ୍ୱିତୀୟ ଡୋଜ ଓ ପ୍ରିକସନ ଡୋଜ ମଧ୍ୟରେ ୯ ମାସର ବ୍ୟବଧାନ ଜରୁରୀ । ପ୍ରିକସନ ଡୋଜ ପାଇଁ ଦ୍ୱିତୀୟ ଡୋଜ ସାର୍ଟିଫିକେଟ ଆବଶ୍ୟକ ।

## ପଞ୍ଚାୟତ ନିର୍ବାଚନ ନେଇ ସର୍ବଦଳୀୟ ବୈଠକ ଡାକିଛନ୍ତି ରାଜ୍ୟ ନିର୍ବାଚନ ଆୟୋଗ



ଭୁବନେଶ୍ୱର,୦୯/୦୧(ନି.ପ୍ର): ଦେଶର ୫ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ ଏବେ ନଜର ରାଜ୍ୟର ପଞ୍ଚାୟତ ନିର୍ବାଚନ ଉପରେ । ନିର୍ବାଚନ ହେବ ନା ଘୁଞ୍ଚିବ ଏନେଇ ରାଜ୍ୟ ନିର୍ବାଚନ କମିଶନଙ୍କ ନିଷ୍ପତ୍ତି ଉପରେ ସାରା ରାଜ୍ୟର ନଜର ରହିଛି । ଏହାରି ଭିତରେ ଆସନ୍ତାକାଲି ନିର୍ବାଚନ କମିଶନ ସର୍ବଦଳୀୟ ବୈଠକ ଡାକିଛନ୍ତି । ଆଲୋଚନା ପରେ ଚୂଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି । ତେବେ ବୈଠକ ପୂର୍ବରୁ ଏ ନେଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ପ୍ରତିକ୍ରିୟା ରଖୁଛନ୍ତି । କଂଗ୍ରେସ ବିଧାୟକ ସୁର ରାଉତରାୟ କହିଛନ୍ତି, ରାଜ୍ୟରେ ପଞ୍ଚାୟତ ନିର୍ବାଚନ କଟକଣା ଭିତରେ ହେଉ । ବିଜେପି ନେତା ପୃଥ୍ୱୀରାଜ ହରଚନ୍ଦନ କହିଛନ୍ତି, ବିଜେପି ପଞ୍ଚାୟତ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି । କିନ୍ତୁ ବିଜେପି ନେତା ଗୋଲକ ମହାପାତ୍ର ଅଭିଯୋଗ ଆଣି କହିଛନ୍ତି, କୋଭିଡ ବେଳେ ଗୋଟିଏ ଗୋଟିଏ ଗଣତି କେନ୍ଦ୍ରରେ ସମସ୍ତ ଜୋନର ସଦସ୍ୟ, ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବରଙ୍କ ଗଣତି କେମିତି ହେବ ସେ ନେଇ ପ୍ରଶ୍ନ ଉଠାଇଛନ୍ତି । ବିଜେଡି ସାଂସଦ ସୁବାସ ସିଂ କହିଛନ୍ତି, ସମସ୍ତ କଟକଣାକୁ ମାନି କିଭଳି ଗଣତାନ୍ତ୍ରିକ ପ୍ରକ୍ରିୟାକୁ ରକ୍ଷା କରାଯାଇପାରିବ ସେ ନେଇ ନିଷ୍ପତ୍ତି ନେବେ ନିର୍ବାଚନ କମିଶନ ।

## ଜାନୁଆରୀ ୧୨ ରୁ ନିଟ୍ ପିଜି କାଉନ୍‌ସେଲିଙ୍ଗ ନେଇ ସୂଚନା

ନୂଆଦିଲ୍ଲୀ,୦୯/୦୧: ରାଷ୍ଟ୍ରୀୟ ନିଟ୍ ପିଜି କଉନସେଲିଙ୍ଗ ଚଳିତମାସ ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏନେଇ ନିଜେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମଣ୍ଡାଭିଆ ସୂଚନା ଦେଇଛନ୍ତି । ସେ ଟ୍ୱିଟ୍ ଯୋଗେ ସୂଚନା ଦେଇଛନ୍ତି କି, ଘରୋଇ ଡାକ୍ତରଙ୍କୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ଦିଆଯାଇଥିବା ଆଶ୍ୱାସନା ମୁତାବକ ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ପରେ ଏମସିସି ଦ୍ୱାରା ନିଟ-ପିଜି କାଉନସେଲିଙ୍ଗ ଜାନୁଆରୀ ୧୨ ତାରିଖରୁ ଆରମ୍ଭ ହେବାକୁ ଯାଉଛି । ଏହାଦ୍ୱାରା କରୋନା ଯୋଦ୍ଧରେ ▶▶ପୃଷ୍ଠା ୭

## ବୋଟିଂ ବେଳେ ଖସିଲା ପାହାଡ : ୭ ମୃତ, ୨୦ ନିଖୋଜ



ନୂଆଦିଲ୍ଲୀ,୦୯/୦୧: ମନଲୋଭା ପରିବେଶ । ପାହାଡରୁ ଝରିଆସୁଛି ଝରଣା । ଛୁଟି କାଟିବାକୁ ଆସି ବୋଟିଂର ମଜା ନେଉଥିଲେ ପର୍ଯ୍ୟଟକ । କିଏ ଜାଣିଥିଲା ଏଇ ମଜା ମଜଲିସ୍ ମାତ୍ର କେଇ କ୍ଷଣ ପାଇଁ । କିଏ ଜାଣିଥିଲା, ସୁଉଚ୍ଚ ପାହାଡରୁ ପଡିବ ପ୍ରକୃତିର ନିର୍ଘାତ ପ୍ରହାର ଆଉ ଅକାଳରେ ଚାଲିଯିବ ଅନେକ ଜୀବନ । ଜଳପ୍ରପାତରେ ମୋଟର ବୋଟ୍‌ରେ ବସି ମଜା ନେଉଥିଲେ ପର୍ଯ୍ୟଟକ। କିନ୍ତୁ ହଠାତ୍ ଘଟିଲା ଅଘଟଣ। ଚାହୁଁ ଚାହୁଁ ପାହାଡରୁ ଖସିପଡିଲା ବିରାଟ ପଥର ଖଣ୍ଡ । ଇଚ୍ଛା କରି ବି ବର୍ତ୍ତି ପାରିଲେନି ଏହାର କବଳରୁ । ଗୋଟିଏ ନୁହେଁ ତିନି ତିନୋଟି ବୋଟ ଉପରେ ପଡିଥିଲା ଏହି ବିରାଟ ପଥର ଖଣ୍ଡ । ପରିସ୍ଥିତି ଏପରି ଥିଲା ଯେ ସେଥିରୁ ରକ୍ଷା କରିବା ମଧ୍ୟ କାହାରି ପକ୍ଷେ ସମ୍ଭବ ନଥିଲା । ଦେଖଣା ହାରି ଯାହା ଚିତ୍କାର କରୁଥିଲେ । ବୋଟରେ ଥିବା ପର୍ଯ୍ୟଟକ ଓ କୂଳରେ ଥିବା ଲୋକଙ୍କ ଚିତ୍କାର ଏକାକାର ହୋଇଯାଉଥିଲା । ବିରାଟ ପଥର ଖଣ୍ଡ ଦୁଇଟି ମୋଟର ବୋଟ୍ ଉପରେ ପଡ଼ି ଯିବାରୁ ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଛନ୍ତି। ପାଖାପାଖି ୨୦ ପର୍ଯ୍ୟଟକ । ସେମାନଙ୍କୁ ଖୋଜିବା ଜାରି ରହିଛି । ଶନିବାର ଏହି ଦୁଃଖଦ ଘଟଣା ଘଟିଛି ବ୍ରାଜିଲ୍‌ର ମିନସ ଗେରିସ୍ ପ୍ରଦେଶର କ୍ୟାପିଟୋଲିଓ କ୍ୟାନିୟୋନ୍ସରେ। ଏହା ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ। ପାହାଡ଼ରୁ ବିରାଟ ପଥର ଖଣ୍ଡ ଧସି ବୋଟ୍ ଉପରେ ପଡ଼ିବାର ଦୃଶ୍ୟକୁ କେହି ମୋବାଇଲ୍‌ରେ ସୁଟ୍ କରି ସୋଶାଲ୍ ମିଡିଆରେ ପୋଷ୍ଟ କରିଛନ୍ତି। ▶▶ପୃଷ୍ଠା ୭

## ବୁର୍ଲା ପାୱାର ଚେନେଲରେ ବୁଡ଼ି ୮ ବର୍ଷର ନାବାଳକ ନିଖୋଜ

ଭୁବନେଶ୍ୱର,୦୯/୦୧(ନି.ପ୍ର): ବୁର୍ଲା ପାୱାର କେନାଲରେ ଭାସିଗଲେ ନାବାଳକ । ମାଆଙ୍କ ସହ ଗାଧେଉଥିବାବେଳେ ଏହି ଘଟଣା ଘଟିଛି । ନାବାଳକ ଜଣକ ହେଉଛନ୍ତି ସ୍ଥାନୀୟ ୱାନ ଆର କଲୋନୀର ରୋନକ ପଂଚବିହାର । ସ୍ଥାନୀୟ ଶିବମନ୍ଦିର ଘାଟରେ ଗାଧୋଉ ଥିବା ବେଳେ ଅସାବଧନତା କାରଣରୁ ୮ ବର୍ଷୀୟ ରୋନକ ପାଣିରେ ଭାସି ଯାଇଥଲୋ । ଅଗ୍ନିଶମ ବିଭାଗ ଖୋଜାଖୋଜି ଜାରି ରଖିଛି ।

## ପଶ୍ଚିମବଙ୍ଗରେ କରୋନା ବିସ୍ଫୋରଣ

କୋଲକାତା, ୦୯/୦୧ (ନି.ପ୍ର): ପଶ୍ଚିମବଙ୍ଗରେ କରୋନା ବିସ୍ଫୋରଣ। ରାଜ୍ୟରେ ଓମିକ୍ରନ୍ ସାଂଘାତିକ ରୂପ ଧାରଣ କରିଛି। ରବିବାର ଗୋଟିଏ ଦିନରେ ୨୪,୨୮୭ ଜଣ ରେକଡ଼ସ୍ତରୀୟ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବ ଜଣାପଡ଼ିଛି। ସେଥିରେ କେବଳ କୋଲକାତାର ୮,୭୧୨ ନୂତନ ମାମଲା ରହିଛି। ଏଥିସହ ରାଜ୍ୟରେ ଶନିବାରର କୋଭିଡ୍ ପଜିଟିଭିଟି ହାର ୨୯,୬୦କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସୁଦ୍ଧା ୭୫,୦୪୬ ଜଣ ହୋମ ଆଇସୋଲେସନରେ ଅଛନ୍ତି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବୁଲେଟିନ୍ ଅନୁଯାୟୀ ଗତ ୨୪ ଘଣ୍ଟା ମଧ୍ୟରେ ଉତ୍ତର ୨୪ ପ୍ରଗଣା, ହାଓଡ଼ା, ହୁଗୁଳି, ଦକ୍ଷିଣ ପ୍ରଗଣା ଏବଂ ପଶ୍ଚିମ ବର୍ଦ୍ଧମାରେ ସଂଖ୍ୟାଧିକ ମାମଲା ରେକର୍ଡ଼ ହୋଇଛି। ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ବାୟୋମେଟିକାଲ୍ ▶▶ପୃଷ୍ଠା ୭

## କୋଭିଡ ସ୍ଥିତି ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ସମୀକ୍ଷା



ଭୁବନେଶ୍ୱର, ୦୯/୦୧ (ନି.ପ୍ର): କରୋନାର ନୂଆ ଲହର ତଥା କୋଭିଡ ସ୍ଥିତି ନେଇ ଆଜି ଲୋକସେବା ଭବନରୁ ଭର୍ଚୁଆଲ ମୋଡରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ବୈଠକରେ ଦିଆ ଯାଇଥିବା ସୂଚନା ଅନୁସାରେ କରୋନାର ୩ୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟରେ ବର୍ତ୍ତମାନ ସୁଧା ୭୮୮୧ ଅକ୍ସିଜେନ ବେଡ ପ୍ରସ୍ତୁତ ଅଛି। ସେହିପରି ୨୦୨୪ ଆଇସିୟୁ ବେଡ, ଶିଶୁଙ୍କ ପାଇଁ ୧୦୦୦ ବେଡ ଓ ୮୭୪ ଭେଣ୍ଟିଲେଟର ବେଡ ପ୍ରସ୍ତୁତ ରଖାଯାଇଛି। ବର୍ତ୍ତମାନ ସୁଦ୍ଧା ୯୭ ପ୍ରତିଶତ କରୋନା ରୋଗୀ ଘରେ ଚିକିତ୍ସିତ ହେଉଛନ୍ତି। ମାତ୍ର ୩ ପ୍ରତିଶତ ରୋଗୀ ଘରେ ଚିକିତ୍ସିତ ହେଉଛନ୍ତି। ଏହି ସମୀକ୍ଷା ବୈଠକରେ ସେ ପ୍ରାଥମିକ ସ୍ତରରେ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମୀଙ୍କୁ ଟିକାକରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖୁବଶୀଘ୍ର ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ଯୁଦ୍ଧକାଳୀନ ଭିତରେ କରୋନା ଟିକାର ୩ୟ ଡୋଜ ଦିଆଯାଉ। ଏଥି ସହିତ ଜିଲ୍ଲାପାଳ ମାନେ କୋଭିଡ ହସ୍ପିଟାଲ ବୁଲି ତଦାରଖ କରିବାକୁ ନିର୍ଦ୍ଦେଶ ହୋଇଛି। ଜିଲ୍ଲାପାଳ ମାନେ ହସ୍ପିଟାଲରେ ଉନ୍ନତ ଚିକିତ୍ସା ପାଇଁ ଅତ୍ୟାବଶ୍ୟକ ବ୍ୟବସ୍ଥା କରିବେ। କୋଭିଡ ହସ୍ପିଟାଲରେ ଜଣେ ବି ରୋଗୀ ଯେପରି ଚିକିତ୍ସା ଅବହେଳାର ଶିକାର ନ ହୁଅନ୍ତି ସେ ନେଇ ମୁଖ୍ୟ ଶାସନ ସଚିବଙ୍କ ତାଗିଦ୍ କରିଛନ୍ତି।

## କୂଅ ଭିତରେ ପଡିଲା ହାତୀ ଛୁଆ : ୧୨ ଘଣ୍ଟା ପରେ ଉଦ୍ଧାର



ଭୁବନେଶ୍ୱର,୦୯/୦୧(ନି.ପ୍ର): କେବଳ ମଣିଷ ନୁହଁନ୍ତି ପଶୁମାନଙ୍କ ଭିତରେ ବି ନିଜ ଛୁଆଁଙ୍କ ପ୍ରତି କେମିତି ଭଲ ପାଇବା ରହିଛି ତାହା ଦେଖିବାକୁ ମିଳିଛି ମୟୂରଭଞ୍ଜ ଜିଲ୍ଲାରେ । ହାତୀ ପଲରେ ଥିବା ଏକ ଛୁଆ ହାତୀ କୂଅ ଭିତରେ ଖସି ପଡିବା ପରେ ତାକୁ ଜଗି ରହିଥିଲେ ହାତୀ ପଲ । ଉଦ୍ଧାର କରିନପାରିବାରୁ ଗାଁ ଭିତରେ ତାଣ୍ଡବ ରଚିଥିଲେ । ତେବେ ହାତୀ ଛୁଆ ୧୨ ଘଣ୍ଟା ପରେ ଉଦ୍ଧାର ହେବାରୁ ଜଙ୍ଗଲକୁ ଚାଲିଯାଇଥିଲେ ହାତୀ ପଲ । କୂଅ ଭିତରେ ଉପରକୁ ଉଠିବାକୁ ସଂଘର୍ଷ କରଥିଲା ହାତୀ ଛୁଆ । ହେଲେ ବାରମ୍ବାର ଉଦ୍ୟମ କରିବା ସତ୍ତ୍ୱେ ବି ବିଫଳ ହେଉଥିଲା । ଅନ୍ୟପଟେ ଛୁଆଟିକୁ କୌଣସି ସହାୟତା କରିନପାରିବାରୁ ଉପାୟ ନପାଇ ଏଣେ ତେଣେ ଦଉଡିବାରେ ଲାଗିଥିଲେ ହାତୀ ପଲ । ମୟୂରଭଞ୍ଜ ବେତନଟି ବ୍ଲକ ରାସଗୋବିନ୍ଦପୁର ରେଞ୍ଜ ଅଧିନ ଚାକୁଣ୍ଡାପଦା ଗାଁରୁ ଆସିଥିଲା ଏମିତି କିଛି ଖବର । ମୟୁରଭଞ୍ଜ ବେତନଟ ବ୍ଲକ ରାସଗୋବିନ୍ଦପୁର ରେଞ୍ଜ ଅଧିନ ଚାକୁଣ୍ଡାପଦା ଗାଁର ଜଣଙ୍କ ଖୋଲା କୂଅରେ ପଡିଯାଇଥିଲା ଗୋଟିଏ ହାତୀ ଶାବକ । ହେଲେ ରାତି ହୋଇଥିବାରୁ ହାତୀ ଛୁଆ ଉଦ୍ଧାର ହୋଇପାରିନଥିଲା । ଛୁଆ ହାତୀଟି ପଡିଯିବା ପରେ ହାତୀପଲ ତାକୁ ଛାଡି ଯାଇନଥିଲେ । ଆଉ ରାତିତମାମ ଗାଁ ଦାଣ୍ଡରେ ତାଣ୍ଡବ ରଚିଥିଲେ । ଗାଁରେ ୧୦ରୁ ଅଧିକ ଘରକୁ ▶▶ପୃଷ୍ଠା ୭

## କଂଗ୍ରେସ ଭବନ ଉପରକୁ ପେଟ୍ରୋଲ ବୋମା ମାଡ଼

ଭୁବନେଶ୍ୱର,୦୯/୦୧(ନି.ପ୍ର): ରାଜଧାନୀ ଭୁବନେଶ୍ୱର ସ୍ଥିତ କଂଗ୍ରେସ ଭବନ ଉପରକୁ ଗତକାଲି ବିଳମ୍ବିତ ରାତିରେ ହୋଇଛି ପେଟ୍ରୋଲ ବୋମା ମାଡ଼। କିଏ ଏହି ପେଟ୍ରୋଲ ବୋମା ଫିଙ୍ଗିଛି, ତାହା ଜଣାପଡ଼ି ନଥିବା ବେଳେ ଗୋଷ୍ଠୀକନ୍ଦଳ ଯୋଗୁଁ ଏହା ଘଟିଥିବା କୁହାଯାଉଛି। ପେଟ୍ରୋଲ ବୋମା ମାଡ଼ରେ କଂଗ୍ରେସ ଭବନର କିଛି କ୍ଷୟକ୍ଷତି ହୋଇ ନଥିବା ଜଣାପଡ଼ିଛି। ତେବେ ପେଟ୍ରୋଲ ବୋମା ମାଡ଼ରେ ନିକଟରେ ଥିବା ଗଛରେ ନିଆଁ ଲାଗି ଯାଇଥିଲା। ଘଟଣା ସଂପର୍କରେ ଖବର ପାଇ ପୁଲିସ୍ ସେଠାରେ ପହଞ୍ଚିଥିଲା। ଅଗ୍ନିଶମ ବାହିନୀ ବି ଆସି ସେଠାରେ ପହଞ୍ଚିଥିଲେ ଓ ନିଆଁ ଲିଭାଇ ଥିଲେ। ଗତକାଲି ସନ୍ଧ୍ୟାରେ ଦୁର୍ଗା ମାଧବ ମହଲା ନାମକ ଜଣେ ଯୁବକଙ୍କୁ କଂଗ୍ରେସ ଭବନ ସାମ୍ନାରେ ଆକ୍ରମଣ କରାଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆଉ ଏହାପରେ ବିଳମ୍ବିତ ରାତିରେ କଂଗ୍ରେସ ଭବନରେ ପେଟ୍ରୋଲ ବୋମା ମାଡ଼ କରାଯାଇଥିଲା। ଏହି ଦୁଇଟି ଘଟଣା ମଧ୍ୟରେ କିଛି ସଂଯୋଗ ଅଛି କି ନାହିଁ, ତାହା ସ୍ପଷ୍ଟ ହୋଇ ପାରିନି।


## କୋଭିଡ ଶଯ୍ୟା ସଂଖ୍ୟା ବଢାଇବାକୁ ବିଏମସି ନେଲା ପଦକ୍ଷେପ

ଭୁବନେଶ୍ୱର,୦୯/୦୧(ନି.ପ୍ର): ଭୁବନେଶ୍ୱରରେ ବଢ଼ିଲା କୋଭିଡ୍ ହସ୍ପିଟାଲ ଓ ଶଯ୍ୟା ସଂଖ୍ୟା। କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ନିଆଯାଇଛି ଏହି ପଦକ୍ଷେପ। ପୂର୍ବରୁ ସମ ଓ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲକୁ ଅନୁମତି ମିଳିଥିବା ବେଳେ ଏବେ ହାଇଟେକ ଓ କିମ୍ସ ହସ୍ପିଟାଲ ସହ ଚୁକ୍ତି କରିଛି ବିଏମସି। କିମ୍ସ କୋଭିଡ ହସ୍ପିଟାଲରେ ୫୦୦ ଓ ହାଇଟେକ କୋଭିଡ ହସ୍ପିଟାଲରେ ୨୩୯ଟି ଶଯ୍ୟାର ବ୍ୟବସ୍ଥା କରାଯାଇଛି। ରାଜଧାନୀରେ ଏବେ ମୋଟ କୋଭିଡ୍ ହସ୍ପିଟାଲ୍ ସଂଖ୍ୟା ୪କୁ ବୃଦ୍ଧି ପାଇଥିବା ବେଳେ ଶଯ୍ୟା ସଂଖ୍ୟା ୧୬୯୯କୁ ବୃଦ୍ଧି ପାଇଛି। ଏହା ସହିତ ବିଏମ୍‌ସି ପକ୍ଷରୁ ପଟିଆ ଓ ଡୁମଡୁମା ଠାରେ ୧୦୦ ଶଯ୍ୟା ବିଶିଷ୍ଟ ଦୁଇଟି କୋଭିଡ କେୟାର ସେଣ୍ଟରକୁ କାର୍ଯ୍ୟକ୍ଷମ କରା ଯାଇଛି । ଆବଶ୍ୟକ ସ୍ଥଳେ କୋଭିଡ ହସ୍ପିଟାଲ ଓ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ ବୋଲି ବିଏମସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ।

## ରାତି ଅଧରେ ପଶିଥିଲା ପାକିସ୍ତାନୀ ବୋଟ୍ : ଧରାପଡ଼ିଲେ ୧୦

ଅହମ୍ମଦାବାଦ, ୦୯/୦୧ : ଭାରତୀୟ ସାମୁଦ୍ରିକ ଇଲକାରେ ପାକିସ୍ତାନ ବୋଟ୍ । ଗୁଜରାଟ ଉପକୂଳରୁ ଭାରତୀୟ ଜଳକ୍ଷେତ୍ରରେ ପ୍ରବେଶ କରିଥିବା ଏକ ବୋଟକୁ ଅଟକ ରଖିବା ସହ ୧୦ ଜଣ କୁ ସଦସ୍ୟକୁ ଗିରଫ କରାଯାଇଛି। ଏହି ବୋଟ୍‌ଟି ପାକିସ୍ତାନର ବୋଲି ଜଣାପଡ଼ିଛି। ଭାରତୀୟ ତଟରକ୍ଷୀବାହିନୀ ପଇଁତରା ମାରୁଥିବା ବେଳେ ଶତ୍ରୁ ଦେଶର ଏହି ବୋଟଟି ନଜରରେ ପଡ଼ିଥିଲା। ଜଣେ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି ଯେ, ଏହି ଡଙ୍ଗାର ନାମ 'ୟାସିନ୍' ଶନିବାର ରାତିରେ ଏକ ଅପରେସନ୍ ସମୟରେ ତଟରକ୍ଷୀ ବାହିନୀ ଏହି ବୋଟ୍‌କୁ କାବୁ କରିଥିଲା। ସମ୍ପୃକ୍ତ ଅଧିକାରୀ ଜଣକ ଟ୍ୱିଟ୍ କରି କହିଛନ୍ତି ଯେ, ଭାରତୀୟ ତଟରକ୍ଷୀ ବାହିନୀର ଜାହାଜ ଜାନୁଆରୀ ୮ ତାରିଖ ରାତିରେ ଏକ ଅପରେସନ୍ ସମୟରେ ଆରବ ସାଗରରେ ଭାରତୀୟ ଇଲାକାରେ ଏକ ସନ୍ଦିଗ୍ଧ ଡଙ୍ଗାକୁ ଅଟାଯାଥିଲା। ଏହି ଡଙ୍ଗାଟି ପାକିସ୍ତାନର ଜଣାପଡ଼ିତବା ପରେ ସେଥିରେ ଥିବା ୧୦ ଜଣ କୁ ସଦସ୍ୟଙ୍କୁ ଗିରଫ କରାଯାଇଛି। ଏଥସହ ବୋଟ୍‌ଟିକୁ ଜବତ କରାଯାଇଛି। ଅଧିକ ପଚରାଉଚରା ପାଇଁ ଡଙ୍ଗାକୁ ପୋରବନ୍ଦରକୁ ଅଣାଯାଉଛି। ଗତ ବର୍ଷ ସେପ୍ଟେମ୍ବର ୧୫ରେ କୋଷ୍ଟଗାର୍ଡ ମଧ୍ୟ ଗୁଜରାଟର ଉପକୂଳରୁ ୧୨ଜଣ କୁ ସଦସ୍ୟଙ୍କୁ ନେଇ ଏକ ପାକିସ୍ତାନୀ ଡଙ୍ଗାକୁ ଅଟକାଇଥିଲା। ଏ ସବୁ ବୋଟରେ ଡ୍ରଗ୍ସ ଚୋରା ଚାଲାଣ ବୃଦ୍ଧି ପାଉଛି। ଗତ ବର୍ଷ ଡିସେମ୍ବର ୨୦ରେ ଭାରତୀୟ ତଟରକ୍ଷୀବାହିନୀ ଏବଂ ଏଟିଏସର ମିଳିତ ଅପରେଶନରେ ଏକ ପାକିସ୍ତାନୀ ଡଙ୍ଗାରୁ ୪୦୦ କୋଟି ଟଙ୍କା ମୂଲ୍ୟର ୭୭ କେଜିର ହେରୋଇନ ଜବତ କରାଯାଇଛି। ଏଥିରେ ୬ ଜଣ କୁ ସଦସ୍ୟ ଥିଲେ।

## ୧୧ ରୁ ୧୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା



ଭୁବନେଶ୍ୱର,୦୯/୦୧(ନି.ପ୍ର): ୧୧ ତାରିଖରୁ ପୁଣି ଭିଜେଇବ ଅଦିନିଆ ବର୍ଷା । ୧୧ରୁ ୧୪ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦେଇ ସତର୍କ କରାଯିବା ସହ ଅମଳ ଫସଲକୁ ସୁରକ୍ଷିତ ସ୍ଥାନରେ ସାଇତି ରଖିବାକୁ ପରାମର୍ଶ ଦିଆଯାଇଛି । ପଶ୍ଚିମା ଝଡର ଆଗମନ ଓ ପୂର୍ବ ଦିଗରେ ବଙ୍ଗୋପସାଗରରୁ ଓଡଶାକୁ ପ୍ରବଳ ମାତ୍ରାରେ ଉଷ୍ମ ଜଳୀୟ ବାଷ୍ପର ଅନୁପ୍ରବେଶ ଯୋଗୁଁ ଆଗାମୀ ୧୧ରୁ ୧୪ ଜାନୁଆରୀ ମଧ୍ୟରେ ବର୍ଷା ସମ୍ଭାବନା ରହିଛି । ଓଡିଶାର ଜିଲ୍ଲାଗୁଡିକରେ ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ଏବଂ କିଛି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁଆପଥର ସହ ପ୍ରବଳ ବର୍ଷାର ସମ୍ଭାବନା ରହିଥିବା କହିଛି ଆଞ୍ଚଳିକ ପାଣିପାଗ ବିଭାଗ । ଅର୍ଥାତ ୬ରୁ ୧୧ ସେଣ୍ଟିମିଟର ମଧ୍ୟରେ ବର୍ଷା ହୋଇପାରେ । ଏହି ଅଦିନିଆ ବର୍ଷା ପ୍ରଭାବରେ ଚାଷବାସ ନଷ୍ଟ ହେବା ଆଶଙ୍କା କରି ସତର୍କ ସୂଚନା ଜାରି କରିଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର ।

# ଫୁଲବାଣୀ ସଭାଗୃହରେ ଓମିକ୍ରନ୍ ମହାମାରୀ ନୂଆ ନିୟମ ସମ୍ପର୍କରେ ଆଲୋଚନାଚକ୍ର

କନ୍ଧମାଳ,୯/୧ (ନି.ପ୍ର): ଫୁଲବାଣୀ ସଦର ମହକୁମା ସଭାଗୃହ ଠାରେ ଫୁଲବାଣୀ ମୁଖ୍ୟ ଅତିଥି ଭାବେ ଏଡିଏମ ବସନ୍ତ କୁମାର ସାହୁଙ୍କ ପୌରହିତ୍ୟରେ ଓମିକ୍ରନ ମହାମାରୀ ଉପରେ ସରକାରଙ୍କ ନୂତନ ନିୟମ ପ୍ରଣୟନକୁ ଆଧାର କରି ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉପ ଜିଲ୍ଲାପାଳ ଶେଷଦେବ ମିଶ୍ର, ପୌରପାଳ ଅଧିକାରୀ ବଳଦେବ ବେହେରା, ଫୁଲବାଣୀ ରାଜସ୍ୱ ଅଧିକାରୀ ଦିନମଣି ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ମହେନ୍ଦ୍ର ନାଥ ମୁର୍ମୁ, ଆପତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଯାନବାହାନ ସଂଘର ସଦସ୍ୟ, ଧର୍ମାନୁଷ୍ଠାନର ସଦସ୍ୟ, ବିଭିନ୍ନ ପ୍ରଶାସନିକ ଅଧିକାରୀ, ପୋଲିସ ଅଧିକାରୀ, ବଣିକ ସଂଘର ସଦସ୍ୟ, ଗଣମାଧ୍ୟମ ଏବଂ ଜିଲ୍ଲାର କିଛି ବୁଦ୍ଧିଜୀବୀ ଯୋଗଦେଇଥିଲେ । ମୁଖ୍ୟ ଅତିଥି ଏ. ଡି. ଏମ ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସରକାରଙ୍କ ପକ୍ଷରୁ ଲାଗୁ କରାଯାଇଥିବା କରୋନା ମହାମାରୀର ନୂତନ ନିୟମ ଉପରେ ବୁଝାଇବା ସହ ଏହି ନିୟମକୁ କିପରି କଡାକଡି ଭାବେ ପାଳନ ହେବ ସେ ସମ୍ପର୍କରେ ଅବଗତ କରିଥିଲେ । ସମ୍ମାନିତ ଅତିଥି ଫୁଲବାଣୀ ଉପ ଜିଲ୍ଲାପାଳ ସମ୍ୟକ ବକ୍ତବ୍ୟରେ କରୋନା ମହାମାରୀ ଓମିକ୍ରୋନ କେତେ ମାରାତ୍ମକ ରୋଗ ସେ ସମ୍ପର୍କରେ ବୁଝାଇବା ସହ ବିଗତ ଦିନରେ କନ୍ଧମାଳ ଜିଲ୍ଲାରେ ଯେଉଁ ପରିମାଣରେ କ୍ଷୟକ୍ଷତି, ଅସୁବିଧା, ସଚେତନ ହୋଇଥିଲା ତାହା ଠାରୁ ଅଧିକରୁ ଅଧିକ କିପରି କନ୍ଧମାଳ ଜିଲ୍ଲାର ଜନସାଧାରଣ ସଚେତନ ହେବା ସହ ସୁରକ୍ଷିତ ହୋଇ ରହିପାରିବେ ସେଥି ପ୍ରତି ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଏଥିପ୍ରତି ଆମ ସମସ୍ତଙ୍କର ଦାୟିତ୍ୱ ରହିଥିବା କହିଥିଲେ । ଏହି ଓମିକ୍ରନ ମହାମାରୀ କରୋନା ମହାମାରୀ ଠାରୁ ବହୁ ମାରାତ୍ମକ ହୋଇଥିବାରୁ ଆମ କନ୍ଧମାଳ ଜିଲ୍ଲାରେ ଯେପରି କୌଣସି କ୍ଷତି ନ ହୁଏ ସେଥି ପ୍ରତି ନିୟମ କଡ଼ାକଡ଼ି କରାଯାଇ ଜନସାଧାରଣଙ୍କୁ ସଚେତନ, ସୁରକ୍ଷିତ ରହିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ସଦସ୍ୟ ମାନଙ୍କୁ ନିଜ ନିଜର ମତାମତ ଦେବା ପାଇଁ ସୁଯୋଗ ଦିଆଯାଇଥିଲା । ଆସନ୍ତା କାଲି ତା ୦୮/୦୧/୨୨ ରାତ୍ର ୮ ଟା ଠାରୁ ନାଇଟ କର୍ଫ୍ୟୁ ଜାରି ହେବା ସହ ଯାନିଯାତ୍ରା, ସଭା ସମିତି, ଶୋଭାଯାତ୍ରା, ବିବାହ, ଶୁଦ୍ଧିକ୍ରିୟା ପ୍ରଭୃତି କାର୍ଯ୍ୟରେ କୋଭିଡ୍ ନିୟମ ଲାଗୁ ହେବା ନେଇ ସୂଚନା ଦେଇଥିଲେ ।

# ଜଝାଙ୍ଗ କୃଷି ବିଜ୍ଞାନ କେନ୍ଦ୍ରରେ ପରିଭ୍ରମଣକାରୀ କୃଷକ ଦଳ

କେନ୍ଦ୍ରାପଡ଼ା,୯/୧ (ନି.ପ୍ର): ରାଜ୍ୟ ମଧ୍ୟରେ କୃଷକ ପରିଭ୍ରମଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଯାଜପୁର ଜିଲ୍ଲାର ଧର୍ମଶାଳା ବ୍ଲକ ଅଂଚଳର କେନ୍ଦ୍ରାପଡାର ଜଝାଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ କୃଷି ସମ୍ବନ୍ଧୀୟ ଅନୁଧ୍ୟାନ କରିଥିବା ଜଣାପଡ଼ିଛି । ଯାଜପୁର ଉଦ୍ୟାନ କୃଷି ବିଭାଗର ସହାୟତାରେ ଏହି କୃଷକ ମାନେ ଆଧୁନିକ ପ୍ରଣାଳୀ ଓ ଉନ୍ନତମାନର କୃଷିକାର୍ଯ୍ୟ ଉପରେ ପ୍ରତ୍ୟେକ୍ଷ ଜ୍ଞାନ ଆହୋରଣ ପାଇଁ ପରିଭ୍ରମଣ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି । ଉନ୍ନତମାନର ଚାରା, କୃଷି ଯନ୍ତ୍ରପାତି ଓ ନୂତନ କୌଶଳରେ କୃଷିକାର୍ଯ୍ୟ ସଂପାଦନା କରିବା ଉଦ୍ଦେଶ୍ୟରେ ଏହି ପରିଭ୍ରମଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଯାଜପୁର ଜିଲ୍ଲା ଉଦ୍ୟାନର କୃଷି ବିଭାଗ କର୍ମଚାରୀ ମାନଙ୍କ ସହ ଆସିଥିବା ଏହି ଚାଷୀମାନେ ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ସୂର୍ଯ୍ୟ ନାରାୟଣ ମିଶ୍ରଙ୍କ ସହିତ ବୈଜ୍ଞାନିକ ଡ଼ଃ ପ୍ରଭଞ୍ଜନ ମିଶ୍ର, ବୈଜ୍ଞାନିକ ଡ଼ଃ ନମିତା ମହାପାତ୍ର, ବୈଜ୍ଞାନିକ ଡ଼ଃ ତାପସ ରଞ୍ଜନ ସାହୁ, ବୈଜ୍ଞାନିକ ଡ଼ଃ ମାନସ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଅବକାରୀ ଚଢ଼ଉ : ୩୧ ଲିଟର ମହୁଲି ମଦ ଜବତ, ୪ ଗିରଫ

ଘସିପୁରା,୯/୧ (ନି.ପ୍ର): ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୩୧ ଲିଟର ମହୁଲି ମଦ ଜବତ କରାଯିବା ସହିତ ଘଟଣାରେ ୪ ଜଣଙ୍କୁ ଗିରଫ କରାଯାଇଛି । ସୂଚନାରୁ ଜଣାଯାଏ, ଘସିପୁର ଥାନା ଅନ୍ତର୍ଗତ ବୀରଗୋବିନ୍ଦପୁର, କୋଳିମାଟି, ଧକୋଠା ଗ୍ରାମରେ ଚୋରା ମହୁଲି ମଦ କାରବାର ଚାଲିଥିବା ଖବର ପାଇ ଆନନ୍ଦପୁର ଅବକାରୀ ବିଭାଗ ପକ୍ଷରୁ ଉକ୍ତ ଗ୍ରାମରେ ଚଢ଼ଉ କରାଯାଇଥିଲା । ଚଢ଼ଉ ବେଳେ ସେଠାରୁ ୩୧ ଲିଟର ମହୁଲି ମଦ ଜବତ କରାଯିବା ସହିତ ଘଟଣାରେ ଗୋବିନ୍ଦପୁର ଗ୍ରାମର ସଦାଶିବ ଚୁଡୁ (୫୫), ରାଇମଣି ସୋରେନ (୪୨ ), ମାଳତୀ ସୋରେନ (୪୧) ଏବଂ କୋଳିମାଟି ଗ୍ରାମର ଅଯୋଧ୍ୟା ନାୟକ (୩୧) ଙ୍କୁ ଗିରଫ କରାଯାଇଛି ।

ଏହି ଚଢଉରେ ପ୍ରଫୁଲ କୁମାର ମହାନ୍ତ, ନରେନ୍ଦ୍ର କୁମାର ପ୍ରଧାନ, ସଂଜୀବ ସେଠୀ, ସୁଶାନ୍ତ କୁମାର ରାଉତ, ଲକ୍ଷ୍ମଣ ମହାନ୍ତ ପ୍ରମୁଖ ସାମିଲ ଥିବା ଜଣାପଡିଛି ।

## ବେଆଇନ ଗୋରୁ ଚାଲାଣକୁ ନେଇ ଅସନ୍ତୋଷ

ନୂଆପଡ଼ା,୯/୧ (ନି.ପ୍ର): ବେଆଇନ ଗୋରୁ ଚାଲାଣକୁ ନେଇ ଲୋକଙ୍କ ମନରେ ଅସନ୍ତୋଷ ଦେଖାଦେଇଛି । ସପ୍ତାହର ପ୍ରତି ବୁଧବାର ଦିନ ଖଡିଆଳ ଭବାନୀପାଟଣା ରାସ୍ତାରେ ହଜାର ହଜାର ଗାଈ ଗୋରୁକୁ ବେଆଇନ ଭାବରେ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଛି । ଖବର ମତେ ବଲାଙ୍ଗିର ଜିଲ୍ଲା କଂଟାବାଂଜି ହାଟରୁ ଗାଈଗୋରୁକୁ କ୍ରୟ କରି କଳାହାଣ୍ଡି ଜିଲ୍ଲାର ଧର୍ମଗଡ ନିଆଯାଏ ଓ ସେଠାରୁ ବାହାର ରାଜ୍ୟକୁ ପଠାଯାଏ । ମାଂସ ରପ୍ତାନୀ ପାଇଁ ଏସବୁ ନିଆଯାଉଥିବା ଲୋକେ ସନ୍ଦେହ କରୁଛନ୍ତି । କଂଟାବାଂଜି ଠାରୁ ଧର୍ମଗଡ ଦୂରତା ୧୦୦ କିଲୋମିଟରୁ ଅଧିକ ଥିବା ବେଳେ ଗର୍ଭବତୀ ଗାଈ ସହ ଛୋଟଛୋଟ ବାଛୁରୀକୁ ମଧ ନିଆଯାଏ । କଷ୍ଟ ସହ୍ୟ କରିନପାରି ଅନେକ ଗାଈ ଓ ବାଛୁରୀ ବାଟରେ ମୃତ୍ୟୁ ବରଣ କରୁଥିବା ବେଳେ ଚାଲାଣକାରୀ ମାନେ ମୃତ୍ୟୁ ଜାଗାରେ ଶବଛାଡ଼ି ଚାଲିଯାଇଥାନ୍ତି । ମୃତ ଶରୀରରୁ ଦୁର୍ଗନ୍ଧ ଆଖପାଖ ଗ୍ରାମରେ ଖେଳିଯାଇଥାଏ । ଫଳରେ ଲୋକେ ଅସହ୍ୟ ବୋଧ କରିଥାନ୍ତି । ୧୦ ରୁ ଅଧିକ ଠିକାଦାର ଏହି କାର୍ଯ୍ୟରେ ସଂଶ୍ଲିଷ୍ଟ ଥିବା ବେଳେ ସ୍ଥାନୀୟ ଲୋକଙ୍କୁ କମ ମଜୁରୀରେ ଏହି କାମ ପାଇଁ ନିୟୋଜିତ କରିଥାନ୍ତି । ହିନ୍ଦୁଧର୍ମରେ ଗାଈକୁ ମାଁ ବୋଲି ମାନ୍ୟତା ଦିଆଯିବା ଓ ପୂଜାର୍ଚ୍ଚନା କରାଯାଇଥାଏ । କିନ୍ତୁ ଏପରି ବେଆଇନ ଭାବରେ ଚାଲାଣ କରାଯାଉଥିବାରୁ ଭବିଷ୍ୟତରେ ଅଶାନ୍ତି ସୃଷ୍ଟି ହୋଇପାରେ । ପ୍ରଶାସନ ଏଦିଗରେ ଯତ୍ନବାନ ହେବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି ।

## ଅଜଣା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାରରେ ବହୁଲୋକଙ୍କ ଯୋଗଦାନ

ସମ୍ବଲପୁର,୯/୧ (ନି.ପ୍ର): ସମ୍ବଲପୁର ଜିଲ୍ଲା ସଦର ମହକୁମା ସ୍ଥିତ ରାଜଘାଟ ସଂସ୍କାର ଘାଟରେ ଆଜି ଜଣେ ଅଜଣା ବ୍ୟକ୍ତିଙ୍କ ଅନ୍ତିମ ସଂସ୍କାର କରାଯାଇଛି । ସମ୍ବଲ ଏନଜିଓ ନାମକ ଏକ ବେସରକାରୀ ସଂସ୍ଥା ଏହିଭଳି ବିଭିନ୍ନ ସମୟରେ ଅଜଣା ମୃତବ୍ୟକ୍ତିଙ୍କ ସଂସ୍କାର କରୁଥିବା ବେଳେ ଆଜି ଏହା ୫ଶହ ତମ ସଂଖ୍ୟାରେ ପହଂଚିଛି । ତେବେ ସଂସ୍ଥାର ଏଭଳି ମାନସିକତାକୁ ସମ୍ମାନ ଜଣାଇ ଆଜିର ଏହି ସଂସ୍କାର କାର୍ଯ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବହୁ ବରିଷ୍ଠ ପ୍ରଶାସନିକ ଅଧିକାରୀ, ସମାଜସେବୀଙ୍କ ଯୋଗଦାନ ସମ୍ପ୍ରତି ପରିବର୍ତ୍ତନଶୀଳ ସମାଜର ଏହା ଏକ ପ୍ରାରମ୍ଭିକ ପଦକ୍ଷେପ ବୋଲି ବିଭିନ୍ନ ମହଲରୁ ମତ ପ୍ରକାଶ ପାଇଛି ।

# ଚାଷୀମାନେ ଅଭାବୀ ବିକ୍ରିର ଶିକାର, ସରକାର ଦୁଇଦିନରେ ଧାନ କିଣନ୍ତୁ : କିଷାନ କଂଗ୍ରେସ

ବଲାଙ୍ଗିର,୯/୧ (ନି.ପ୍ର): ରାଜ୍ୟ କିଷାନ କଂଗ୍ରେସର ଏକ ଦଳ ଆଜି ଜିଲ୍ଲାର ବିଭିନ୍ନ ମଣ୍ଡି ପରିଦର୍ଶନ କରିବା ପରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରି ଧାନ କିଣାକୁ ନେଇ ତୀବ୍ର ଉଦବେଗ ପ୍ରକାଶ କରିଛି । ଧାନ କିଣା ପାଇଁ ସରକାରଙ୍କ ସମସ୍ତ ପ୍ରସ୍ତୁତି ଫେଲ ମାରିଥିବା ବେଳେ ଏ ବର୍ଷ ମଧ ଚାଷୀ ଅଭାବି ବିକ୍ରିର ଶିକାର ହେଉଥିବା ଦେଖିବାକୁ ମିଳିଛି । ରାଜ୍ୟ ସାରା ଚାଷୀ କଟନି ଛଟନିର ଶିକାର ହେଉଥିବା ସହ କେବଳ ଅଖା ଦୁର୍ନୀତି ୩ ହଜାର କୋଟିକୁ ପହଞ୍ଚିଥିବା କଂଗ୍ରେସ ଅଭିଯୋଗ କରିଛି । ଆହୁରି ଅଦିନିଆ ବର୍ଷା ଚାଷୀଙ୍କ ପାଇଁ କାଳ ସାଜି ଆସୁଥିବା ବେଳେ ଚାଷୀକୂଳ ରକ୍ଷା ପାଇଁ ରାଜ୍ୟ ସରକାର ଆସନ୍ତା ଦୁଇ ଦିନ ମଧ୍ୟରେ ସମସ୍ତ ଧାନ କିଣି ନିଅନ୍ତୁ ବୋଲି କିଷାନ କଂଗ୍ରେସ ଦୃଢ ଦାବୀ କରିଛି ।

ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକଙ୍କ ସଭାପତିତ୍ୱ ତଥା ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ସମରେନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ କିଷାନ କଂଗ୍ରେସ ପ୍ରଶାସନର ଧାନ କିଣା ବ୍ୟବସ୍ଥାକୁ ନେଇ ପ୍ରଶ୍ନ କରିଛି । ପ୍ରସ୍ତୁତି ବୈଠକରେ ଧାର୍ଯ୍ୟ ହୋଇଥିବା କୌଣସି ନିୟମ ପାଳନ କରାଯାଉ ନଥିବା ବେଳେ ଧାନକିଣାରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରସ୍ତାବିତ ସିସି ଟିଭି ମଧ କୌଣସି ମଣ୍ଡିରେ ଦେଖିବାକୁ ମିଳିନାହିଁ । ଯଦ୍ଦ୍ୱାରା ସମଗ୍ର ଧାନ କିଣା ବ୍ୟବସ୍ଥା ମିଲ ମାଲିକଙ୍କ ମର୍ଜିରେ ଚାଲିଥିବା ଶ୍ରୀ ପଟ୍ଟନାୟକ କହିଛନ୍ତି । ଚାଷୀ, ଚାଷ ଓ ଅମଳକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ଭୋଟ ରାଜନୀତି କରୁଛନ୍ତି । ଚାଷୀକୂଳ ପ୍ରତି କାହାର ଦରଦ ନାହିଁ ବୋଲି ମତ ପ୍ରକାଶ ପାଇଛି । କିନ୍ତୁ କଂଗ୍ରେସ ଦଳ ଚାଷୀଙ୍କ ହକ ପାଇଁ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଲଢେଇ ଜାରି ରଖିଥିବ ବୋଲି ଶ୍ରୀ ମିଶ୍ର ସାମ୍ବାଦିକଙ୍କୁ ନିଜ ପ୍ରତିକ୍ରିୟାରେ କହିଥିଲେ । ସେହିପରି ଧାନ କିଣା କେନ୍ଦ୍ରମାନଙ୍କରେ ଭିତ୍ତିଭୂମିର ଅଭାବ, ଅଭାବି ବିକ୍ରି, ପ୍ରତି କ୍ୱିଣ୍ଟାଲରେ ୫ରୁ ୮କେଜି କଟନି ଛଟନି ଓ ଅସାଧୁ କର୍ମଚାରୀ ଓ ମିଲମାଲିକଙ୍କ ମଧୁ ଚନ୍ଦ୍ରିକା ଦାଉରେ ତଳି ତଳାନ୍ତ ଚାଷୀର ଆୟକୁ ଦୁଇ ଗୁଣା କିପରି କରିବ ବୋଲି ମଞ୍ଚାସୀନ ରାଜ୍ୟ କିଷାନ କଂଗ୍ରେସ ସଂପାଦକ ଚଗଲା ପରିଛା, ଜିଲ୍ଲା ଅଧକ୍ଷ ସାନନ୍ଦ ମିଶ୍ର ଓ ଜିଲ୍ଲା କଂଗ୍ରେସ ସଭାପତି ଦିଲିପ ବେହେରା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଉପରେ କଟାକ୍ଷ କରିଥିଲେ । ତେବେ ରାଜ୍ୟ ସରକାର ଏହି ରୁଗ୍ଣ ଧାନକିଣା ବ୍ୟବସ୍ଥାର ତୁରନ୍ତ ସମାଧାନ ନକଲେ କଂଗ୍ରେସ ଅଗାମୀ ଦିନରେ ଚାଷୀକୂଳଙ୍କୁ ନେଇ ଦୁର୍ବାର ଆନ୍ଦୋଳନ କରିବ ବୋଲି ମତ ପ୍ରକାଶ ପାଇଥିଲା । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କିଷାନ କଂଗ୍ରେସ ଜିଲ୍ଲା ସଂପାଦକ ସରୋଜ ରଥ, ସେବାଦଳ ଅଧକ୍ଷ ଅସୀତ ମିଶ୍ର, ଲଳିତ ପଟେଲ, ଗଗନ ନାଥ, କାନ୍ତେଶ୍ୱର ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଛାତ୍ର କଂଗ୍ରେସ ସଭାପତି ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ

# ସାହିତ୍ୟିକ ମନ୍ଦରଧର ମହାପାତ୍ରଙ୍କ ପରଲୋକ



ବାସୁଦେବପୁର,୯/୧ (ନି.ପ୍ର): ବିଶିଷ୍ଟ ସାହିତ୍ୟିକ, ସାମ୍ବାଦିକ ଓ ସମାଜସେବୀ ମନ୍ଦର ଧର ମହାପାତ୍ର ଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଉଚ୍ଚ ରକ୍ତଚାପ ଜନିତ ରୋଗରେ ସେ ପୀଡ଼ିତ ଥିଲେ । ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସ୍ୱର୍ଗତ ମହାପାତ୍ର ଙ୍କ ବାସଭବନରେ ପହଂଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ମହାପାତ୍ର ସିମୁଳିଆ ବ୍ଲକର ଗୋପୀବିନ୍ଧା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ସ୍ୱର୍ଗତ ମହାପାତ୍ର ଙ୍କ ଶବାଧାର ପାଖରେ ତାଙ୍କର ପୁତ୍ର ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ପରିବାର୍‌ବର୍ଗ, ଆତ୍ମୀୟ ସ୍ୱଜନ, ଖବରକାଗଜ ବିତରକ ସଂଘ, ବାସୁଦେବପୁର ର ସାମ୍ବାଦିକ ବନ୍ଧୁ ଉପସ୍ଥିତ ଥିଲେ । ସ୍ୱର୍ଗତ ମହାପାତ୍ର ଙ୍କ ମୃତ୍ୟୁ ରେ ସହିଦ ତୀର୍ଥଯାତ୍ରୀ ସଂଘ ର ପ୍ରତିଷ୍ଠାତା ତ୍ରୈଲୋଚନ ଜେନା, ନାରିନେତ୍ରୀ ବନଲତା ଜେନା, କବି ସୁଧାଂଶୁ ଶେଖର ମିଶ୍ର, କବି ଅଭିମନ୍ୟୁ ବେହେରା, ଶିକ୍ଷାବିତ ଦୁଃଶାସନ ରାଉତ, ଗୀତିକାର ପିତାମ୍ବର ମିଶ୍ର, କବି ରତ୍ନାକର ପଣ୍ଡା, କବି ପ୍ରହଲ୍ଲାଦ ବାରିକ, କବି ରତ୍ନାକର ବାରିକ, ଗାଳ୍ପିକ ସୁଦର୍ଶନ ସାମଲ, ଅବସରର ସମ୍ପାଦକ କବି ବନମାଳୀ ବାରିକ, ବାଇ ଚଢେଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀ, ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି ପ୍ରମୁଖ ଶୋକପ୍ରକାଶ କରିଛନ୍ତି । ୧୯୭୧ ମସିହାରେ ବାସୁଦେବପୁର ବ୍ଲକ କୁ ସ୍ୱର୍ଗତ ମହାପାତ୍ର ପ୍ରଥମେ ଖବରକାଗଜ ଆଣିଥିଲେ । କବିତା, ଗଳ୍ପ ଓ ପ୍ରବନ୍ଧ ଲେଖି ସେ ସାହିତ୍ୟ ଜଗତରେ ଲୋକପ୍ରିୟ ହୋଇଥିଲେ । ବାସୁଦେବପୁର ସହରରେ ମେଡିକାଲ ଠାରେ ଥିବା ରୁକ୍ମିଣୀ ମେଡ଼ିକାଲ ଷ୍ଟୋର ର ସେ ପ୍ରତିଷ୍ଠାତା ଥିଲେ । ସେ ଖୁବ ମିଷ୍ଟଭାଷୀ ଓ ସରଳ ଚିନ୍ତାଧାରା ର ମଣିଷ ଥିଲେ । ତାଙ୍କର ବିୟୋଗରେ ବାସୁଦେବପୁର ବ୍ଲକ, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲା ରେ ଶୋକର ଛାୟା ଖେଳିଯାଇଛି ।

# ଖରିଫ୍ ଧାନ ସଂଗ୍ରହରେ ବରଗାଁ ଧାନମଣ୍ଡି ଆଗରେ

ନୂଆପଡ଼ା,୯/୧ (ନି.ପ୍ର): ବର୍ତ୍ତମାନ ଚାଲିଛି ଖରିଫ ଧାନ ସଂଗ୍ରହ ପାଇଁ ଧାନ କିଣା । ଏଥିପାଇଁ ଡିସେମ୍ବର ୩ ତାରିଖରୁ କୋଣ ଅନୁକୋଣରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାନ କିଣା ଚାଲିଛି । ତେବେ ଜିଲ୍ଲାର ଅଧିକାଂଶ ମଣ୍ଡିରେ ଶହ ଶହ ଧାନ ବସ୍ତା ପଡିରହିଥିବା ବେଳେ ଚାଷୀ ମାନେ ନିଜ ନିଜ ଧାନବସ୍ତାକୁ ଜଗି ରହିଥିବା ବେଳେ ଚାଷୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଥିବା ପରିଲକ୍ଷିତ ହେଉଛି । ତେବେ ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ବରଗାଁ ଠାରେ ଥିବା ସେବା ସମବାୟ ସମିତି ପକ୍ଷରୁ ଖୋଲାଯାଇଥିବା ମଣ୍ଡିରେ ସଫଳତାର ସହ ଚାଷୀଙ୍କ ଠାରୁ ଧାନକିଣା ଚାଲିଛି । ସେବା ସମବାୟ ସମିତିର ସଂପାଦକ ଭାଗିରଥି ପଟେଲଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ବରଗାଁ ସେବା ସମବାୟ ସମିତି ପକ୍ଷରୁ ଡିସେମ୍ବର ୩ ତାରିଖରୁ ମଣ୍ଡି ଖୋଲାଯାଇଥିବା ବେଳେ ଜାନୁଆରୀ ୮ ତାରିଖ ସୁଦ୍ଧା ମୋଟ ୪୪୬ ଜଣ ଚାଷୀଙ୍କ ଠାରୁ ୧୫୪୧୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଯାଇଛି । ପ୍ରତିଦିନ ଇସ୍ୟୁ ହୋଇଥିବା ଟୋକନ ଅନୁସାରେ ସେହି ଅନୁସାରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେଉଅଛି ଫଳରେ ଚାଷୀକୁ ଧାନ ଜଗିବାକୁ ପଡୁନାହିଁ କି ହଇରାଣ ହରକତ ହେବାକୁ ପଡୁନାହିଁ । ଯାହାଦ୍ୱାର ଚାଷୀ ମାନଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି । ତେବେ ଗତ ଯାନ୍ତ୍ରିକ ତ୍ରୁଟି କିମ୍ବା କୌଣସି କାରଣବଶତଃ ଡିସେମ୍ବର ୨୬ , ୨୭ ଏବଂ ୨୮ ତାରିଖରେ ସଂଗ୍ରହ ହୋଇଥିବା ୬୫ ଜଣ ଚାଷୀଙ୍କ ଆକାଉଣ୍ଟ ଟଙ୍କା ଜମା ହୋଇ ପାରି ନ ଥିବା ସଂପାଦକ ପଟେଲ କହିଛନ୍ତି ।

# ଇନଡୋର ଷ୍ଟାଡିୟମର ଭିତ୍ତି ପ୍ରସ୍ତର ସ୍ଥାପନ କଲେ ବିଧାୟକ




ବାସୁଦେବପୁର,୯/୧ (ନି.ପ୍ର): ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ୧୦ କୋଟି ଟଙ୍କା ବ୍ୟୟରେ ଏକ ଇନଡୋର ଷ୍ଟାଡିୟମର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁବ୍ରତ ରାଉତରାୟ । କ୍ରୀଡା କ୍ଷେତ୍ରରେ ଏହା ଏକ ଐତିହାସିକ ପଦକ୍ଷେପ । ଏହି ଉତ୍ସବ ରେ ଅନ୍ୟ ମାନଙ୍କ ମଧ୍ୟରେ ଯୋଗଦେଇଥିଲେ ବିଧାୟକ ପ୍ରତିନିଧି ଅସିତ କୁମାର ଦାଶ, ସାଂସଦ ପ୍ରତିନିଧି ସୁରେଶ ଚନ୍ଦ୍ର ମହାନ୍ତି, ବିଜେଡି ର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ନଗର ସଭାପତି ଶ୍ୟାମ ସୁନ୍ଦର ମହାନ୍ତି, ପ୍ରଧାନ ଶିକ୍ଷକ ଯାମିନି କାନ୍ତ ପାଢ଼ୀ, ମାନସ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାପତି କାଳନ୍ଦୀ ସାହୁ, ଅକ୍ଷୟ ମହାନ୍ତି, ଇଂ ସମ୍ବିତ ମହାନ୍ତି, ଶରତ ଭାଇ ପ୍ରମୁଖ ଯୋଗ ଦେଇଥିଲେ ।

# ତ୍ରିରଙ୍ଗା କ୍ଲବ ଆନୁକୂଲ୍ୟରେ ମାସ୍କ ବଂଟନ

ଧର୍ମଶାଳା,୯/୧ (ନି.ପ୍ର): ପୁଣି କରୋନା ଡରାଇଲାଣି । ସତର୍କ ରହିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି । ଏହି କ୍ରମରେ ଆଜି ଯାଜପୁର ଜିଲାର ଅଗ୍ରଣୀ କ୍ଲବ 'ତ୍ରିରଙ୍ଗା' ପକ୍ଷରୁ ଏକ ମାସ୍କ ବଂଟନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କ୍ଲବ ଅନୁକୂଲ୍ୟରେ ଧର୍ମଶାଳା ଥାନା ଅଧିକାରୀ ରାକେଶ ତ୍ରିପାଠୀଙ୍କ ତତ୍ୱବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଜାରକାସ୍ଥିତ ଶାନ୍ତିବଜାରଠାରେ ସ୍କୁଲ, କଲେଜର ଛାତ୍ରଛାତ୍ରୀ ଓ ବାଇକ୍ ଚାଳକମାନଙ୍କୁ ମାସ୍କ ପ୍ରଦାନ କରାଯିବା ସହ ଏହାର ପ୍ରତିକାର ପାଇଁ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମରେ ତ୍ରିରଙ୍ଗା କ୍ଲବର ସଭାପତି କ୍ଷୀତିଶ କୁମାର ମହାନ୍ତି, ସମ୍ପାଦକ ନିରଞ୍ଜନ ସାମଲ, ସୁନିଲ କୁମାର ରାଉତ, ଅଶୋକ କୁମାର ପାଲ, ମହମ୍ମଦ ଅଜିଜୁଲ୍ଲା, ପ୍ରିୟବ୍ରତ ପ୍ରଧାନ, ସମୀର ଖୁଂଟିଆ, ସଂଗ୍ରାମ ମହାନ୍ତି ଓ ରଂଜନ ଓଝା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିବା ସହ ଜନସାଧାରଣଙ୍କୁ ମାସ୍କ ବଂଟନ କରିଥିଲେ । ତେବେ ଆଗକୁ ମାସ୍କ ନ ପିନ୍ଧିଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ଜନସାଧାରଣଙ୍କୁ ସଚେତନ କରାଇଥିଲେ ।

# ବିଜେପି ତରଫରୁ ମହାତ୍ମାଗାନ୍ଧୀଙ୍କ ମୂର୍ତ୍ତିତଳେ ମୌନ ଧାରଣା

କେନ୍ଦ୍ରାପଡ଼ା,୯/୧ (ନି.ପ୍ର): କେନ୍ଦ୍ରାପଡା ବିଜେପି ଶାଖା ତରଫରୁ ଗରାପୁର ସ୍ଥିତ ମହାତ୍ମାଗାନ୍ଧୀଙ୍କ ମୂର୍ତ୍ତି ତଳେ କଂଗ୍ରେସକୁ ସଦ୍‌ବୁଦ୍ଧି ପ୍ରଦାନ ନିମନ୍ତେ ଧାରଣା ଦିଆଯାଇ ଥିଲା । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ ସମୟରେ ଅବ୍ୟବସ୍ଥା ଓ ମୋଦିଙ୍କ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ପଞ୍ଜାବର କଂଗ୍ରେସ ସରକାର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ ନକରିବା ଅଭିଯୋଗ କରି ଶନିବାର ଶତାଧିକ ବିଜେପି କର୍ମୀ ଓ ନେତା ଉକ୍ତ ଘଟଣାର ପ୍ରତିବାଦ ସ୍ୱରୂପ ଧାରଣାରେ ୨ଘଣ୍ଟାକାଳ ବସି ରହିଥିଲେ । ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଏହି ୨ଘଣ୍ଟିଆ ମୌନ ଧାରଣାରେ ବିଜେପିର ବରିଷ୍ଠ ନେତା ଅଲେଖ ଜେନା, ସୁନାକର ବେହେରା, ଜିଲ୍ଲା ଉପ ସଭାପତି କଳ୍ପନା ମଲିକ, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ବିକ୍ରମାଦିତ୍ୟ ସାହୁ, ପ୍ରଜେଶ ନାୟକ, ଲଲାଟ କେଶରୀ ସାମଲ, ଦିଲିପ ଦାସ, ଦେବାଶିଷ ଦାସ, ରଞ୍ଜିତ ଆଚାର୍ଯ୍ୟ, ବୁରହାନ ଅଲ୍ଲୀ, ନେହେରୁ ସାହୁ ପ୍ରମୁଖ ନେତୃ ମଣ୍ଡଳୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ ଅନିଲ

ପୁରୀ,୯/୧ (ନି.ପ୍ର): ଶ୍ରୀମନ୍ଦିର ଚୌହଦିରେ ୭୫ ମିଟର ପର୍ଯ୍ୟନ୍ତ ସ୍ଥାନକୁ ସରକାର ଦଖଲକୁ ନେବା ପାଇଁ ବାସଗୃହ ଉଚ୍ଛେଦ କାର୍ଯ୍ୟ ୨ ବର୍ଷ ହେଲାଣି ଚାଲିଛି । ଗଡ଼ନ୍ତି ଛକରେ କିଛି ବାସଗୃହ ଉଚ୍ଛେଦ ହୋଇନଥିବା ବେଳେ ତାହାକୁ ହଠାତ୍ ଉଚ୍ଛେଦ କରାଯିବାରୁ ବାସଗୃହ ମାଲିକମାନେ ପ୍ରତିବାଦ କରିଥିଲେ । ଉପଯୁକ୍ତ କ୍ଷତିପୂରଣ ଦିଆଯାଇନାହିଁ ବୋଲି ଅଭିଯୋଗ କରି ମିଷ୍ଟର ଇଣ୍ଡିଆ ଉପାଧିଧାରୀ ଅନିଲ ଗୋଛିକାର ଆଜି ପୁଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ସର୍କିଟ ହାଉସ ଚଲାପଥ ଉପରେ ଧାରଣାରେ ବସିଛନ୍ତି । ପୂର୍ବରୁ ୨ ଦିନ ତଳେ ଧାରଣାରେ ବସିଥିବା ବେଳେ ପ୍ରଶାସନ ଆଶ୍ୱସନା ଦେଇ ଉଠାଇଥିଲେ । ଉପଯୁକ୍ତ କ୍ଷତିପୂରଣ ମିଳିନାହିଁ ବୋଲି ଓ ଲାରାକୋର୍ଟ ନିର୍ଦ୍ଦେଶକୁ ଲିଖିତ ଆକାରରେ ପ୍ରଦର୍ଶିତ ନକରି ଭୂଲ୍ ତଥ୍ୟ ଦେଇ ପ୍ରଶାସନିକ ଅଧିକାରୀ ବେଆଇନ ଭାବେ ଘର ଭାଙ୍ଗିଛନ୍ତି ବୋଲି ଅନିଲଙ୍କ ଓକିଲ ଅମିତ ଦାସ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ମଧ ଅନିଲ ଆଜି ସିଂହଦ୍ୱାର ଥାନାରେ ଏତଲା ଦେଇଥିବା କହିଛନ୍ତି । ଏହି ଏତଲାରେ ସେ ଦର୍ଶାଇଛନ୍ତି ଯେ, ଗୋପୀନାଥ ଭବନ, ଶ୍ରୀହରି ଭିଲା, ରଘୁନାଥ ଅତିଥି ବିହାର, ବାସେଲୀ ସାହି ଓ ଚୁଡ଼ଙ୍ଗ ସାହି ମୌଜାରୁ ଗତ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା । ଏହି ବେଆଇନ ଉଚ୍ଛେଦକୁ ଅନିଲ ବିରୋଧ କରିଛନ୍ତି । ଏହା ସହ ଲଜିଂରୁ ଟିଭି ଓ ଏସି ଚୋରି ହୋଇଯାଇଥିବା ଦର୍ଶାଇଛନ୍ତି । ଏ ସମ୍ପର୍କରେ ମଧ ପୁରୀ ଏସପି, ଡ଼ିଜିପି ଓଡ଼ିଶା, ବାସେଲୀ ସାହି ଟାଉନଥାନା ଆଇଆଇସି, ଜାତୀୟ ମାନବିକ ଅଧିକାର କମିଶନଙ୍କୁ ମଧ ଜଣାଇଛନ୍ତି ।

# କୋଟିପଦର ଗ୍ରାମଠାରେ ଜାତୀୟ ସେବା ଯୋଜନା ମହିଳା ୟୁନିଟ ଶୁଭାରମ୍ଭ

ନୂଆପଡ଼ା,୯/୧ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡିଆଳ ବ୍ଲକ ଅନ୍ତର୍ଗତ କୋଟିପଦର ଗ୍ରାମ ଠାରେ ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ଶିବିର ମହିଳା ୟୁନିଟ ଶୁଭାରମ୍ଭ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଗଙ୍ଗାଧର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୀତକାଳୀନ ଶିବିରରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର କୁଳପତି ଡ. ସଂଜୟ ଶତପଥୀ ଯୋଗଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପରେ ଛାତ୍ରୀ ମାନେ କୋଟିପଦର ଗ୍ରାମର ଘର ଘର ବୁଲି କରୋନା ସର୍ଭେ କରିବା ସହ କୋଭିଡ ଟିକା ନେବା ପାଇଁ ପ୍ରବତାଇ ଥିଲେ । ଆଜିର କାର୍ଯ୍ୟକ୍ରମରେ ୨୫ ଜଣ ଛାତ୍ରୀଙ୍କ ସହ ପ୍ରୋଗ୍ରାମ ଅଫିସର ପ୍ରଣତୀ ପଣ୍ଡା ନେତୃତ୍ୱ ନେଇଥିଲେ । ଏଥିରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟର ସଂଯୋଜକ ଚିତରଞ୍ଜନ ଖୁଂଟିଆ, ନୂଆପଡା ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ମୁଣ୍ଡ, ସିଣ୍ଡିକେଟ ସଭ୍ୟ ଫଣିନ୍ଦମ ସିଂଦେଓ, କଲେଜ ଅଧକ୍ଷ ଗଙ୍ଗାଧର ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପିକା, ଅଧ୍ୟାପକ ଯୋଗଦାନ କରିଥିଲେ ।

# କର୍ମଚାରୀଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ବଲାଙ୍ଗିର ,୯/୧ (ନି.ପ୍ର): ବଲାଙ୍ଗିର ସିଭିଲ କୋର୍ଟ ମୁଖ୍ୟ କିରାଣି ପଂଚାନନ ପଟନାୟକ ଜିଲ୍ଲା ଜଜ କୋର୍ଟ ପେସ୍କାର୍ କୃଷ୍ଣ ପ୍ରସାଦ ମିଶ୍ର ଙ୍କୁ ଆଜି କର୍ମଚାରୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ନେପାକ ଅଧକ୍ଷତାରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଦୌରାଜଜ୍ ଲୋକନାଥ ମହାପାତ୍ର ଯୋଗଦେଇ ଉପଢୌକନ ସହିତ ମାନପାତ୍ର ପ୍ରଦାନ କରି ଥିଲା ବେଳେ ଅନ୍ୟ ବିଚାର ବିଭାଗୀୟ ଅଧିକାରୀ ଓ କର୍ମଚାରୀ ମାନେ ଏଥିରେ ଯୋଗଦେଇ ଥିଲେ ।

# କାଜି ସଂଗଠନ ପକ୍ଷରୁ ବାଲେଶ୍ୱର ଜିଲ୍ଲା ଶିକ୍ଷାଅଧିକାରୀଙ୍କୁ କୃତଜ୍ଞତା

ଧର୍ମଶାଳା,୯/୧ (ନି.ପ୍ର): ରାଜ୍ୟ ଏମ୍‌ଏମ୍‌ଡିଆର (ସରକାରୀ କାଜି)ସଂଗଠନ ପକ୍ଷରୁ ବାଲେଶ୍ୱର ଜିଲା ଶିକ୍ଷା ଅଧିକାରୀଙ୍କୁ କୃତଜ୍ଞତା ଦିଆଯାଇଛି । ସରକାରୀ ନିୟମ ଅନୁଯାୟୀ ଜଣେ ବ୍ୟକ୍ତି ଏମ୍‌ଏମ୍‌ଡିଆର(ସରକାରୀ କାଜି) ଓ ଉର୍ଦ୍ଧ୍ୱ ଶିକ୍ଷକ ପଦବୀରେ ୨ଟି ପଦବୀରେ ରହି ପାରିବେ ନାହିଁ । ଜଣେ ଶିକ୍ଷକ ୨ଟି ସରକାରୀ ପଦବି ରହି ପାରିବେ ନାହିଁ ବୋଲି ପତ୍ର ସଂଖ୍ୟା ୧୫୩୨୨ରେ ଘୋଷଣା ହୋଇଛି । ଜଣେ ବ୍ୟକ୍ତ ୨ଟି ପବଦିରେ ଥିବା ନେଇ ବାଲେଶ୍ୱର ଜିଲାରେ ଅଭିଯୋଗ ହୋଇଥିଲା । ଯାହାକୁ ଜିଲା ଶିକ୍ଷାଅଧିକାରୀ ଏହି ଘଟଣାକୁ ଗୁରୁତର ସହ ନେଇ ଜଣେ ବ୍ୟକ୍ତି ଗୋଟିଏ ପବଦିରେ ରହିବା ନେଇ ସୂଚନା ଦେଇଥିଲେ । ଯାହାକୁ ନେଇ ଜିଲା ଶିକ୍ଷା ଅଧିକାରୀଙ୍କ ଏହି ପଦକ୍ଷେପକୁ ଯାଜପୁର ଜିଲା କାଜି ସଂଗଠନ ତଥା ଯାଜପୁରର ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ କୃତଜ୍ଞତା ଜଣାଇବା ସହ ଏଭଳି ରାୟକୁ ସ୍ୱାଗତ କରିଛନ୍ତି । ଯାଜପୁରର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ ମହମ୍ମଦ ଆସିକୁଲ କାଦରୀ, ସେକ୍ ଆବାଦୁଲ୍ଲା ଓ ସେକ୍ ରିୟାଜୁଦ୍ଦିନଙ୍କ ସହ ଅନେକ ବୁଦ୍ଧିଜୀବି ଏହାକୁ ସ୍ୱାଗତ କରିଛନ୍ତି ।

## ସୋସିଆଲ ମିଡିଆରେ ଭାଇରାଲ କାହାଣୀ: ରାତାରାତି ଫ୍ରିଜରେ ଥିବା ଲାଉର ଆକାର ବଢ଼ିଗଲା



ବଜାରରୁ କିଣାଯାଇଥିବା କୌଣସି ସାମଗ୍ରୀର ଯଦି ରାତାରାତି ପରିବର୍ତ୍ତନ ଦେଖାଯାଏ ତେବେ ମନରେ ଭୂତ ପ୍ରେତର ଧାରଣା ସୃଷ୍ଟି ହେବା ସ୍ୱାଭାବିକ । ଠିକ୍ ଏଇଭଳି ଏକ ଘଟଣା । ପାଟନାରେ ରହୁଥିବା



ଜଣେ ଓକିଲଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି । ରାତିରେ କିଣିଥିବା ଲାଉର ଆକାର ସକାଳୁ ବଢ଼ିଯାଇଥିବା ଦେଖି ତାଙ୍କ ପତ୍ନୀ ଭୂତ ଭୂତ ବୋଲି ଚିତ୍କାର କରିଥିଲେ । ସୋସିଆଲ ମିଡିଆରେ ଏହି କାହାଣୀକୁ ସେୟାର କରି ପାଟନାର ଓକିଲ ଜଣକ କହିଛନ୍ତି ଯେ, ପୂର୍ବଦିନ ରାତିରେ ଘରକୁ ବଜାରରୁ ପୋଟଳ, ଭେଣ୍ଡି, କଲରା ଆଦି ପରିବାର ଆଣିଥିଲି । ପତ୍ନୀଙ୍କ ଦାବି ମୁତାବକ ଗୋଟେ କେଜି ଲାଉ ଆଣିଥିଲି । ରାତିରେ ସେ ଅଧା ଲାଉ ତରକାରି କରି ବାକି ଅଧାକ ଫ୍ରିଜରେ ରଖିଥିଲେ । ସକାଳୁ ସକାଳୁ ଫ୍ରିଜ ଖୋଲିଲା ବେଳକୁ ଲାଉର ଆକାର ବଢ଼ିଯାଇଥିଲା । ଏହା ପାଖାପାଖି ଦେଢ଼ କେଜି ହୋଇଯାଇଥିଲା । ଏହା ଦେଖି ପତ୍ନୀ ଚିତ୍କାର କରିବା ସହ ଘରେ ଭୂତର ପ୍ରବେଶ ହୋଇଥିବା ନେଇ ଗର୍ଜନ କରିଥିଲେ । ମୁଁ ମଧ ଏହି ଘଟଣାକୁ ଦେଖି ଆଚମ୍ବିତ ହୋଇଥିଲି । ଆମ ପାଟିତୁଣ୍ଡ ଶୁଣି ପଡ଼ୋଶୀମାନେ ଏକାଠି ହୋଇଥିଲେ । ସେମାନଙ୍କ ଭିତରୁ ଜଣେ କହିଥିଲେ ଯେ, ଆଜିକାଲି ବେପାରୀମାନେ ଆକାର ବଢ଼ାଇବା ପାଇଁ ଇଞ୍ଜେକସନ ଦେଉଛନ୍ତି । ହୋଇଥାଇପାରେ ଏହା ତାର ପରିଣାମ । ସୋସିଆଲ ମିଡିଆରେ ଅନେକ ଏନେଇ ଭିନ୍ନଭିନ୍ନ ମନ୍ତବ୍ୟ ଦେଇଥିଲା ବେଳେ ଜଣେ ୟୁଜର ଲେଖିଛନ୍ତି ଯେ, ପତ୍ନୀ ଯେତେ ଜିଦ୍ କରନ୍ତୁ ନା କାହିଁକି ତାଙ୍କ ପାଇଁ ଆଉ କେବେ ଲାଉ ଆଣିବେ ନାହିଁ । ଭେଣ୍ଡି, କଲରା, ପୋଟଳ ଖାଇ ସେ ଖୁସି ରୁହନ୍ତୁ ।

## ମନୁଷ୍ୟ ନାକର କ୍ଷମତା



ମନୁଷ୍ୟର ଜୀବନଶୈଳୀକୁ ନେଇ ଗବେଷକଗଣ ବର୍ଷ ବର୍ଷ ଧରି ପରୀକ୍ଷା କରିଆସୁଛନ୍ତି । ଏ ସଂକ୍ରାନ୍ତାରେ ନିକଟରେ ନ୍ୟୁୟର୍କ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଗଣ ପରୀକ୍ଷା କରି ବିଭିନ୍ନ ରୋଚକ ତଥ୍ୟ ପ୍ରକାଶ କରିଛନ୍ତି । କିଛି ସେକେଣ୍ଡରେ ଜଣେ ସାଧାରଣ ବ୍ୟକ୍ତି ଲକ୍ଷାଧିକ ପ୍ରକାରର ରଙ୍ଗକୁ ଚିହ୍ନଟ କରିପାରୁଥିବା ବେଳେ ବିଭିନ୍ନ ପ୍ରକାର ଶବ୍ଦକୁ ମଧ ଶୁଣିପାରେ । ଆଉ ରହିଲା ବାସ୍ନା ପ୍ରସଙ୍ଗ । ୯୧%ରୁ ଅଧିକ ଲୋକ ୫୦ହଜାର ପ୍ରକାରର ବାସ୍ନାକୁ ଯେ କୌଣସି ପରିସ୍ଥିତିରେ ଭୁଲିପାରନ୍ତି ନାହିଁ । ଉଦାହରଣ ସ୍ୱରୂପ ଅନ୍ୟ କାହା ଘରକୁ ଗଲେ ସେଠାକାର ଭିନ୍ନ ପରିବେଶ ଓ ବାସ୍ନାକୁ ଆମେ ତୁରନ୍ତ ଘ୍ରାଣ କରିପାରୁ । ଏପରିକି ଅନେକ ବର୍ଷ ପରେ ସେହି ବାସ୍ନା ସହ ଜଡ଼ିତ ହେଲେ, ତାହାର ସ୍ମୃତିକୁ ମନେପକାଇ ପାରେ ମନୁଷ୍ୟ । ବାସ୍ନା ଯଦିଓ କ୍ଷଣସ୍ଥାୟୀ ହେଲେ ମନୁଷ୍ୟର ଚିନ୍ତାଧାରାରେ ଏହାର ସମୟ ସୀମା ସର୍ବାଧିକ ।

# ଭୟାବହ ପୋଲ


ପ୍ରତିଦିନ ଦୁନିଆରେ ଏପରି ଅନେକ ଅଜବ ଗଜବ ଘଟଣା ଘଟେ ଯାହା ସାଧାରଣ ଲୋକଙ୍କୁ ଚକିତ କରି ରଖିଦିଏ । ପାଠକମାନଙ୍କୁ ବିଶ୍ୱର କିଛି ଅଜବ ଏବଂ ଭୟାବହ ପୋଲମାନଙ୍କ ବିଷୟରେ ଜଣାଉଛୁ । ଯେ କେହି ବି ଏହି ପୋଲଦେଇ ଯିବା ପୂର୍ବରୁ ଶହେଥର ଭାବିବେ । ଏହି ପୋଲଗୁଡ଼ିକୁ ଦେଖିଲେ ଏପରି ଲାଗେ, ଯେପରି ଏହା କେବଳ ଲୋକଙ୍କୁ ଡରାଇବା ପାଇଁ ହିଁ ତିଆରି କରାଯାଇଛି ।



**ଏସିମା ଓହାସି ବ୍ରିଜ୍:**
ଏହା ଜାପାନର ସବୁଠାରୁ ଭୟାବହ ପୋଲ । ଏସିମା ଓହାସି ନାମକ ଏହି ପୋଲଟି ଜାପାନର ଦୁଇ ମୁଖ୍ୟ ସହର ମ୍ୟାଟସୁଇ ଏବଂ ସାକାଇମିନେଟୋକୁ ଯୋଡ଼ିଥାଏ । ଏହି ପୋଲଟି ଏତେ ଖତରନାକ ଯେ, ଏହାଉପରେ ଯାତ୍ରା କରୁଥିବା ଲୋକର ଯଦି ଗାଡ଼ିର ବ୍ରେକ୍ ଫେଲ୍ ହୋଇଯାଏ କିମ୍ବା ବ୍ରେକ୍ ଠିକ୍ ଭାବେ ନ ଧରେ ତେବେ ଏଠାରେ ଦୁର୍ଘଟଣା ଘଟିବା ନିଶ୍ଚିତ ।



**ମିଲ୍ଲାଉ ଭାୟାଡକ୍ଟ ବ୍ରିଜ୍:**
ଫ୍ରାନ୍ସର ମିଲ୍ଲାଉ ଭାୟାଡକ୍ଟ ପୋଲ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ତମ ପୋଲ । ଏହି ପୋଲଟିର ଉଚ୍ଚତା ହେଉଛି ୨୭୦ମିଟର । ପୋଲରୁ ତଳକୁ ଦେଖିଲେ ଭୟରେ ଲୋକଙ୍କ ନିଶ୍ୱାସ ପ୍ରଶ୍ୱାସ ଅଟକିଯିବ ।



**ଝାଙ୍ଗିଜିୟାଜି ଗ୍ଲାସ୍ ବ୍ରିଜ୍:**
ଚୀନର ଝାଙ୍ଗଜିୟାଜି ପ୍ରାନ୍ତରେ ପ୍ରସ୍ତୁତ ଏହି ପୋଲଟି ସମ୍ପୂର୍ଣ୍ଣ ରୂପେ କାଚରେ ନିର୍ମାଣ କରାଯାଇଛି । ଝାଙ୍ଗଜିୟାଜିକୁ ଦୁନିଆର ସବୁଠାରୁ ଭୟାବହ ପୋଲମାନଙ୍କ ଭିତରେ ଗଣାଯାଏ । ୧୦୦ମିଟର ଲମ୍ବା ଏହି ପୋଲର ଆଖପାଖରେ କେବଳ ଭୟଙ୍କର ପାହାଡ଼ମାନ ରହିଛି । ଭୂପୃଷ୍ଠର ୩୦୦ ଫୁଟ୍ ଉପରେ ଏହି ପୋଲକୁ ପ୍ରସ୍ତୁତ କରାଯାଇଛି । ପୋଲରେ ଛିଡ଼ା ହୋଇ ତଳକୁ ଦେଖିଲେ ତଳେ ଖାଲି ଗଭୀର ଖାଲମାନ ଦେଖାଯାଏ । ଦୁର୍ବଳ ହୃଦୟ ବ୍ୟକ୍ତି ଏହି ପୋଲ ଉପର ଦେଇ ଯାତ୍ରା କଲେ ଭୟରେ ସେମାନଙ୍କ ଜୀବନ ଚାଲିଯିବାର ସମ୍ଭାବନା ରହିଛି ।




**ପେରୁ ରୋପ୍ ବ୍ରିଜ୍:**
ଦୁନିଆର ସବୁଠାରୁ ଭୟାବହ ପୋଲମାନଙ୍କ ଲିଷ୍ଟରେ ପେରୁ ଦେଶର ରୋପ ବ୍ରିଜ୍ ବି ରହିଛି । ପେରୁ ଦେଶର କୁଜକୋ ଗ୍ରାମରେ ଏହି ବ୍ରିଜ ରହିଛି । ପୋଲଟି ସମ୍ପୂର୍ଣ୍ଣ ରୂପେ ରସିରେ ପ୍ରସ୍ତୁତ ହୋଇଛି । ଏହି ରସି ପୋଲ କୁଜକୋ ଗ୍ରାମକୁ ପେରୁ ସହିତ ଯୋଡ଼ିଥାଏ । ଏଠାକାର ଆଦିବାସୀମାନେ ପାରମ୍ପରିକ ପ୍ରକ୍ରିୟାରେ ଏହି ପୋଲକୁ ପ୍ରସ୍ତୁତ କରଛନ୍ତି । ଦୁଇ ପାହାଡ଼କୁ ସଂଯୋଗ କରୁଥିବା ଏହି ପୋଲର ତଳକୁ ଗଭୀର ଜଳହ୍ରଦ ଦେଖାଯାଉଛି । ଭୁଲ ବଶତଃ ଯଦି କିଏ ପୋଲର ତଳକୁ ଚାଲିଯାନ୍ତି ତେବେ ଜୀବନ ବଞ୍ଚେଇବା କଷ୍ଟକର ହୋଇପଡ଼ିଥାଏ ।

## ବିଚିତ୍ର ବାହାଘର ଭୋଜି

ସାଧାରଣତଃ ବାହାଘର ଭୋଜିରେ ଯୋଗଦେବାକୁ ଯାଉଥିବା ବେଳେ ପ୍ରତ୍ୟେକ ଭାବିଥାନ୍ତି ଯେ, ନାନା ରକମର ସ୍ୱାଦିଷ୍ଟ ଖାଦ୍ୟ ତଥା ପାନୀୟର ବ୍ୟବସ୍ଥା ହୋଇଥିବ । ତେଣୁ ଭଲ କରି ଗଣ୍ଡେ ଭୂରି ଭୋଜନ ମିଳିବ । ହେଲେ ଯଦି ବାସ୍ତବରେ ସେମିତି ହୋଇ ନଥାଏ, ତା ହେଲେ କେମିତି ଲାଗିବ ଆପଣଙ୍କୁ ? ଏଠାରେ ସେମିତି ଗୋଟେ ବିଚିତ୍ର ଘଟଣାର ଅବତାରଣା କରାଯାଉଛି । ଘଟଣାଟି ଆମେରିକାର । ଗୋଟିଏ ବାହାଘର ଭୋଜିକୁ ନିମନ୍ତ୍ରିତ ହୋଇ ଯାଇଥିବା ଅତିଥିମାନେ ଦେଖିବାକୁ ପାଇଥିଲେ ଯେ, ସେଠାରେ କେବଳ ପ୍ରସ୍ତୁତ ହୋଇଛି ଗାଜର, ଖଣ୍ଡ ଖଣ୍ଡ କଟାଇଥିବା କମଳା, ଅମୃତଭଣ୍ଡା ଇତ୍ୟାଦି । ତେବେ ସବୁଠୁ ବିସ୍ମୟକର ଥିଲା ପନିର ରଖାଯାଇଥିବା ସ୍ଥାନଟି । ସେଠାରେ ସତସତିକା ପନିର ବଦଳରେ ଥୁଆ ହୋଇଥିଲା ପ୍ଲାଷ୍ଟିକରେ ତିଆରି ପନିର । ଅବଶ୍ୟ ସେସବୁ ସତସତିକା ପନିର ଭଳି ଦେଖାଯାଉଥିଲା । ଏ ସବୁ ଦେଖିବା ପରେ ନିମନ୍ତ୍ରିତ ଅତିଥିମାନଙ୍କର ହୋସ୍ ଉଡ଼ିଯାଇଥିଲା । ତେବେ କେତେକ, ଅତି ଗୋପନୀୟତାର ସହିତ ମୋବାଇଲ ସେସବୁ ଭୋଜି ଆଇଟମର ଫଟୋ ଓ ଭିଡ଼ିଓ କରିଆଣିଥିଲେ ଏବଂ ତାହାକୁ ସୋସିଆଲ ମିଡ଼ିଆରେ ଛାଡ଼ିଦେଇଥିଲେ । ତା ପରେ ଯାଇ ଆରମ୍ଭ ହୋଇଥିଲା ଚର୍ଚ୍ଚା । ସୋସିଆଲ ମିଡିଆରେ ଫଟୋ ପୋଷ୍ଟ କରିଥିବା ଜଣେ ନୀମନ୍ତ୍ରିତ ଅତିଥି, ଫଟୋକ ଶିରୋନାମା ରଖିଥିଲେ: ସ୍ୱାଦିଷ୍ଟ ଭୋଜି, କେବଳ ଆଖିରେ ଦେଖିବା ପାଇଁ!

## ସେଲଫି ମୃତ୍ୟୁ ସଂଖ୍ୟାରେ ହ୍ରାସ !



୨୦୧୬ ପରେ ହିଁ ବିଶ୍ୱ ବଜାରରେ ସ୍ମାର୍ଟ ସେଲଫି ଫୋନର ଆଦର ଖୁବ୍ ଜୋରରେ ବଢ଼ିଥିଲା । ପ୍ରତ୍ୟେକ ବୟସ ଓ ପିଢ଼ିର ଲୋକ ଏଇ ଫୋନରେ ଏକରକମ ବାନ୍ଧିହୋଇଯାଇଥିଲେ । ଲୋକେ ଯେଉଁଠାକୁ ଭ୍ରମଣ କରିବାକୁ ଯାନ୍ତୁ, ବର୍ଫତ ଶିଖର ହେଉ କିମ୍ବା ସର୍ବୋଚ୍ଚ ଅଟ୍ଟାଳିକାର ଶେଷ ମହଲା, ସେଠାରେ ବିପଦସଙ୍କୁଳ ପରିସ୍ଥିତିରେ ମଧ ସେଲଫି ଉଠାଇବାକୁ ପଛାଉ ନଥିଲେ । ଏଇ କାରଣରୁ ୨୦୧୬ ମଧ ଭାଗକୁ ୨୦୧୭ ଶେଷ ମଧରେ ବିଶ୍ୱସ୍ତରରେ ୧,୫୦୦ରୁ ଅଧିକ ଲୋକ ସେଲଫି କାରଣରୁ ମୃତ୍ୟୁମୁଖରେ ପଡ଼ିଥିଲେ । ଗଣମାଧମ ଓ ସୋସିଆଲ ସାଇଟ୍ ଏ ବବଦରେ ସମସ୍ତଙ୍କୁ ବାରମ୍ବାର ସଚେତନ କରାଇଲା । ରୋମାନିଆରେ ରେଳଯାତ୍ରା କରୁଥିବା ସମୟରେ ଜଣେ ଯୁବକ ସେଲଫି ଉଠାଇବାକୁ ଯାଇ ରେଳ ଖୁଣ୍ଟିରେ ପିଟି ହୋଇ ପ୍ରାଣ ହରାଇଥିଲେ । ଏହା ପରେ ରୋମାନିଆ, ରୁଷିଆ ପ୍ରମୁଖ କେତୋଟି ରାଷ୍ଟ୍ରରେ ସେଲଫି କଟକଣା ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଗଲା । ସର୍ବେକ୍ଷଣ ଅନୁସାରେ କେବଳ ଏଇ ଦୁଇ ରାଷ୍ଟ୍ରରେ ନୁହେଁ, ବିଶ୍ୱର ଅନ୍ୟ ପ୍ରାନ୍ତରେ ମଧ ସେଲଫି ଉଠାଇବାରେ ଲୋକେ ସତର୍କ ହୋଇଛନ୍ତି । ସେଲଫି ମୃତ୍ୟୁହାର ଖୁବ୍ କମ ହୋଇଥିବାବେଳେ ଗତ ବର୍ଷ ଯୁକ୍ତରାଷ୍ଟ୍ର ଆମେରିକାରେ ଏଇ କାରଣରୁ ୨ଜଣ ପ୍ରାଣ ହରାଇଥିବାର ତଥ୍ୟ ମିଳିଛି ।

## ପ୍ରସିଦ୍ଧ ଐତିହ୍ୟର ମଜାଦାର ନକଲ





ଇଂଲଣ୍ଡର ସାଲିସ ବରିରେ ଥିବା ଷ୍ଟୋନହେଞ୍ଜ ବିଶ୍ୱର ଅନ୍ୟତମ ପ୍ରସିଦ୍ଧ ଐତିହ୍ୟ । ଏହାକୁ ୟୁନେସ୍କୋ ପକ୍ଷରୁ ବିଶ୍ୱ ଐତିହ୍ୟ ଭାବେ ସ୍ୱୀକୃତି ମଧ ମିଳିଛି । ତେବେ ଷ୍ଟୋନହେଞ୍ଜକୁ ନକଲ କରି ତିଆରି ହୋଇଛି କାରହେଞ୍ଜ । ୧୯୮୭ ମସିହାରେ ଜିମ ରେଣ୍ଡର୍ସ ନାମକ ଜଣେ ବ୍ୟକ୍ତି ତାଙ୍କ ପିତାଙ୍କ ସ୍ମୃତିରେ ଏହି କାରହେଞ୍ଜ ତିଆରି କରିଥିଲେ । ଆମେରିକାର ଭର୍ଜିନିଆଠାରେ ଅବସ୍ଥିତ ଫୋମ ହେଞ୍ଜ । ଏହା ତିଆରି ହୋଇଛି ଏକପ୍ରକାର ପ୍ଲାଷ୍ଟିକରେ । ଆମେରିକାର ମିସୌରୀରେ ଅବସ୍ଥିତ ଷ୍ଟୋନହେୟ୍‌ଜର ଆଉ ଏକ ହାସ୍ୟସ୍ପଦ ନକଲ ହେଲା ବୋଟହେଞ୍ଜ । ଏହା ପୁରୁଣା ବୋଟରେ ତିଆରି ହୋଇଛି । କାରୋଲିନାର ମାର୍ଟିଲ ବେଳଭୂମି ପାର୍କରେ ଅବସ୍ଥିତ ଫୋନହେଞ୍ଜ ତିଆରି ହୋଇଛି ଟେଲିଫୋନ୍ ବୁଥରେ । ନ୍ୟୁ ମେକ୍ସିକୋରେ ତିଆରି ହୋଇଛି ଆଉ ଏକ ମଜାଦାର ନକଲ । ପୁରୁଣା, ଅଦରକାରୀ ଫ୍ରିଜ୍ ଫୋପାଡ଼ି ଦେଇଥାଆନ୍ତି ଅନେକ ଲୋକ । ସେହି ସବୁ ପୁରୁଣା ଫ୍ରିଜ୍ ମଧ୍ୟରୁ ବାଛି ବାଝି କିଛି ନେଇ ତିଆରି ହେଇଛି ଫ୍ରିଜହେଞ୍ଜ ।

## ବିଦ୍ୟାଳୟରେ ମେଣ୍ଢାଙ୍କ ଆଡମିସନ୍



ଫ୍ରାନ୍ସରେ ଥିବା କ୍ରେଟ୍ସ ଏନ ବେଲେଡୋନ ସହରର ଏକ ପ୍ରାଥମିକ ବିଦ୍ୟାଳୟରେ ଅଭାବନୀୟ ଘଟଣା ଘଟିଛି । ସେହି ସହରରେ ଥିବା ୧୫ଟି ମେଣ୍ଢାଙ୍କୁ ବିଦ୍ୟାଳୟରେ ପ୍ରବେଶ ମିଳିଛି । ପ୍ରବେଶ ସମୟରେ ମାଲିକମାନେ ମେଣ୍ଢାଙ୍କ ଜନ୍ମଗ୍ରହଣ ପତ୍ର ଦେଖାଇ ବିଦ୍ୟାଳୟରେ ପ୍ରବେଶ କରାଇଥିଲେ । ମେଣ୍ଡାଙ୍କ ପ୍ରବେଶ ସମୟରେ ସେଠାରେ ବହୁ ଛାତ୍ର ଏବଂ ତାଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ । ତେବେ ଏହିପରି ଘଟଣା ପଛର କାରଣ ହେଉଛି, ପିଲାମାନଙ୍କ ସଂଖ୍ୟା ବିଦ୍ୟାଳୟରୁ କିମବା । ଏହି କାରଣରୁ ବିଦ୍ୟାଳୟରେ ଆର୍ଥିକ ସଙ୍କଟ ଦେଖାଯାଇଥିଲା । ସହରର ମେୟର ମଧ ବିଦ୍ୟାଳୟର ସଙ୍କଟକୁ ଅନୁଭବ କରି ମେଣ୍ଡାମାନଙ୍କ ପ୍ରବେଶର ଅନୁମତି ଦେଇଥିଲେ । କ୍ରେଟ୍ସ ଏନ ବେଲେଡୋନ ସହର ଏକ ଛୋଟ ସହର । ଏହି ସହରରେ ମୋଟ ୪ହଜାର ଲୋକ ରହନ୍ତି । ସେହିପରି ଦକ୍ଷିଣ କୋରିଆରେ ଥିବା କେତେକ ବିଦ୍ୟାଳୟରେ ଏହିପରି ସଙ୍କଟ ହେବା କାରଣରୁ ସେଠାରେ ଏବେ ବୃଦ୍ଧ ବ୍ୟକ୍ତିଙ୍କୁ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ମିଳୁଛି ।

## କୃଷି- ବିଜ୍ଞାନର ନୂଆ ପଦ୍ଧତି- ‘ହାଇଡ୍ରୋପୋନିକ୍ସ’



ଅତ୍ୟାଧୁନିକ ଜ୍ଞାନ-କୌଶଳ ପ୍ରୟୋଗ ଦ୍ୱାରା ଭବିଷ୍ୟତରେ କୃଷିର ସୁରକ୍ଷା ଓ ବିକାଶ ପାଇଁ ନୂଆ ବାଟ ଦେଖାଇଛନ୍ତି ଚେନ୍ନାଇର ଶ୍ରୀରାମ ଗୋପାଳ । ଏକ ଛୋଟ ଉଦ୍ୟୋଗ ପ୍ରତିଷ୍ଠା କରି, ‘ହାଇଡ୍ରୋପୋନିକ୍ସ’ କୌଶଳରେ ସେ ଚାଷ କରୁଛନ୍ତି । ବିନା ମାଟି, ସାର, କୀଟନାଶକ ଓ ନବେ ପ୍ରତିଶତ କମ ଜଳରେ ଏହି ପଦ୍ଧତିରେ ଚାଷ ସମ୍ଭବ । ଏଥିରୁ ଅଧିକ ଉତ୍ପାଦନ ଓ ଲାଭ ମିଳିପାରିବ । ୨୦୧୫ ୧୫ରେ ସେ ତିରିଶ ଲକ୍ଷ ଟଙ୍କା ବ୍ୟବସାୟ କରିଥିଲେ । ପର ବର୍ଷକୁ ତାଙ୍କ ବ୍ୟବସାୟ ଦୁଇ କୋଟି ଟଙ୍କାକୁ ବଢ଼ିଥିଲା । ଏବେ ସେ ଉଦ୍ୟାନ କୃଷି ସାଙ୍ଗକୁ ବ୍ରାହ୍ମୀ, ପୁଦିନୀ, ତୁଳସୀ ଭଳି କିଛି ଔଷଧୀୟ ବୃକ୍ଷ ଚାଷ କରୁଥିବା ପ୍ରକାଶ । ଇଞ୍ଜିନିୟରିଂ ସ୍ନାତକ ଉତ୍ତୀର୍ଣ୍ଣ ଶ୍ରୀରାମ ପ୍ରଥମେ ନିଜସ୍ୱ ଉଦ୍ୟମ ଓ ସମ୍ବଳରେ ଗୋଟିଏ ସୂଚନା ପ୍ରଯୁକ୍ତିବିଦ୍ୟା କମ୍ପାନି ଗଢ଼ିଥିଲେ । ପରେ ତାହା ଛାଡ଼ିଥିଲେ । ୟୁ-ଟ୍ୟୁବରେ ପ୍ରସାରିତ ‘ହାଇଡ୍ରୋପୋନିକ୍ସ’ କୃଷି ବିଜ୍ଞାନର ପ୍ରଣାଳୀ ଦେଖିବା ପରେ, ଉତ୍ସାହିତ ହୋଇ ଏବେ ଚାଷ କରୁଛନ୍ତି । ସହରୀକରଣ ଓ ଶିଳ୍ପାୟନ ବୃଦ୍ଧି ତଥା ଭୂ- ତଳ ଜଳ ସ୍ତର କ୍ରମଶଃ କମୁଥିବାରୁ ଭବିଷ୍ୟତ ପାଇଁ ‘ହାଇଡ୍ରୋପୋନିକ୍ସ’ କୃଷି ପ୍ରଣାଳୀ ଏକ ନୂଆ ବିକଳ୍ପ । ଘର ଛାତରେ, କମ୍ ଜାଗାରେ ମଧ୍ୟ ଏହି ଉପାୟରେ ଚାଷ କରିହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଶାନୁରୁପ ନୁହଁ ପ୍ରାଥମିକ ଶିକ୍ଷା...

ଏକ ବଳିଷ୍ଠ ମୂଳଦୁଆ ହିଁ ଦୃଢ଼ କୋଠା ବା ଘରଟିଏ ଗଢ଼ିବାରେ ସମର୍ଥ କରାଇଥାଏ । ସମାନ କଥା ପ୍ରଯୁଜ୍ୟ ଶିକ୍ଷା କ୍ଷେତ୍ରରେ । ପରନ୍ତୁ, ଦେଶରେ ପ୍ରାଥମିକ ଶିକ୍ଷାର ମାନ ସମସ୍ତଙ୍କ ପାଇଁ ଆଶାନୁରୁପ ନ ହୋଇଥିବା ସମ୍ପର୍କରେ ଏ ଅନେକ ସମୟରେ ଆଲୋଚନାର ପରିସରକୁ ଆସିଛି । ଏଥିପାଇଁ ଦାୟୀ ବିଭିନ୍ନ କାରଣଗୁଡ଼ିକ ଉପରେ ମଧ୍ୟ ଆଲୋକପାତ କରାଯାଇଛି । ୨୦୨୦ରେ ଦେଶକୁ କୋଭିଜ୍-୧୯ ମହାମାରୀ ଆସିବା ପରେ ଲଡାଉନ୍ ଓ ସଟଡାଉନ୍ ଇତ୍ୟାଦି ଯୋଗୁଁ ସ୍କୁଲ କଲେଜଗୁଡ଼ିକ ବନ୍ଦ ରହିବା ଶିକ୍ଷା କ୍ଷେତ୍ରକୁ ଆହୁରି ଦୁର୍ବଳ କରି ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ, ଯଦିଓ ବିଦ୍ୟାର୍ଥୀମାନଙ୍କୁ ଶିକ୍ଷା ପ୍ରଦାନ କରିବାକୁ ନୂତନ ପଦ୍ଧତି ଯଥା ଅନ୍‌ଲାଇନ୍ ଶିକ୍ଷାଦାନ ଓ ପରୀକ୍ଷା ଇତ୍ୟାଦି କରାଯାଇ ସେମାନଙ୍କୁ ଶିକ୍ଷା ଗ୍ରହଣ ଓ ଉନ୍ନତିରୁ ବଞ୍ଚିତ ନ କରାଯିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଉଦ୍ୟମ ଜାରି ରହିଛି । ତେବେ ନୂତନ ଜାତୀୟ ଶିକ୍ଷା ନୀତିକୁ ଲାଗୁ କରାଯିବା କ୍ଷେତ୍ରରେ ଏହା ପ୍ରତିବନ୍ଧକ ସାଜିଛି । ଏହି ଶିକ୍ଷା ନୀତି ଭାରତକୁ ଜ୍ଞାନ ଅର୍ଥନୀତିରେ ପରିଣତ କରିବାର ଉଚ୍ଚାଭିଳାଷ ବହନ କରୁଛି । ଅଧିକନ୍ତୁ ଏହା ଜ୍ଞାନ କ୍ଷେତ୍ରରେ ଭାରତକୁ ବିଶ୍ୱର ବତୀଘରରେ ପରିଣତ କରିବାର ଆକାଂକ୍ଷା ପୋଷଣ କରୁଛି ବୋଲି କୁହାଯାଇପାରେ । କିନ୍ତୁ ନିକଟରେ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ଆୟୋଗ (ୟୁଜିସି) ଛାତ୍ରଛାତ୍ରୀମାନଙ୍କ 'ଚାହିଦା' ଓ ସଂଖ୍ୟା' ଆଧାରରେ ଶିକ୍ଷାଦାନ କରିବାକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟମାନଙ୍କୁ ପରାମର୍ଶ ଦେଇଛି । ଅର୍ଥାତ୍ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଯେଉଁ ପାଠ୍ୟକ୍ରମଗୁଡ଼ିକ 'ଆଦର' ଲାଭ କରିବ, ସେସବୁ ଶିକ୍ଷା ଦେବା ଦିଗକୁ ଢଳିବା ନିମନ୍ତେ ପରାମର୍ଶ ପ୍ରଦାନ କରିଛି ୟୁଜିସି, ଉଚ୍ଚଶିକ୍ଷା ପ୍ରତି ଏକ । ସହାୟକ ହେବାର ମନୋବୃତ୍ତିକୁ ଆପଣାଇ, ଯାହା ଭବିଷ୍ୟତରେ ଏକ ଜ୍ଞାନ ଅର୍ଥନୀତି ହେବାର ଆଶା ପୋଷଣ କରୁଥିବା ରାଷ୍ଟ୍ର ପାଇଁ ଅହିତକର ହୋଇପାରେ । ତଥାପି ୟୁଜିସି ଏହା କରିଛି । ଶିକ୍ଷାବିତ୍‌ମାନେ ଆଶଙ୍କା କରନ୍ତି ଯେ ଏଭଳି ଏକ ପରିମାଣାତ୍ମକ ଆଭିମୁଖ୍ୟ କେବଳ ଯେ ଶିକ୍ଷାର ଗୁଣାତ୍ମକ ମାନ କି ଶିକ୍ଷକମାନଙ୍କ ପାଇଁ କର୍ମନିଯୁକ୍ତି ବା ଚାକିରି ହ୍ରାସ କରିବାରେ ସହାୟକ ହେବ, ତାହା ନୁହେଁ, ଏହା ମଧ୍ୟ କେତେକ ନିର୍ଦ୍ଦିଷ୍ଟ ବିଷୟ ଯଥା ସାମାଜିକ ବିଜ୍ଞାନ ସମୂହ, ଶୁଦ୍ଧ ବିଜ୍ଞାନ ଏବଂ ଭାଷା ଇତ୍ୟାଦି କ୍ଷେତ୍ରରେ ଗବେଷଣାକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିବ। ଜଣାପଡ଼ିଛି ଯେ ଇତି ମଧ୍ୟରେ ଦେଶର କେତେକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ ସହିତ ଅନୁବନ୍ଧିତ ମହାବିଦ୍ୟାଳୟଗୁଡ଼ିକରେ ବିଭିନ୍ନ ଭାଷା ଉପରେ ଗବେଷଣା ନିମନ୍ତେ ଉଦ୍ଦିଷ୍ଟ ବିଭାଗଗୁଡ଼ିକ ବନ୍ଦ ହୋଇ ଗଲାଣି । ଉଦାହରଣ ଭାବରେ ନିଆଯାଇପାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଯେଉଁଠି ଉର୍ଦ୍ଦୁ, ବଙ୍ଗାଳୀ, ତାମିଲ ବିଭାଗରେ ଗବେଷଣା ବନ୍ଦ ହୋଇଗଲାଣି । ଗବେଷଣା ନିମନ୍ତେ ପାଣ୍ଠି ଯୋଗାଣରେ ମଧ୍ୟ ହ୍ରାସ କରାଯାଉଛି, ଯାହା ଏହାର ଏକ କାରଣ । ୨୦୧୫-୧୬ରେ ମେଜର ରିସର୍ଚ୍ଚ ପ୍ରୋଜେକ୍ଟ ଯୋଜନା ନିମନ୍ତେ ୧୦୭ କୋଟି ଟଙ୍କା ବ୍ୟବସ୍ଥା କରାଯାଇଥିବା ବେଳେ ୨୦୧୯-୨୦ ବେଳକୁ ଏହା ହ୍ରାସ ପାଇ ପହଞ୍ଚିଛି ମାତ୍ର ୩.୨୭ କୋଟି ଟଙ୍କାରେ । କେବଳ ଏତିକି ନୁହେଁ, ସମାଜର ଉପେକ୍ଷିତ ବର୍ଗଙ୍କ ଉପରେ ପୋଷ୍ଟ-ଡକ୍ଟରାଲ ଫେଲୋସିପ୍ର ମଧ୍ୟ ବନ୍ଦ କରି ଦିଆଗଲାଣି । ଏସବୁ ପଦକ୍ଷେପ ସହିତ ଚାକିରି ବଜାର ସଙ୍ଗେ ଯୋଡ଼ିହେବା ନିମନ୍ତେ ଶିକ୍ଷାକୁ ଏକ କାର୍ଯ୍ୟକାରୀ ସାଧନ ଭାବରେ ବିବେଚନା କରାଯିବାର ନୀତି ଭାରତର ଶୈକ୍ଷଣିକ ଆହ୍ୱାନକୁ ଆହୁରି ଖରାପ ସ୍ଥିତିକୁ ନେଇଯିବ । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ୨୦୨୦ ଜାତୀୟ ଶିକ୍ଷା ନୀତିର ଧାନ 'ଚାକିରି ସୃଷ୍ଟିକାରକ ଭାବରେ ବିକଶିତ ହେବା ଉପରେ ନିବଦ୍ଧ ହେବ । ଏହାଦ୍ୱାରା ସେ ସ୍ୱଷ୍ଟ ଭାବରେ ସୂଚାଇ ଦେଇଛନ୍ତି ଯେ ଶୈକ୍ଷଣିକ ଗବେଷଣାର ଲକ୍ଷ୍ୟ ଜ୍ଞାନର ଅକ୍ଷଣକୁ ପରିହାର କରିବା ଆବଶ୍ୟକ । ଶିକ୍ଷା କ୍ଷେତ୍ରରେ ବିଶ୍ୱର କେତେକ ପ୍ରମୁଖ ଅର୍ଥନୀତି ଗୋଟିଏ ଦିଗରେ ଗତି କରୁଥିବା ବେଳେ ଉପରୋକ୍ତ ଆଭିମୁଖ୍ୟଗୁଡ଼ିକରୁ ଭାରତ ଅନ୍ୟ ଏକ ଦିଗରେ ଗତି କରୁଥିବାର ପ୍ରମାଣ ମିଳେ ଉଦାହରଣ ସ୍ୱରୁପ, ଆମର ପଡ଼ୋଶୀ ଚୀନ୍‌କୁ ନିଆଯାଇପାରେ । ୨୦୦୦ରୁ ୨୦୧୮ ମଧ୍ୟରେ ଏହି ରାଷ୍ଟ୍ର ଗବେଷଣା ଓ ବିକାଶ ପାଇଁ ଏହା ଅନୁଦାନ ଭାବରେ ପ୍ରଦାନ କରୁଥିବା ପାଣ୍ଠିର ପରିମାଣକୁ ପ୍ରାୟ ୧୦ ଗୁଣ ବୃଦ୍ଧି କରିଥିଲା ଏବଂ ଏହାକୁ ଉଭୟ ଏଟିଇଏମ୍ (ଷ୍ଟେମ୍) ବିଷୟବସ୍ତୁ ତଥା ସମାଜ ବିଜ୍ଞାନ କ୍ଷେତ୍ରରେ ବ୍ୟାପକ ଫଳାଫଳ ନିମନ୍ତେ ବିନିଯୋଗ କରିଥିଲା । ସେହିପରି ୨୦୨୦ରେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାସନାଲ ଏଣ୍ଡାଓ ମେଣ୍ଟ୍ ଫର ଦ କ୍ୟୁମାନିଟିଜ୍ ୨୦୦ରୁ ଅଧିକ ଗବେଷଣାମୂଳକ ପ୍ରକଳ୍ପକୁ ସହାୟତା ଯୋଗାଇବା ନିମନ୍ତେ ୩୨.୮ ମିଲିଅନ୍ ଡଲାର ରାଶି ପ୍ରଦାନ କରିବା ସମ୍ବନ୍ଧରେ ଘୋଷଣା କରିଛି । ଏସବୁରୁ ସ୍ୱଷ୍ଟ ହୁଏ ଯେ ବିଶ୍ୱର ଏହି ଦୁଇ ପ୍ରମୁଖ ଅର୍ଥନୀତି ନିଜ ନିଜକୁ ଜ୍ଞାନ ଅର୍ଥନୀତିରେ ପରିଣତ କରିବା ଦିଗରେ ଦ୍ରୁତ ଗତିରେ ଧାବମାନ । ଅଥଚ, ଭାରତ ଏମିତି ଏକ ଶିକ୍ଷାଦାନ ପଦ୍ଧତି ଆଡ଼କୁ ଅଗ୍ରସର ହେଉଛି, ଯେଉଁଥିରେ ଶିକ୍ଷା ଅପେକ୍ଷା କର୍ମନିଯୁକ୍ତି ଉପରେ ପ୍ରାଥମିକତା ପ୍ରଦାନ କରାଯାଉଛି, ଯାହାକି ସମାଜରେ ବଦ୍ଧମୂଳ ଭାବରେ ରହିଥିବା ଅସମାନତାକୁ ଆହୁରି ଗଭୀର କରିବ । ଉଚ୍ଚଶିକ୍ଷା ଯେ କର୍ମନିଯୁକ୍ତି ନିମନ୍ତେ ଅନୁକୂଳ ନୁହେଁ- ଏଭଳି ଏକ ଧାରଣା ଅବଶ୍ୟ ଭ୍ରମାତ୍ମକ, କାରଣ ଭବିଷ୍ୟତରେ ଅଧିକାଂଶ କର୍ମନିଯୁକ୍ତିର ସୁଯୋଗ ଜ୍ଞାନ ଅର୍ଥନୀତି ଦ୍ୱାରା ହିଁ ନିର୍ଦ୍ଧାରିତ ହେବ । ସାମ୍ପ୍ରତିକ ସମୟରେ ଅଧିକାଂଶ ଛାତ୍ରଛାତ୍ରୀ ବୈଷୟିକ ଓ ବୃତ୍ତିଗତ ଶିକ୍ଷାକୁ ଅଧିକ ପସନ୍ଦ କରୁଥିବା ବେଳେ ତଥା ମାନବିକତାର ଶିକ୍ଷା ଅବହେଳିତ ହୋଇ ଚାଲିଥିବା ସମୟରେ ବୈଷୟିକ ଶିକ୍ଷା ଉପରେ ଅସମାନୁପାତିକ ଗୁରୁତ୍ୱାରୋପ କେବଳ ଗୁଣାତ୍ମକ ମାନବ ସମ୍ବଳର ଅଭାବ ସୃଷ୍ଟି କରିବ ନାହିଁ, ବରଂ ଚାକିରି ସଙ୍କଟକୁ ତୀବ୍ର କରାଇବା ସହିତ ଏକ ସୁଚନା ସମୃଦ୍ଧ ସମାଜ ଭାବରେ ପରିଗଣିତ ହେବା ନିମନ୍ତେ ଅଭିଳାଷ ପୋଷଣ କରୁଥିବା ଭାରତର ସେହି ଆକାଂକ୍ଷାକୁ ଅବାସ୍ତବରେ ପରିଣତ କରିବାର ସମ୍ଭାବନା ବହନ କରେ ।

## ଲିଥୁଆନିଆର ନିଆଁ

ସୌମେନ୍ଦ୍ର ଜେନା

ଜିନଜିଆଙ୍ଗରେ ମାନବାଧିକାରକୁ ହତ୍ୟା କରୁଥିବା ଚୀନ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲିଥୁଆନିଆ ଚୀନ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ ହେଁ ଏବେ ତାଇୱାନର ସହଯୋଗରେ ଇଉରୋପର ସେମିକଣ୍ଡକ୍ଟର ଉତ୍ପାଦନର କେନ୍ଦ୍ର ହେବ । ତାଇୱାନ ସେମିକଣ୍ଡକ୍ଟର ମାନୁଫ୍ୟାକଚରିଂ କର୍ପୋରେସନ (ଏଟିଏସ୍‌ଏମସି) ସମାନ ଢଙ୍ଗରେ ଜାପାନରେ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସୋନୀ ସହ ମିଶି କାର୍ଯ୍ୟ କରୁଛି । କାରଣ ତାଇୱାନରୁ ସପୁରୀ କିଣିବାକୁ ଚୀନ ମନା କଲାରୁ ଜାପାନ ସରକାର ସେସବୁ କିଣିନେଇ ତାଇୱାନକୁ ନିଜ ଦେଶକୁ ଆମନ୍ତ୍ରଣ କରିଥିଲେ । ଲିଥୁଆନିଆର ରାଜଧାନୀ ଭିଲନିଅସ୍‌ରେ ତାଇୱାନର କୂଟନୀତିକ କାର୍ଯ୍ୟାଳୟ ଖୋଲିବା ପରେ ଚୀନର ବାଣିଜ୍ୟିକ ଯୁଦ୍ଧ ଆରମ୍ଭ ହୋଇଥିଲା ।

ଚୀନ ପାଇଁ ସାରା ପୃଥିବୀରେ ଦିନକୁ ଦିନ ଶତ୍ରୁ ରାଷ୍ଟ୍ରଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । କେବଳ ଆମେରିକା, ଅଷ୍ଟ୍ରେଲିଆ ଓ ଭାରତ ପରି ବଡ ରାଷ୍ଟ୍ର ନୁହନ୍ତି, ସାମୋଆ ଦ୍ୱୀପ, ସେନେଗାଲ, ହଣ୍ଡୁରାସ, ଲିଥୁଆନିଆ ପରି ଛୋଟ ଛୋଟ ଦେଶ ଏବେ ଚୀନ ବିରୋଧରେ ଖଡ୍ଗହସ୍ତ ହୋଇ ଠିଆ ହୋଇଛନ୍ତି । ଆସିଆନ ରାଷ୍ଟ୍ର ଫିଲିପାଇନ୍ସ, ଭିଏତନାମ, ମାଲେସିଆ ଓ ଇଣ୍ଡୋନେସିଆ ଏବେ ଭାରତ ଏବଂ ରୁଷିଆରୁ ଭିନ୍ନ ଭିନ୍ନ ପ୍ରତିରକ୍ଷା ସାମଗ୍ରୀ କିଣିବାରେ ଲାଗିଛନ୍ତି । ତାଇୱାନ ବିରୋଧରେ ବିଶ୍ୱକୁ ଛିଡା କରିବାକୁ ଯାଇ ଚୀନ ଆର୍ଥିକ ସହଯୋଗର ଲାଳସା ଦେଖାଇ ଛୋଟ ଛୋଟ ଦେଶକୁ ନିଜ ସମର୍ଥନରେ ନେବାକୁ ଯେପରି ଚେଷ୍ଟା କରୁଥିଲା ଏବେ ତାହା ବୁମେରାଂ ସାବ୍ୟସ୍ତ ହୋଇଛି । ଯେଉଁଠି ନାଲିଆଖି ଦେଖାଇ ଆର୍ଥିକ କ୍ଷତିର ଭୟ ଚୀନ ଦେଖାଉଛି ସେଠି ତାଇୱାନ ଭଣ୍ଡାର ଖୋଲିବାକୁ ପହଞ୍ଚୁଯାଉଛି । ନିକଟରେ ଏହିପରି ସହଯୋଗ ତାଇୱାନ ଲିଥୁଆନିଆ ପାଇଁ କରିଛି । ଲିଥୁଆନିଆରୁ ଆସିଥିବା ୨୦୪୦୦ ବୋତଲ ମଦକୁ ଚୀନରେ ପ୍ରବେଶ ପାଇଁ ଅନୁମତି ନ ମିଳିବାରୁ ତାଇୱାନ ସରକାରଙ୍କ ଅଧିନସ୍ଥ ତାଇୱାନ ଟୋବାକୋ ଏଣ୍ଡ ଲିକର କର୍ପୋରେସନ (ଟିଟିଏଲ) ସବୁ ମଦକୁ ଏମ୍‌ଭି ଗ୍ରୁପ ପ୍ରଡକସନ୍‌ଠାରୁ କିଣି ନେଇଥିଲା । ଚୀନର କଷ୍ଟମ୍ସ ବିଭାଗ ଲିଥୁଆନିଆର ରପ୍ତାନୀକୁ ଅଟକାଇଥିବା ଜାଣିବା ପରେ ତାଇୱାନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରାଯାଇଥିଲା ।

ଚୀନ ବିରୋଧରେ ଯାଉଥିବା ଛୋଟ ଦେଶଗୁଡିକୁ ଆର୍ଥିକ କ୍ଷତିର ଧମକ ଦେଇ ଅତୀତରେ ଚୀନା ସରକାର ନିଜ ଇଚ୍ଛାନୁସାରେ କାର୍ଯ୍ୟକରିବା ପାଇଁ ରହିଁଛନ୍ତି । ବେଲ୍ଟ ଏଣ୍ଡ ରୋଡ୍ (ବ୍ରି) ପ୍ରକଳ୍ପରେ ସାମିଲ ନ ହେଉଥିବା ଦେଶଗୁଡିକୁ ଚୀନର ସରକାର ଧମକ ଦେବା କିମ୍ବା ଅର୍ଥ ପ୍ରଲୋଭନ ଦେଖାଇ ଜାଲରେ ପକାଇବା ଏକ ପୁରୁଣା ଋଲ । ଅଷ୍ଟ୍ରେଲିଆ, ଭାରତ, ଆମେରିକା ପରି ରାଷ୍ଟ୍ର ଚୀନର ଏ ପ୍ରକାର ଦାଦାଗିରି ବିରୋଧରେ ସମସ୍ତଙ୍କୁ ସଚେତନ କଲାପରେ ଏବେ ଚୀନ ବିରୋଧରେ ଅନେକ ରାଷ୍ଟ୍ର ସାମନାକୁ ଆସିବାର ଦେଖିବାକୁ ମିଳୁଛି । ଜର୍ମାନୀର ଋନସେଲର ଆଞ୍ଜେଲା ମର୍କେଲଙ୍କୁ ନିଜ ସପକ୍ଷରେ ନେଇ ଚୀନ ସରକାର ୧୫ବର୍ଷ ହେଲା ଇଉରୋପୀୟ ୟୁନିଅନ୍‌ରୁ ବେଶ୍ ଲାଭବାନ ହେଉଥିଲେ । କିନ୍ତୁ ଡିସେମ୍ବର ମାସରେ ମର୍କେଲଙ୍କ ସ୍ଥାନରେ ଆସିଥିବା ନୂଆ ଋନସେଲର ଓଲାଫ ସ୍କୋଲ୍‌ଜ ଏବେ ଚୀନ ବିରୋଧୀ ଆଭିମୁଖ୍ୟକୁ ଜୋରଦାର କରିବା ସହ ଇଉରୋପରେ ଚୀନକୁ ଝଟକା ଦେବାକୁ ଆହ୍ୱାନ ଦେଇଛନ୍ତି । ଲିଥୁଆନିଆ ସରକାର ତାଇୱାନକୁ ଏକ ରାଷ୍ଟ୍ରର ମାନ୍ୟତା ଦେଇ ଚୀନ କମ୍ୟୁନିଷ୍ଟ ପାର୍ଟିର ଶତ୍ରୁ ରାଷ୍ଟ୍ରରେ ଗଣା ହୋଇଛି । ଚୀନ ସରକାର ପୂର୍ବରୁ ଲିଥୁଆନିଆର କ୍ଷତି କରିବାକୁ ଧମକ ମଧ୍ୟ ଦେଇସାରିଛନ୍ତି । କିନ୍ତୁ ତାଇୱାନ ଏହାକୁ ସୁଯୋଗ ମନେକରି ଲିଥୁଆନିଆରେ ନିଜ ସଂପର୍କକୁ ଅଧିକ ମଜଭୁତ କରିବାରେ ଲାଗିଛି । ପୃଥିବୀର ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ସହ ବ୍ୟାବସାୟିକ ସଂପର୍କକୁ ସୁଦୃଢ କରି ଚୀନକୁ ଯୋଗାଉଥିବା ବସ୍ତୁଗୁଡିକୁ ନୂଆ ନୂଆ ବଜାରକୁ ପଠାଇବାକୁ ତାଇୱାନ ସରକାର ଘୋଷଣା କରିସାରିଛନ୍ତି । ଗତ ଅକ୍ଟୋବର ମାସରେ ତାଇୱାନ ବୈଦେଶିକ ବିଭାଗର ଏକ ପ୍ରତିନିଧି ଦଳ ଲିଥୁଆନିଆକୁ ଯାଇଥିଲେ । ସେଠାରେ ଦୁଇଦେଶ ମଧ୍ୟରେ ଛଅଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଚଳିତ ବର୍ଷ ତାଇପେଇ ଖାଦ୍ୟ ପ୍ରଦର୍ଶନୀରେ ଲିଥୁଆନିଆ କମ୍ପାନୀଗୁଡ଼ିକୁ ଅଂଶଗ୍ରହଣ କରିବାକୁ ସାହାଯ୍ୟ ଯୋଗାଇ ଦିଆଯାଇଥିଲା । ତାଇୱାନ ବୈଦେଶିକ ବିଭାଗର ପ୍ରବକ୍ତା ଜୋଆନ୍ନେ ଓୟୁଙ୍କ ଅନୁଯାୟୀ ଦୁଇଦେଶ ମଧ୍ୟରେ ବାଣିଜ୍ୟିକ ସଂପର୍କ ଠିକଣା ରାସ୍ତାରେ ଋଲିଛି । ଚୀନର ଧମକ ପରେ ଆମେରିକା, ବ୍ରିଟେନ, ଫ୍ରାନ୍ସ ଏବଂ ଜର୍ମାନୀ ପକ୍ଷରୁ ଲିଥୁଆନିଆକୁ ସମର୍ଥନ କରାଯାଇଛି । ଆର୍ଥିକ କ୍ଷତି ସହିବାକୁ ଯାଉଥିବା ଲିଥୁଆନିଆ ସରକାର ୧୩୦ ମିଲିଅନ ୟୁରୋ (୧୪୭ ମିଲିଅନ ଡଲାର) ବ୍ୟାବସାୟିକ ସହାୟତା ଲାଭ କରିବାକୁ ଚେଷ୍ଟା ଚଳାଇଥିଲା ବେଳେ ଲିଥୁଆନିଆର କମ୍ପାନୀଗୁଡିକୁ ୟୁରୋପିଆନ ରେଜିଓନାଲ ଡେଭଲପମେଣ୍ଟ ଫଣ୍ଡ୍‌ରୁ ୬ ମିଲିଅନ ୟୁରୋ ଯୋଗାଇ ଦିଆଯାଇଛି । ଲିଥୁଆନିଆ ସରକାର ନିଜ ଦେଶରେ ଚୀନର ମୋବାଇଲ ଫୋନ୍ ବିକ୍ରି ଉପରେ କଟକଣା ଜାରି ରଖିଛନ୍ତି । କୂଟନୀତିକ ସଂପର୍କ ଯୋଡିବା ପରେ ଏବେ ଲିଥୁଆନିଆରେ ସେମିକଣ୍ଡକ୍ଟର ଉତ୍ପାଦନ କାରଖାନା ସ୍ଥାପନ କରିବାକୁ ମନସ୍ଥ କରିଛି ତାଇୱାନ । ଲିଥୁଆନିଆରେ ନିଯୁକ୍ତ ତାଇୱାନର ପ୍ରତିନିଧି ଏରିକ୍ ହୁଆଙ୍ଗ୍ କହିଛନ୍ତି ଯେ ଇଉରୋପର ସେମିକଣ୍ଡକ୍ଟର ଯୋଗାଣରେ ମୁଖ୍ୟ ଭୂମିକା ନେବାକୁ ଲିଥୁଆନିଆ ସରକାର ରହିଁଛନ୍ତି । ଚଳିତବର୍ଷ ଲିଥୁଆନିଆର ଇଞ୍ଜିନିୟରମାନଙ୍କୁ ଏଥିପାଇଁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଲିଥୁଆନିଆରେ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ତାଇୱାନ ସରକାର ସବୁ ପ୍ରକାର ସାହାଯ୍ୟ କରିବାକୁ ଘୋଷଣା କରାଯିବାପରେ ଲିଥୁଆନିଆ ପାଇଁ ମାଲମାଲ ହେବାର ସୁଯୋଗ ମିଳିଯାଇଛି । ପୃଥିବୀରେ ଆଜି ସେମିକଣ୍ଡକ୍ଟର କାରଠାରୁ ମୋବାଇଲ ଯାଏଁ ସବୁଠି ବ୍ୟବହୃତ ହେଉଥିବାରୁ ଏବଂ ତାଇୱାନ ଏହାର ଉତ୍ପାଦନରେ ଅଗ୍ରଣୀ ରାଷ୍ଟ୍ର ହୋଇଥିବାରୁ ଲିଥୁଆନିଆକୁ ଆଧାରକରି ତାଇୱାନ ଇଉରୋପର ବଜାରକୁ ଦଖଲ କରିବ ବୋଲି ଆଶା ରଖିଛି । ବାର୍ଷିକ ୫୦୦ ବିଲିଅନ ଡଲାରରୁ ଅଧିକ ପରିମାଣ କାରବାର ଏହି ଶିଳ୍ପ କରିଥାଏ । ଦକ୍ଷିଣ କୋରିଆ, ତାଇୱାନ ଏବଂ ଆମେରିକା ଏହାର ମୁଖ୍ୟ ନିର୍ମାଣକାରୀ ରାଷ୍ଟ୍ର । ତାଇୱାନ ଲିଥୁଆନିଆକୁ କେନ୍ଦ୍ରକରି ଇଉରୋପିଆନ୍ ୟୁନିଅନ ଅନ୍ତର୍ଗତ ରାଷ୍ଟ୍ରଗୁଡିକ ସହ ଭଲ ବାଣିଜ୍ୟ କରିପାରିବ ବୋଲି ଆଶା ରଖିଛି । ଏହାଦ୍ୱାରା ଇଉରୋପରେ ତାଇୱାନର ପ୍ରଭାବ ବଢିବ ଏବଂ ଚୀନର ପ୍ରଭାବ ହ୍ରାସ ପାଇବ ନିଶ୍ଚୟ । କାରଣ ଆମେରିକାର ଟ୍ରମ୍ପ ସରକାର ଚୀନର କମ୍ପାନୀ ହୁଆୱେଇ ଏବଂ ଏସ୍‌ଏମ୍‌ଆଇସିକୁ କଳା ତାଲିକାଭୁକ୍ତ କରି ସେମାନଙ୍କୁ ସେମିକଣ୍ଡକ୍ଟର ବିକ୍ରି ଉପରେ କଟକଣା ଲଗାଇଥିଲେ ଯାହା ଏବେ ମଧ୍ୟ କାଏମ ରହିଛି ।

ଜିନଜିଆଙ୍ଗରେ ମାନବାଧିକାରକୁ ହତ୍ୟା କରୁଥିବା ଚୀନ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ଲିଥୁଆନିଆ ଚୀନ ସରକାରଙ୍କ ଚକ୍ଷୁଶୂଳ ହୋଇଥିଲେ ହେଁ ଏବେ ତାଇୱାନର ସହଯୋଗରେ ଇଉରୋପର ସେମିକଣ୍ଡକ୍ଟର ଉତ୍ପାଦନର କେନ୍ଦ୍ର ହେବ । ତାଇୱାନ ସେମିକଣ୍ଡକ୍ଟର ମାନୁଫ୍ୟାକଚରିଂ କର୍ପୋରେସନ (ଏଟିଏସ୍‌ଏମସି) ସମାନ ଢଙ୍ଗରେ ଜାପାନରେ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ସୋନୀ ସହ ମିଶି କାର୍ଯ୍ୟ କରୁଛି । କାରଣ ତାଇୱାନରୁ ସପୁରୀ କିଣିବାକୁ ଚୀନ ମନା କଲାରୁ ଜାପାନ ସରକାର ସେସବୁ କିଣିନେଇ ତାଇୱାନକୁ ନିଜ ଦେଶକୁ ଆମନ୍ତ୍ରଣ କରିଥିଲେ । ଲିଥୁଆନିଆର ରାଜଧାନୀ ଭିଲନିଅସ୍‌ରେ ତାଇୱାନର କୂଟନୀତିକ କାର୍ଯ୍ୟାଳୟ ଖୋଲିବା ପରେ ଚୀନର ବାଣିଜ୍ୟିକ ଯୁଦ୍ଧ ଆରମ୍ଭ ହୋଇଥିଲା । ପୂର୍ବରୁ ଅଷ୍ଟ୍ରେଲିଆର କୋଇଲା, ମଦ, ମାଂସ, ବାର୍ଲି ସାମୁଦ୍ରିକ ଖାଦ୍ୟ ଆଦି ଉପରେ କଟକଣା ଲଗାଇଥିଲେ ମଧ୍ୟ ଚୀନ ନିଜେ ଅଧିକ କ୍ଷତିଗ୍ରସ୍ତ ହୋଇଛି,ବିଦ୍ୟୁତକାଟ କରି ସହରକୁ ଅନ୍ଧାରରେ ରଖିଛି, କଳକାରଖାନା ବନ୍ଦ ରଖିଛି, ଉତ୍ପାଦନ ହ୍ରାସ କରିବାକୁ ବାଧ୍ୟ ହୋଇଛି ।

ଲିଥୁଆନିଆ ପ୍ରତିବର୍ଷ ଚୀନକୁ ପ୍ରାୟ ୪୯୩ ମିଲିଅନ ଡଲାରର ରପ୍ତାନୀ କରି ତିନିଗୁଣାରୁ ଅଧିକ ଆମଦାନୀ କରିଥାଏ । ଜାପାନ, ନରୱେ, ଦକ୍ଷିଣ କୋରିଆ, ତାଇୱାନ, ଅଷ୍ଟ୍ରେଲିଆ, ଫିଲିପାଇନ୍ସ ପରେ ଲିଥୁଆନିଆ ବିରୋଧରେ ଚୀନ ବାଣିଜ୍ୟିକ କଟକଣା ଜାରି କରିଛି । ଜୁଲାଇ ୨୦୨୧ରେ ଲିଥୁଆନିଆ ତାଇପେଇରେ କୂଟନୀତିକ କାର୍ଯ୍ୟାଳୟ ଖୋଲିବାକୁ ଘୋଷଣା କରିଥିଲା । ତାଇୱାନ ପାଇଁ ୨୦୦୦୦ ଆଷ୍ଟ୍ରାଜେନେକା ଟୀକା ଯୋଗାଣର ପ୍ରତିଶ୍ରୁତି ଦେଇଥିଲା । ଗତ ମଇ ମାସରେ ଚୀନ, କେନ୍ଦ୍ର ଓ ପୂର୍ବ ଇଉରୋପ ରାଷ୍ଟ୍ରମାନଙ୍କର ୧୭+୧ ସମୂହରୁ ଲିଥୁଆନିଆ ଓହରି ଆସିବା ଲାଗି ଘୋଷଣା କରିଥିଲା । ହଂକଂ, ତିବ୍ବତ, ତାଇୱାନ ସମେତ ଚୀନର ଭିନ୍ନ ଭିନ୍ନ ପ୍ରଦେଶରେ ଘଟୁଥିବା ଘଟଣାଗୁଡିକ ପ୍ରତି ଆଖିବୁଜି ଦେଇହେବ ନାହିଁ ବୋଲି ଲିଥୁଆନିଆର ଅର୍ଥମନ୍ତ୍ରୀ ଅସ୍ରିନେ ଆର୍ମୋନାଇଟ୍ କହିଥିଲେ ।

ଚୀନର ଜନବିରୋଧୀ, ବିଶ୍ୱ ବିରୋଧୀ ନୀତିକୁ ଲିଥୁଆନିଆ ପରି ଛୋଟ ଦେଶ ଚ୍ୟାଲେଞ୍ଜ ଦେବା ସହ ବିକଳ୍ପ ମାର୍ଗକୁ ପ୍ରଶସ୍ତ କରିବାରେ ସହାୟକ ହୋଇଛି । ଲିଥୁଆନିଆ ପରେ ପରେ ସିଙ୍ଗାପୁର ମଧ୍ୟ ନିଜ ଦେଶର ସେମିକଣ୍ଡକ୍ଟର ଶିଳ୍ପକୁ ଅଧିକ ସୁଦୃଢ଼ କରିବାକୁ ନିଷ୍ପତ୍ତି ନେଇଛି । ଚୀନ ପଛରେ ଲିଥୁଆନିଆ ଯେଉଁ ନିଆଁ ଲଗାଇଛି ତାହା ଏତେ ଶିଘ୍ର ଲିଭିଲାପରି ଜଣାପଡୁନାହିଁ, ବରଂ ଚୀନର ପଛକୁ ପୋଡି ନଷ୍ଟ କରିପାରେ ।

♥ ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩

## ଓଡ଼ିଶା ହାଇକୋର୍ଟଙ୍କ ଐତିହାସିକ ରାୟ



ସୁବ୍ରତ କର

ବ୍ରିଟିଶ ସରକାର ଅମଳରୁ ଚାଲି ଆସିଥିବା ଏକ ପଦ୍ଧତିକୁ ଓଡ଼ିଶା ହାଇକୋର୍ଟ ବଦଳେଇଛନ୍ତି । ଓକିଲମାନେ ହୁଅନ୍ତୁ ବାସାଧାରଣ ଜନତା ଆଉ ଜର୍ଜମାନଙ୍କ ହିଜ ଲର୍ଡଶିପ, ଇଓର ଅନର ବା ମାଇ ଲର୍ଡ ବିଚାର ସମୟରେ ବା କୋର୍ଟ ପରିସରରେ ସମ୍ବର୍ଦ୍ଧନା କରିବାକୁ ପଡ଼ିବ ନାହିଁ । ଖାଲି 'ସାର' କହି ସମ୍ବର୍ଦ୍ଧନା କରିବା ଯଥେଷ୍ଟ ହେବ । ଏହା ଥିଲା ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ୍ ଏସ. ମୁରଲୀଧର ଏବଂ ଜଷ୍ଟିସ ଆର.କେ ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠର ରାୟ । କି ସୁନ୍ଦର ରାୟ । ଆଶ୍ଚର୍ଯ୍ୟ ଏବଂ ବିଶ୍ୱାସ ଯୋଗ୍ୟ ନୁହଁ । ଜଷ୍ଟିସ୍‌ମାନେ ମଧ୍ୟ ସାଧାରଣ ଅଫିସର ଏବଂ ସାଧାରଣ ଜନତାଙ୍କ ସହିତ ନିଜକୁ ସାମିଲ କରିଲେ । ଉପରୋକ୍ତ ଶବ୍ଦଗୁଡ଼ିକ ବଚାର ବିଭାଗ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରୁଥିଲା ଏବଂ ମନ୍ତ୍ରୀମାନଙ୍କୁ ସମ୍ବର୍ଦ୍ଧନ କଲାବେଳେ ମଧ୍ୟ ଆମ୍ଭେମାନେ ଓନରେବଲ ମନ୍ତ୍ରୀ ମହୋଦୟ କହିଥାଉ । ମୁଁ ଭାବୁଛି ଏବଂ ମନ୍ତ୍ରୀମାନଙ୍କୁ ମଧ୍ୟ ଖାଲି ସାର କହି ଚଳେଇହେବ । ସତରେ, ଏହି ଶବ୍ଦଗୁଡ଼ିକ ପ୍ରାଚୀନ ଏବଂ ପ୍ରାର୍ଚ୍ଚର ସଦୃଶ୍ୟ ବିଭେଦ ସୃଷ୍ଟି କରୁଥିଲା । ଏହି ଶବ୍ଦଗୁଡ଼ିକୁ ମୁଖ୍ୟ ବିଚାରପତି ଓକିଲମାନଙ୍କୁ ଏବଂ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ବ୍ୟବହାର ନ କରିବା ପାଇଁ । ଏହା ବଦଳରେ ସମ୍ମାନ ଦେଇ ପାରୁଥିବା ଯେ କୌଣସି ଶବ୍ଦ ବ୍ୟବହାର କରିବା ପାଇଁ । ସତରେ ମୁଖ୍ୟ ବିଚାରପତିଙ୍କ ଏହି ମହନୀୟତା ଓଡ଼ିଶାବାସୀ ବା ଭାରତବାସୀ ଭୁଲି ପାରିବେ ନାହିଁ । ଏହା ନିଶ୍ଚିତ ଭାବରେ ଓଡ଼ିଶା ହାଇକୋର୍ଟରେ ଇତିହାସ ସୃଷ୍ଟି କରିଛି । ମୁଁ ଜାଣିନାହିଁ ଏହି ରାୟ ଓଡ଼ିଶା ବାହାରେ ଥିବା ହାଇକୋର୍ଟ ବା ଅଦାଲତମାନେ ମାନିବେ କି ନାହିଁ ଏ ପରିକି ସୁପ୍ରିମ କୋର୍ଟ ମଧ୍ୟ । ତେବେ ଯଦି ଓଡ଼ିଶା ହାଇକୋର୍ଟ ଭବି ଦେଖାଇ ସବୁ କୋର୍ଟ ଗ୍ରହଣ କରିନ୍ତି । ତେବେ ବିଟ୍ରିଶ ଯୁଗରୁ ଚାଲି ଆସିଥିବା ପଦ୍ଧତିର ଅବସାନ ଘଟିବ ଏବଂ ଆଇନ ବିଭାଗର ଏକ ନୂଆ ଯୁଗ ସୃଷ୍ଟି ହେବ ।

## କବିତା କୋଣାର୍କ

### ଜଳ ବିନ୍ଦୁ

ରଶ୍ମି ସାମଲ



ତୁମେ ମାନ କି ନ ମାନ,
ରହିଥିବି ସବୁ ଦିନେ ତୁମ ପାଇଁ
ହୋଇ ଏକ ଜଳ ବିନ୍ଦୁଟିଏ,
ଭରି ରହିଥିବା ମନର ଭାବରେ
ନିଳପଦ୍ମର ସେ ପାଖୁଡା ପରି
ଆଖିର କୋଣରେ ଢଳ ଢଳ ହୋଇ।

ଆଉ ମୋତେ ପଚାରନା
ସେ ରାତିର ଇତିହାସ କଥା
ବିଚ୍ଛୁରିତ ତାରା ସବୁ
ମିଟି ମିଟି ଚାହିଁଥିଲେ
ଈର୍ଷାନ୍ୱିତ ହୋଇ,
ଆକାଶରେ ଥିଲ ତୁମେ ଚାନ୍ଦ
ଆଉ ଧରିତ୍ରୀରେ ମୁଁ ହୋଇ କୁମୁଦିନି।

ବଦଳିଲା କ୍ୟାଲେଣ୍ଡର
ଉଜୁଡିଲା ଜୀବନର ସ୍ୱପ୍ନ
ଯେତେସବୁ ଥିଲି ମୁଁ ସାଇତି,
ପ୍ରେମରେ ବାଧକ ହେଲା
ଅଂକୁରିବା ଆଶା ମୋର ଝାଉଁଳି ପଡିଲା,
ନିରବିଲା ମନର ଆବେଗ,
ଅସ୍ୱଷ୍ଟ ଦିଶିଲା ସବୁ ଆଖିର ଲୁହରେ ।

ଶୀତ ରାତିର
ଟୋପା ଟୋପା କାକର ବିନ୍ଦୁରେ
ଜୀବନର ଆତୁରପଣ ଯେମିତି
ଅନିଚ୍ଛାରେ ଫିକା ପଡିଗଲା,
ଯାହାର ଗଭୀରତା
ନା ମାପି ହୁଏ ନାଁ ବୁଝିହୁଏ ।

ଜୀବନର ପ୍ରାଣ କେନ୍ଦ୍ର ହୃଦୟଟି
କେବଳ ଅନୁଭବ କରିହୁଏ
କୋମଳତା ଭାଙ୍ଗି ଗଲେ
ଲହୁ ଝରେ ବିନ୍ଦୁ ବିନ୍ଦୁ ହୋଇ
ଯାହା ଦେଖି ହୁଏନି,
ସତେ ଯେପରି ସେ ଲୁହସବୁ
ବାମ୍ପ ହୋଇ ଉଡିଯାଏ
କୋହର ତାତିରେ ।

ସେଇ ବିନ୍ଦୁ ବିନ୍ଦୁ ଜଳରେ
ସୃଷ୍ଟି ହୁଏ ପ୍ରତିଶ୍ରୁତିର
ମହା ଏକ ସିନ୍ଧୁ,
ଆଉ ତାରି କୂଳରେ ଥାଇ ଆଙ୍କୁଥିବି
ପ୍ରତିବିମ୍ବ ଯେତେ,
ଦେଖୁଥିବି ଲିପିବଦ୍ଧ ହୋଇଥିବା
ଯେତେସବୁ ଆଶା ଆଉ
ଭରଷାର ନୂତନ ଦିଗନ୍ତ ।

ଆଖି ଆଗରେ କ୍ଷିପ୍ର ବେଗେ
ମେଘାଚ୍ଛନ୍ନ ଆକାଶ ବକ୍ଷରେ
ଗତିଶୀଳ ସେ ବାଦଲ ଗୁଡାକ
ଚାଲି ଯାଉଛନ୍ତି କାହିଁ କେତେ ଯେ ଦୂରକୁ,
ତଥାପି ଦୃଢ ଭାବେ କହିବି ମୁଁ
ବିନ୍ଦୁ ବିନ୍ଦୁ ଲୁହଯେତେ ଛାତିରେ ଜାବୁଡ଼ି,
ହରାଇବା ଦୁଃଖଠାରୁ ଅନତି ଦୂରରେ
ପାଇବାର କ୍ଷୀଣ ଆଶାର ବତୀକୁ
ଉଜ୍ଜୀବିତ କରି।

♥ ଭୁବନେଶ୍ୱର
(ମୋ)୯୪୩୭୧୧୫୮୬୪

### ସାମନ୍ତ ଚନ୍ଦ୍ରଶେଖର

ଲୀଳାବତୀ ପରିଡ଼ା



ଅଠରଶ ପଇଁତିରିଶି ମସିହା
ଡିସେମ୍ବର ତେର ତାରିଖରେ,
ପୌଷ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ଯେ
ଥିଲା ତିଥିଟି ସେହି ଦିନରେ।

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଗ୍ରାମ
ସମ୍ଭ୍ରାନ୍ତ ରାଜ ପରିବାରରେ,
ପିତା ଶ୍ୟାମବନ୍ଧୁ ହରିଚନ୍ଦନ ଓ
ମାତା ବିଷ୍ଣୁମାଳୀଙ୍କ କୋଳରେ ।

ଉତ୍କଳ ଭାସ୍କର ପଠାଣି ସାମନ୍ତ
ଜନ୍ମିଥିଲେ ସେ ପୁଣ୍ୟ ମାଟିରେ,
ଦଶ ବରଷ ରୁ ଧ୍ୟାନ ଦେଇଥିଲେ
ଜ୍ୟୋତିଷ ଶାସ୍ତ୍ର ଓ ଗଣିତରେ ।

ବାଇଶି ବରଷେ ହସ୍ତ ଧରିଥିଲେ
ଅନୁଗୁଳ ରାଜଜେମା ସୀତା,
ମଣିକାଞ୍ଚନର ସଂଯୋଗ ସତେ ବା
ଗବେଷଣାରେ ତ ସଦା ଚିନ୍ତା ।

ଭାରତର ଅନ୍ତରୀକ୍ଷର ସେ ଚକ୍ଷୁ
ପୁଣି ଦ୍ୱିତୀୟ ଭାସ୍କରାଚାର୍ଯ୍ୟ,
ଉତ୍କଳର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ
ଅଟନ୍ତି ସେ ଉତ୍କଳର ସୂର୍ଯ୍ୟ ।

ଦିଖଣ୍ଡ କାଠିରେ ମାପି କହୁଥିଲେ
ପାହାଡ ପର୍ବତର ଉଚ୍ଚତା,
ସଠିକ୍ ଗଣନା କରି କହୁଥିଲେ
ସୂର୍ଯ୍ୟ ଚନ୍ଦ୍ର ତାରା ଗତି କଥା ।

ଚନ୍ଦ୍ରଗ୍ରହଣ ସୂର୍ଯ୍ୟପରାଗ ଠାରୁ
ସୂର୍ଯ୍ୟ ଚନ୍ଦ୍ର ପୃଥିବୀର ବ୍ୟାସ,
ହାତ ଗଢା ଯନ୍ତ୍ରେ ହିସାବ କରିଣ
କହି ଦେଉଥିଲେ ସେ ଅବଶ୍ୟ ।

ସୂର୍ଯ୍ୟ ଚାରିପାଖେ ଗ୍ରହ ଉପଗ୍ରହ
କରିଥାନ୍ତି ସଦା ପ୍ରଦକ୍ଷିଣ,
କହିଲେ ମହାଜାଗତିକ ପିଣ୍ଡର
ଆବର୍ତ୍ତନ ଓ ପରିକ୍ରମଣ ।

ଶଙ୍କୁଦଣ୍ଡ ଖଗୋଲ ଓ ମାନ ଯନ୍ତ୍ର
ଉଲମ୍ଭୀ ଚକ୍ର ଓ ଗୋଲ ଯନ୍ତ୍ର,
ସୂର୍ଯ୍ୟ ଘଡି ତାଙ୍କ ଅନବଦ୍ୟ ଦାନ
ସମୟ ଦେଖିବା ମହାମନ୍ତ୍ର ।

ସିଦ୍ଧାନ୍ତ ଦର୍ପଣ ଲାଗିଥିଲା ସିନା
ଲେଖିବାକୁ ତେଇଶି ବରଷ,
କରି ଦେଇଥିଲା କାଳଜୟୀ ତାଙ୍କୁ
ହୋଇଗଲେ ସେ ମହାପୁରୁଷ ।

ଅଠରଶ ତେୟାନବେ ମସିହାରେ
ହୋଇଥିଲେ ସେ ଯେ ସମ୍ମାନିତ,
ମହାମହୋପାଧ୍ୟାୟ ଉପାଧିରେ ସେ
ଭୂଷିତ ହୋଇ ହେଲେ ବିଖ୍ୟାତ।

♥ କୁଟୁଣିଆଁ, ହିନ୍ଦୋଳ,
ଢେଙ୍କାନାଳ
(ମୋ)୯୮୬୧୯୪୫୬୨୬

### ଖୁସି

ବୈଷ୍ଣବ ମେହେର



ମୁଁ ଶିଖିନି ପୁରା ଖେଳ,
କିନ୍ତୁ...
ମୁଁ ଧିରେ ଧିରେ ଶିଖୁଛି;
ଜାଣିନି କେବେ ପୁରା ଶିଖିବି,
ହେଲେ...
ଖେଳରେ ଅନେକ ଆଗେଇ ଯାଇଛି ।

ମୁଁ ଖୁସି ପାଇବା ପାଇଁ....
ଅନେକ କିଛି ଏକାଠି କରିଛି,
ଆଉ..
ଖୁସିକୁ ଉପଭୋଗ କରିବା ପାଇଁ...
ଅନେକ ଖୁସିର ଜଳାଞ୍ଜଳି ଦେଇଛି ।

ଏକାଥରେ କିଛି ବଡ଼ କରିନି,
କଷ୍ଟ ଦେଇନି କାହାକୁ ଜ୍ଞାତରେ,
ଛୋଟ ଛୋଟ ଖୁସି ପାଇଁ...
ଦୁଃଖକୁ ପିଉଛି ଅତି ସରାଗରେ ।

ମୁଁ କିଛି ପାଇବା ଆଶାରେ...
ଅନେକ ରାତିର ନିଦ ହଜେଇଛି,
ସ୍ୱପ୍ନମାନଙ୍କର ତଣ୍ଟି ଚିପି ଚିପି...
ନିଜେ ଅପରାଧି ପାଲଟି ଯାଇଛି ।

ଖୋଜୁଛି ଖୁସିକୁ ଦିନ ରାତି,
କହୁଛି ମନକୁ ଆଶ୍ୱାସନା ଦେଇ,
ଶୀତ କେବେ ଚାଲିଯାଏ ଯଦି,
ବସନ୍ତେ ଅବିର ଆସିବ ନେଇ ।

♥ ଗଣ୍ଡାବାହାଲି, ନୂଆପଡା

# ଦହନ

## ପ୍ରଫୁଲ୍ଲ ବାରିକ



ସବୁ ଠିକ ଚାଲିଥିବା ବେଳେ ଅହେତୁକ ପଥର ଖଣ୍ଡିଏ ବାଟ ଓଗାଳେ ଚଲାପଥରେ । ତାକୁ ଡେଇଁବାକୁତ ହୁଏ, ହେଲେ ତା ଦ୍ୱାରା ଲହୁ ଲୁହାଣ ହେବାକୁ ହୁଏ ଢେର । କ୍ଷତ ଛୋଟ ହଉ କି ବଡ଼, ରକ୍ତର ଦାଗ ଶୁଖିବାକୁ, ଜଖମର ବଥା ମରିବାକୁ ବେଶ ସମୟ ଲାଗେ ।

ଦୁଆରେ କନେଷ୍ଟବଳକୁ ଭିତରକୁ କାହାକୁ ନଛାଡିବାକୁ ଆଦେଶ ଦେଇ ଟେବୁଲରେ ମୁହଁ ପୋତି ବସିଛନ୍ତି ସମ୍ବିତ ପଟ୍ଟନାୟକ । ପାଞ୍ଚ ବର୍ଷ ଡ଼ିଏସପି ଜୀବନରେ ଇଏ ବ୍ୟତିକ୍ରମ । ଗୋଟେଇଥିବା ପ୍ରଶଂସା, କାର୍ଯ୍ୟ ଦକ୍ଷତା ସବୁ ଧୋଇ ଯାଇଛି ହାବୁକାଏ ପବନରେ ।

ସିଏ ଜାଣିଛନ୍ତି, ଯେ କାମପ୍ରତି ସିଏ ମୂଳରୁ ବୀତସ୍ପୃହ । କଣ କରିବେ ? ନିଜ ଥାନା ଅଧୀନସ୍ଥ । ଦାୟିତ୍ୱ ତାଙ୍କର । ତେବେବି ଏସପିଙ୍କୁ ଜଣେଇଥିଲେ ବ୍ୟକ୍ତିଗତ ସମସ୍ୟା ଦେଖେଇ ଡିଉଟି ନକରିବାକୁ । ଏସପି ବୁଝିବେ କଣ, କହିଲେ ସମୟ ଏବେ ଭଲ ନୁହେଁ । ଶାସକ ଦଳର ଏମଏଲଏ ଆସୁଛନ୍ତି । ବିରୋଧୀଙ୍କ ହାଙ୍ଗାମାକୁ ଏଡେଇ ଦିଆଯାଇ ନପାରେ । ଏମେଲେ ନିଜେ ଏକଥା ଆଗତୁରା ଜଣେଇ ସିକ୍ୟୁରିଟି କଡା କରିବାକୁ କହିଛନ୍ତି । କିଛି ଅଘଟଣ ଘଟିଲାତ ମୁ ଫସିଯିବି । ମତେ ଦବାକୁ ହବ କୈଫିୟତ । ଡିପାର୍ଟମେଣ୍ଟ ହେବ ବଦନାମ । ଯିମିତି ହଉ ନିଜେ ଉପସ୍ଥିତ ରହି ଦେଖିବେ । ଯିମିତି କିଛି ନଘଟେ । କିଛି ନଶୁଣେ ମୁଁ ।

ଅର୍ଡର ପାଇବାଠୁ ତାଙ୍କ ମୁଣ୍ଡ କାମ କରୁନି । ପ୍ଲାଟୁନଟିଏ ଡେପ୍ୟୁଟ କରି, ଓଆଇସିଙ୍କ ସମେତ ଜଣେ ଏସାଇଙ୍କୁ ଦାୟିତ୍ୱ ଦେଇଛନ୍ତି । ତେବେବି ଉପସ୍ଥିତ ରହିବାକୁ ହେବ । ଏସପିଙ୍କ ଅର୍ଡର ।

ସାରା ରାତି ନିଦ ନାଇଁ । ଆଖିରେ ଭାସୁଛି ସ୍ମୃତି ସବୁ ଭେଳା ଭେଳା ହେଇ । ବିସ୍ତୃତ ଜୀବନ । ହାଇସ୍କୁଲରୁ କଲେଜ ଯାଏଁ । ଅନୁଭବ ଅନୁଭୂତି ଝୁମେ ଝୁମେ । ଟୋକାଟା ଉଦଣ୍ଡ ଥିଲା ହାଇସ୍କୁଲରେ । ଠିକ ତା ସରପଞ୍ଚ ବାପପରି । ଝିଅଙ୍କର ଥିଲା ଟେରର । କେତେଥର କମ୍ପ୍ଲେନ ଯାଇଛି ହେଡ଼ସାରଙ୍କ ଯାଏ । ଫଳ କିଛି ହୁଏନି । ଘଟଣା ଚାପିଯାଏ ସ୍କୁଲ ହତାରେ । ସାରମାନେ ଡରନ୍ତି ବାପପାଇଁ ପୁଅକୁ । ଯେନତେନ ଡେଇଁଗଲା ମେଟ୍ରିକ । ପୁଣି ଦେଖା କଲେଜରେ । କଲେଜ ବେଳକୁ ନଥାଏ ଅବସ୍ଥାରେ । କେଶ ପରେ କେଶ ରାତି ପାହିଲେ । ପ୍ରିନ୍ସିପାଲ ଅଫିସ ଡେଇଁ ପହଞ୍ଚେ ଥାନାରେ । ଜାମିନ, ଅଣ୍ଡରଟେକିଂରେ ଆସିଛି କେତେଥର । ଫଳ ଯଉକଥାକୁ ସେଇକଥା । ବିଏ ଫାଇନାଲରେ ପଡିଥାଏ ତାଙ୍କ ଆଗ ବେଞ୍ଚରେ । ଆଡିସନାଲ ସିଟ ନେଇ ଲେଖୁଥିବା ବେଳେ ସିଧା ଟାଣିନେଲା ମୂଳ ଖତାକୁ । ପାଟି ନକରିବାକୁ ଓଠରେ ଆଙ୍ଗୁଳି ରଖି ସଂକେତ ଦେଲା । ସେ ଚୁପ ରହିଲେ । ସୌଭାଗ୍ୟରୁ ପାସ କରିଗଲା । ଏବଂ ସେଇଥିଲା ତା ଶିକ୍ଷାଜୀବନର ଶେଷପାହାଚ । ଆଉ ଦେଖା ହେଇନି ମଝିରେ । ଆଇଏଏସ ପାଇ ପୋଷ୍ଟିଙ୍ଗ ହେବା ପରେ ଜାଣିଲା ସିଏ ଏବେ ରାଜନୀତିରେ । ଗତ ଇଲେକ୍ସନରେ ପଇସା ଫିଙ୍ଗି ହାତେଇଛି ଏମଏଲଏ ପଦବିଟା । ଏବେ ଆସୁଛି ଆପଣା ନିର୍ବାଚନ ମଣ୍ଡଳୀ ଗସ୍ତରେ, ଯାହାକୁ ଜଗିବାକୁ ତା ଉପରେ ଦାୟିତ୍ୱ ନ୍ୟସ୍ତ ।

ସଭା ଆରମ୍ଭରୁ ସବୁ ଚାଲିଥିଲା ଠିକ ଠାକ । ପୁଲିସ ଛାଉଣୀକୁ ଟାଇଟ କରି ସେ ବୁଲୁଥିଲେ ସବା ପଛରେ । ମଞ୍ଚରୁ ଦୁରେଇ । ଚାହୁଁନ ନଥିଲେ ତା ମୁହଁ ଦେଖିବାକୁ, କି ତା ମଧୁର ଭାଷଣ ଶୁଣିବାକୁ । ଏକପ୍ରକାରେ ଅନ୍ୟମନସ୍କତାରେ ସେ ସମୟ ଅତିବାହିତ କରୁଥିଲେ ଟହଲ ମାରି ।

ହଠାତ ହେଲା ଗଣ୍ଡଗୋଳ ଷ୍ଟେଜ ସାମ୍ନାରେ । ପଚାସ ଶହେ ଆଢ଼େ ଧସେଇ ପଶିଲେ ପୁଲିସ କଷ୍ଟଡି ଭାଙ୍ଗି । ସବୁଗୁଡ଼ା ଟୋକା, ଯୁବବର୍ଗର । ସିଧା ଚଢିଗଲେ ମଞ୍ଚ ଉପରକୁ ଆଉ ଟଣା ଘୋଷରା କରିଦେଲେ ଏମଏଲଏଙ୍କୁ । କଣ ହେଲା ବୋଲି ଦେଖିବା ବେଳକୁ ଘଟି ସାରିଥିଲା ଘଟଣା । ଅବଶ୍ୟ ପୁଲିସ ଆଉ ଆଗକୁ ବଢିବାକୁ ଦେଇ ନଥିଲା । ତେବେବି ଯାହା ଘଟିଗଲା, କମ ନଥିଲା ପରିପ୍ରେକ୍ଷିରେ । ପୁଲିସକୁ ଖୋଲା ଚାଲେଞ୍ଜ । ପୁଣି ଖୋଦ ଡ଼ିଏସପିଙ୍କ ଉପସ୍ଥିତିରେ, ଗୋଟେ ଗ୍ରାମୀଣ ପରିବେଶରେ । ମିଟିଂ ଅଧାରୁ ରଖି ଏମଏଲଏ ଫେରିଗଲେ ଡାକବଙ୍ଗଳାକୁ । ସେଇଠୁ ଆସି ବସିଛନ୍ତି ସିଏ । କଳ୍ପନା କରୁଛନ୍ତି ଆଗାମୀ ଅବସ୍ଥାକୁ । ତାଙ୍କୁ ସମ୍ମୁଖୀନ ହବାକୁ ହବ ଏମଏଲଏଙ୍କୁ । କୈଫିଅତ ଦବାକୁ ହବ ଏସପିଙ୍କୁ ।

ସେଣ୍ଟ୍ରି ଜଣେ ଆସି ଖବର ଦେଲା -ଏମଏଲଏ ଡାକିଛନ୍ତି, ଡାକ ବଙ୍ଗଳାରେ ଅଧଘଣ୍ଟା ଭିତରେ ପହଂଚିବାକୁ । ଦୀର୍ଘଶ୍ୱାସ ଛାଡି, କାଢିଥିବା ଟୋପିକୁ ମଥାରେ ଲଗେଇ, ଜିପଧରି ଚାଲିଲେ ଡାକ ବଙ୍ଗଳା । ଏମେଲେ ଥାଟପାଟ ଧରି ବସିଥାଆନ୍ତି । ଅସନ୍ତୋଷ, ଅସହିଷ୍ଣୁତା ବାରି ପଡୁଥାଏ ପାଦରୁ ମଥା । ସାଲୁଟ ମାରି ସିଏ ଠିଆ ହେଲେ ଭୂମିମନସ୍କ ହେଇ । ଏମଏଲଏ କହିଲେ, ପୁଲିସର ଅପାରଗତା ପାଇଁ ମୁଁ ଦଣ୍ଡ ପାଇଲି । ଆପଣ କଣ ଅସ୍ୱୀକାର କରିବେ, ଆପଣଙ୍କ ଖାମଖିଆଲି ଓ ବିଶୃଙ୍ଖଳତା ଆଜିର ଘଟଣା ପାଇଁ ଏକାନ୍ତ ଦାୟୀ ? ଶୃଙ୍ଖଳା ଓ କର୍ତ୍ତବ୍ୟ ବୋଧ ମୋତେ ଶିଖେଇବାକୁ ହବ ? ଜାଣନ୍ତି ଏହାର ନତିଜା କଣ ? ହାଇକମାଣ୍ଡ କ୍ଷମା ଦେବେନି ଆପଣଙ୍କୁ । ଏସପିଙ୍କୁ ବାର ବାର କହିବା ସତ୍ୱେ । ଏସପିଙ୍କୁ କହି ଏକ୍ସପ୍ଲାନେସନ କଲ କରିବା କଥା । ମୁଁ କରୁନି । କାଇଁକି ଯାଣ ? ଏମଏଲଏ କଥାରେ ପଜ ଦେଲେ । ପୁଣି କହିଲେ, ଏଣିକି ଶୃଙ୍ଖଳିତ ହୁଅ । କର୍ତ୍ତବ୍ୟପରାୟଣତା ଉପରେ ଗୁରୁତ୍ୱ ଦିଅ । ଆଉ କେବେ ଏପରି ନଘଟେ ଯିମିତି । ଆସିପାର ।

ଶବ୍ଦଟିଏ ସ୍ଫୁରି ନଥିଲା ତାଙ୍କ ପାଟିରୁ । ଇମିତିକି ଆଖିରେ ଆଖି ରଖି ସେ ଦେଖି ନଥିଲେ ଏମଏଲଏଙ୍କୁ । ତାଙ୍କ ଭର୍ଷନା ଓ ନୀତିବାଣୀ ସମାପ୍ତି ଅନ୍ତେ ଆସିବାର ଆଦେଶ ପାଇ ଉଠି ଯାଇଥିଲା ହାତ ସାଲୁଟ ପାଇଁ । ପିଛେ ମୋଡ, ତେଇଚଲ ଠାଣିରେ ସେ ନିର୍ଗତ ହେଲେ ଚାମ୍ବରରୁ ଜଣେ କର୍ତ୍ତବ୍ୟନିଷ୍ଠ ଶୃଙ୍ଖଳିତ ପୁଲିସ ଅଫିସର ଭାବେ ।

ସେଇଠୁ ସିଧା କ୍ୱାର୍ଟରକୁ । ଆଉ ଯାଇ ନାହାନ୍ତି ଅଫିସକୁ । ଭିତରୁ କବାଟ ବନ୍ଦ କରି ପଡିଛନ୍ତି ବିଛଣାରେ । ପୋଷକ, ଏପରିକି ଜୋତାବି ଖୋଲା ଯାଇନି ପାଦରୁ । ମୋବାଇଲ ରିଙ୍ଗ ହେଲା । ସମୟ ଦେଖିଲେ । ରାତି ନଅ ହେବ । ଅଚିହ୍ନା, ଅନସେଭ ନମ୍ବର । ଅନିଚ୍ଛା ସତ୍ୱେ ରିସିଭ କଲେ । ସେପଟୁ ଶବ୍ଦ -ସମ୍ବିତ, ମୁଁ ସୂର୍ଯ୍ୟ, ଏମଏଲଏ କହୁଛି । ସମ୍ବିତ ନିରୁତ୍ତର । ପୁଣି କଣ ଅଛି ଶୁଣିବାର ?

ଆରେ ଛାଡ଼ ଭାଇ ସେ ଘଟଣାକୁ । କାଇଁକି ଚିନ୍ତା କରୁଛ ? ରାଜନୀତିରେ ଇଏ ନୂଆ ନୁହେଁ । ତମେ ଦୁଃଖ କରନା । ଜମାରୁବି । ଫର୍ମାଲିଟିରେ ଯାହା କହିବାର କହିଲି । ମୁଁ ଏମଏଲଏ ପଛେ, ଆଗ ତମ ସାଙ୍ଗ । ପଦେ କଥା କୁହ ? ଶୁଣିବାକୁ ତମ କଣ୍ଠ ମୋର ଭାରି ଇଚ୍ଛା । କୁହ ଭାଇ, ଭଲ ଅଛ ?


--- ଭଲ ଅଛି । ବନ୍ଧୁତ୍ୱର ସଦିଚ୍ଛା ପାଇଁ ଅଶେଷ ଧନ୍ୟବାଦ ।

ଏମଏଲଏ ଆଉ କଣ କହିବାକୁ ଯାଉଥିଲେ, ସେପଟୁ କଲ ଆସିବାରୁ ଫୋନ କଟିଲା । ସମ୍ବିତ ଦୀର୍ଘଶ୍ୱାସ ଛାଡି ଉଠି ଠିଆ ହେଲେ । ଅନେଇଲେ କାନ୍ଥକୁ । ଗାନ୍ଧିଜୀଙ୍କ ଫଟୋ । ଶାନ୍ତ ସରଳ ମୁହଁରେ ନିର୍ମାୟା ହସ ଧାରେ । ସେ ହସ ଅଭୟ ଓ ଆଶିଷର । କିଏ ତାଙ୍କୁ କହୁଥିବା ପରି ଲାଗିଲା - କାଇଁକି ଭାଙ୍ଗି ପଡୁଛୁ, ସେମାନେ ଯଦି ଏତେ ଟାଣ ? ଜୀବନର ଚଲାପଥରେ ଏମିତି କେତେ ଆସିବ । ଛାତି ଟାଣ, ପାଦ ଦୃଢ଼ କଲେ ଯାଇ ଚାଲି ପାରିବୁ । ଭୁଲି ଯାଆ ଅତୀତ । ପରିବର୍ତ୍ତନ ସହ ସାମିଲ ହେଇଯା । ସେଥିରେ ତୋର ଉନ୍ନତି, ଜିତ । ସମ୍ବିତ ଟୋପେ ହସିଲା । ସାର୍ଟରୁ ବୋତାମ ଖୋଲିଲା ଉତାରିବାକୁ ।

ଅଅଅଚନ୍ଦନବିନ୍ଧା,
ଚାନ୍ଦବାଲି, ଭଦ୍ରକ
ମୋ: ୯୨୩୮୯୨୦୪୦୫

# ଶପଥ

## ଘନଶ୍ୟାମ ପଲେଇ



ବିଶେଷ କାମସାରି ରାଉରକେଲାରୁ ଫେରୁଥିଲେ ଆମ ଅଫିସ୍‌ର ବଡବାବୁ ମାନେ ସୁକାନ୍ତବାବୁ । ଭାରି ହିସାବୀ ମଣିଷଟେ । ଅଫିସର ହିସାବ ସାଙ୍ଗକୁ ନିଜର ବି ରଖୁଥିଲେ କଡାଗଣ୍ଡା ହିସାବ । ଅବଶ୍ୟ ଆବଶ୍ୟକତା ଠୁଟିକିଏ ବେଶି ।

ଇମିତିରେ ବି ଆସିସାରିଥିଲେ ଗୋଡାଏ ବାଟ ଲିଫ୍ଟ ମାଗି । ଆଉ କୋଡିଏ ବାଇଶ କିଲୋମିଟରର ତ କଥା । ବାଇକ୍ କାର ଯାହାବି ମିଳିବ ଘରେ ପହଞ୍ଚି ଗଲେ ଗଲା ।

ଲିଫ୍ଟ ଆଶାରେ ଛକଟାରେ ଛିଡା ହେଇଛନ୍ତି କେତେବେଳଠୁଁ । ଦିନ ଦିପହଟାରୁ ଆସି ହେଲାଣି ସଂନ୍ଧ୍ୟା । ଇମିତିରେ ବି ବେଶି ବସ ଚାଲେ ନାହିଁ ଏଇ ରାସ୍ତାରେ । କେତେବେଳୁଠୁ ଛାଡି ସାରିଲେଣି ଶେଷ ବସ ଖଣ୍ଡିକୁ । ଏଣିକି ଏକମାତ୍ର ଭରସା ଲିଫ୍ଟ ।

ଲିଫ୍ଟ ସହ ତ ତାଙ୍କ ଜୀବନ ଅଙ୍ଗାଅଙ୍ଗୀ ଜଡିତ । ଜୀବନଟାର ଅଧିକାଂଶ ଭାଗ କଟିଗଲାଣି ଲିଫ୍ଟରେ । ଆଜି କ'ଣ ବଳି ଯିବ ଯେ, ଆଜି ବି ଯିବେ ଲିଫ୍ଟମାଗି । ଆଜି କ'ଣ ଅଟକୁନଥିଲେ କେହି । ଏକରେ ତ ଅଜଣା ଘାଟି ରାସ୍ତା । ନା ଘରକୁ ଚାଲି କି ଯାଇହେବ ଏତେଗୁଡ଼ା ବାଟ । ଜୀବନରେ ଏପରି ହଇରାଣ କେବେ ହେବାର ତ କାଇଁ ନଜିର ନଥିଲା ତାଙ୍କର । ସେ ତ ପୁଣି ପ୍ରତି ଦିନ ଘରୁ ଅଫିସ ଆସୁଥିଲେ ଲିଫ୍ଟ ମାଗି । କାଁ ଭାଁ କେବେ କେମିତି ଅଫିସ୍‌ରେ ବିଳମ୍ବ ହେଲେ ଗଲାବେଳେ ଧରୁଥିଲେ ଶେଷ ବସ । କିନ୍ତୁ ବସରୁ ଉହ୍ଲେଉଥିଲ ସବା ଶେଷକୁ । କାହିଁକି କି ନା କିଏ କ'ଣ ଛାଡି ଯାଇଥିବ । ଛତା, ପଇସା, ପାଣି ବୋତଲ ଆହୁରି କେତେ କଣ ତାକୁଇ ଗୋଟେଇ ଉହ୍ଲେଉଥିଲେ ଶେଷକୁ । କାର୍ ବାଇକ ଆଶା ତ ପୂରାପୂରି ଛାଡି ସାରିଲେଣି କେତେବେଳୁଁ । ଏଣିକି ଭରସା ଡମ୍ଫର । ହେଲେ ସମଦଶା । ପରେ ଜଣକୁ ପଚାରି ଜାଣିଲେ- ମାଓବାଦୀ ଏରିଆ ।

ଡରିଗଲେଣି ସୁକାନ୍ତବାବୁ, ଯେମିତି ହେଉ ରାତି ପୂର୍ବରୁ ଫେରିବାକୁ ହେବ । ଭଗବାନଙ୍କୁ ସ୍ମରଣ କରି ହାତ ମାରିଲେ ଡମ୍ଫରଟିକୁ । ଥିଲା ଫୁଲ ସ୍ପିଡରେ, କଁ କଁ ଗର୍ଜନ କରି କଷିଲା ବ୍ରେକ । ଖଣ୍ଡେ ଦୂରରେ ଯାଇ ଅଟକିଲା ।

ଡେରି ନକରି ଦି' ଦିଟା ଏୟାର ବ୍ୟାଗ ହାତରେ, ଆଉ ପାଣି ବୋତଲଟାକୁ କାଖରେ ଜାକି ଧାଇଁଲେ । ହେଲେ ପାଖରେ ପହଞ୍ଚୁ ପହଞ୍ଚୁ ପେଁ କି ନା ଛାଡି ଦେଲା ଗାଡି । ସୁକାନ୍ତବାବୁ ପଛରୁ ଚାହିଁଥିଲେ ଥ ହେଇ । ଗାଡିପଛ ଡାଲାରେ ବଡ ବଡ ଅକ୍ଷରରେ ଲେଖା ଥିଲା--- ଆଜ୍ଞା ମାଇଣ୍ଡ କଲେ କି ?

ସରମି ଗଲେ ସୁକାନ୍ତବାବୁ ଚାରି ଆଡେ ଥରେ ନଜର ଘୁରେଇ ଆଣିଲେ । କାହିଁ କୁଆଡେ କେହି ଦେଖି ନାହାଁନ୍ତି ତ ତାଙ୍କ ଏ ଅବସ୍ଥାକୁ ?

ସତରେ ସୁକାନ୍ତବାବୁ ମାଇଣ୍ଡ କଲେ କି କ'ଣ ? ମନେ ମନେ ଶପଥ ନେଇ କହୁଥିଲେ--- ନୂଆ ବର୍ଷରେ କିଏ କେତେ କଣ ଶପଥ ନିଏ । ମୁଁ ଆଜି ବର୍ଷ ଶେଷଟାରେ ଶପଥ ନେଇ କହୁଛି --- ନୂଆ ବର୍ଷ ଆରମ୍ଭରୁ ଏ ଭୁଲ ଆଉ କେବେ ହେବ ନାହିଁ, ଜରୁରୀ ନଥିଲେ ଆଉ ମାଗିବିନି ଲିଫ୍ଟ ।

*+ବଡ ଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର -୭୫୮୦୩୧
ମୋ:୯୪୩୭୭୧୮୫୦୦*

# ଭକ୍ତିରେ ଭଗବାନ ଅଭକ୍ତିରେ ହାନିମାନ

## ନରେନ୍ଦ୍ର ପ୍ରସାଦ ବେହେରା



ଗୋଟିଏ ଗାଁରେ ଜଣେ ଗରିବ ବ୍ୟକ୍ତି ବାସ କରୁଥିଲା । ତା' ନାଁ ଥିଲା ସୁଧାକର । ସ୍ତ୍ରୀ ମାଳତୀ ଏବଂ ଦୁଇପୁଅ ହେମନ୍ତ ଓ ବସନ୍ତକୁ ନେଇ ଥିଲା ସଂସାର । ବିଚରା ସୁଧାକର ଗାଁର ସବୁଠୁ ଗରିବ ଥିଲା । ସୁଧାକର ପର ଘରେ ମୂଲ ଲାଗୁଥିଲା । ସ୍ତ୍ରୀ ମାଳତୀ ପରଘରେ ବାସନ ମାଜୁଥିଲା । ଉଭୟ ସ୍ୱାମୀ ସ୍ତ୍ରୀ ଯାହା ରୋଜଗାର କରୁଥିଲେ ଦୁଃଖେ କଷ୍ଟେ ଚଳିଯାଉଥିଲେ । ହେଲେ ଉଭୟ ସ୍ୱାମୀ ସ୍ତ୍ରୀ ପରମ ପ୍ରଭୁ ଭକ୍ତ ଥିଲେ । କିଏ କାହାର ଭକ୍ତ ଉଭୟଙ୍କୁ ଜଣା ନଥିଲା । ଏମିତି ଅଭାବ ମଧ୍ୟରେ ସଂସାର ଚାଲିଲା । ଦୁଇପୁତ୍ର ବଡ଼ ହେଲେ । ପାଠପଢି ଶିକ୍ଷିତ ହେଲେ । ବଡ଼ ଚାକିରୀ ମଧ୍ୟ କଲେ । ଘରକୁ ବୋହୂ ଆସିଲା । ପିତା ସୁଧାକର ଓ ମାତା ମାଳତୀ ଭାବିଥିଲେ ଏଥର ନିଶ୍ଚୟ ସୁଖ ଫେରି ଆସିବ । ଆଉ ପରଘରେ ମୂଲ ଲାଗିବାକୁ ପଡିବ ନାହିଁ । ଏମିତି କେତେ କ'ଣ ସ୍ୱପ୍ନ ଦେଖି ଚାଲିଲେ ସ୍ୱାମୀ ସ୍ତ୍ରୀ । ହେଲେ କ'ଣ ହେଲା ! କୁଆଡେ ଗଲା ସେ ସୁଖ ! ସବୁ ସ୍ୱପ୍ନ ପାଣି ଫୋଟକା ପରି ମିଳେଇଗଲା । ସୁଧାକର ଓ ମାଳତୀଙ୍କ ଭାଗ୍ୟ ଆକାଶରେ କଳାବାଦଲ ଘୋଟି ଆସିଲା । ଦୁଷ୍ଟ ବଡ଼ ବୋହୂର ଘରେ ହାକିମାତି ଆରମ୍ଭ ହୋଇଗଲା । ଧରାକୁ ସରା ମଣି ନିଜର ମଣିଷ ପଣିଆକୁ ଭୁଲିଗଲା । ଶାଶୁ ଶ୍ୱଶୁରଙ୍କ ପ୍ରତି କଦର୍ଯ୍ୟ ବ୍ୟବହାର ଦିନକୁ ଦିନ ବଢିଚାଲିଲ । ବଡ଼ ଘର ଝିଅ ତ ମନରେ ଭାରି ଗର୍ବ । ହଠାତ୍ ଦୁଇ ପୁଅଙ୍କର ଅନ୍ୟତ୍ର ବଦଳି ହେଲା । ବଡ଼ ବୋହୂ ନିଜର ଆସବାବପତ୍ର ନେଇ ସ୍ୱାମୀ ସହିତ ସରକାରୀ ବଙ୍ଗଳାରେ ରହିଲା । ଓଡିଆରେ ଗୋଟିଏ ଢଗ ଅଛି ' ଆଗ ହଳିଆ ଯୁଆଡେ ପଛ ହଳିଆ ସେଇଆଡେ' ଅର୍ଥାତ ଘରର ବଡ଼ ବୋହୂ ଯେଭଳି ଢଙ୍ଗରେ ଚାଲିବ ସାନମାନେ ମଧ୍ୟ ତାକୁ ଅନୁକରଣ କରିବେ । କିନ୍ତୁ ସାନବୋହୂ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ନିଆରା ଥିଲା ।

ବଡ଼ ବୋହୂ ସିନା ଶାଶୁ ଶ୍ୱଶୁରଙ୍କ ସେବାକୁ ଘୃଣା କରି ଘରୁ ଚାଲିଗଲା ହେଲେ ସାନବୋହୂ ମମତା ଘରୁ ଗୋଡକାଢି ସ୍ୱାମୀ ସହିତ ଗଲା ନାହିଁ । ଶାଶୁ ଶ୍ୱଶୁର ମୋ ପାଇଁ ଚଳନ୍ତି ଦେବତା ଏହା ଭାବି ମମତା ଘରେ ପଡି ରହିଲା । ବଡ଼ପୁଅ ସପ୍ତାହରେ ଥରେ ବି ଘରକୁ ଆସେ ନାହିଁ କିନ୍ତୁ ନିରୀହ ସାନପୁଅ ପ୍ରତି ସପ୍ତାହରେ ଘରକୁ ଆସି ବାପା ମାଆଙ୍କ କଥା ବୁଝୁଥାଏ । ଏବଂ ଘରୁ ଗଲାବେଳେ ସ୍ତ୍ରୀ ମମତାଙ୍କୁ ତାଗିଦ୍ କରି କୁହେ - ଦେଖ ମମତା, ମୋ ବାପା ମାଆଙ୍କ ସେବାରେ ତୃଟି କରିବନି କି ତାଙ୍କ ମନରେ କେବେ କଷ୍ଟ ଦେବନି । ମୁଁ ଜାଣିଛି ତୁମେ ବଡ଼ ଘରର ଝିଅ । ଭାଇଙ୍କର ଗେହ୍ଲା ଭଉଣୀ । ବାପା ମାଆଙ୍କର ଗେହ୍ଲା ଝିଅ । ହେଲେ ମୋ ବାପା ମାଆଙ୍କର ତୁମେ ସାହାଭରସା । ଏ ଘରର ଲକ୍ଷ୍ମୀ ଠାକୁରାଣୀ । ମୋ ଅନୁପସ୍ଥିତି ଏଘର ପାଇଁ ତୁମେ ସବୁକିଛି । ଭାଇସିନା ବାପା ମାଆଙ୍କୁ ଭୁଲି ସ୍ତ୍ରୀକୁ ନେଇ ସୁଖରେ ରହିଲା । ହେଲେ ବାପା ମାଆ କି ପ୍ରକାର କଷ୍ଟ କରି ମଣିଷ ପରି ମଣିଷଟିଏ କରିଛନ୍ତି ତାହା ମୁଁ ଅନୁଭବ କରିଛି । ପରଘରେ ବାପାଙ୍କର ମୂଲଲଗା ଓ ମାଆଙ୍କର ବାସନମଜା ଏବେବି ମୁଁ ଭୁଲି ପାରିନି । କିଛି କହିପାରିଲାନି ମମତା । ସ୍ୱାମୀଙ୍କ କଥାକୁ ସମ୍ମତି ଜଣାଇ ହସିହସି ବିଦାୟ ଦେଲା । ଇତିମଧ୍ୟରେ ବଡ଼ପୁଅ ପ୍ରମୋସନ ପାଇ ବଡ଼ ଅଫିସର ପାଲଟି ଯାଇଛି । ପଛକଥା ସବୁ ଭୁଲି ଯାଇଛି । ସ୍ତ୍ରୀ ପରାମର୍ଶରେ ଲାଞ୍ଚ ପଛରେ ପଡି ପଡି ଶେଷରେ ଭିଜିଲାନ୍ସ ଦ୍ୱାରା ଧରାପଡି ଜେଲଗଲା । ଗର୍ବ ଅହଂକାର ସବୁ ଚୂର୍ଣ୍ଣ ହେଲା ତା' ସ୍ତ୍ରୀର । ସ୍ୱାମୀକୁ ମୁକୁଳାଇବା ପାଇଁ ଗହଣାଗାଣ୍ଠି ବିକିଦେଲା, ବାର ଦୁଆର ସୁଣ୍ଡିପିଣ୍ଡା ହେଲା । କେତେ କାହାକୁ ନେହୁରା ହେଲା ତଥାପି ସ୍ୱାମୀକୁ ମୁକୁଳାଇ ପାରିଲା ନାହିଁ । ଯୁଆଡେ ଗଲା ସମସ୍ତେ ଖେଦି ଗୋଡାଇ ଗର୍ବୀ ଅହଂକାରୀ, ଯିଏ ଚଳନ୍ତି ଦେବତାଙ୍କୁ ଖୁସି ଦେଇପାରି ନାହିଁ କି ଚିହ୍ନି ପାରି ନାହିଁ ତାକୁ କିଏବା କାହିଁକି ସହାୟ ହେବ । ମନେ ମନେ କଳା କର୍ମକୁ ଧିକ୍କାର କରି ରହିଲା ବଡ଼ ବୋହୂ ।

ଭଗବାନଙ୍କ ଆଶୀର୍ବାଦରୁ ମମତା ସରକାରୀ ଚାକିରୀ ପାଇଲା । ସ୍ୱାମୀ ପରି ନିରୀହା, ମନରେ ଗର୍ବ ଅହଂକାର ନାହିଁ । ଚାକିରୀ ଜଞ୍ଜାଳ ସହିତ ଚଳନ୍ତି ଦେବତା ଶାଶୁ ଶ୍ୱଶୁରଙ୍କ ସେବା । ସବୁ ପରେବି ସେ ଜଣେ ପ୍ରଭୁ ଭକ୍ତ । ଶାଶୁ ଶ୍ୱଶୁରଙ୍କୁ ସାକ୍ଷାତ୍ ଲକ୍ଷ୍ମୀ ନାରାୟଣ ଭାବି ମନଜାଣି ସେବା କରୁଥାନ୍ତି । ସ୍ୱାମୀଙ୍କ କଥା ଅନୁସାରେ କୌଣସି ଦିନ ସେବାରେ ତୃଟି କରି ନାହାନ୍ତି କି ମନରେ ଘୃଣାଭାବ ଆଣି ନାହାନ୍ତି । ଦୈନିକ ଘରର ଯାବତୀୟ କାର୍ଯ୍ୟ ସାରି ଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ବସି ପ୍ରଭୁଙ୍କୁ ଦୁଃଖ ଜଣାଉ ଥାଆନ୍ତି ମମତା । ଶାଶୁ ଶ୍ୱଶୁର ଲୁଚି ଲୁଚି ଦେଖୁଥାନ୍ତି ବୋହୂ ନଶୋଇ ଘର ଭିତରେ କ'ଣ ଗୁଣୁଗୁଣୁ ହେଉଛି । ଏମିତି କିଛି ଦିନ ଗଲା । ସହଜେ ବୁଢାବୁଢୀ ପ୍ରଭୁ ଭକ୍ତ । ତେଣୁ ଅତି ସହଜରେ ବୁଝିଗଲେ ଯେ ବୋହୂ ପ୍ରଭୁ ଜଗନ୍ନାଥଙ୍କୁ ଜପ କରୁଛି । ଅଫିସର ହେବାପରେ ଭାଇସିନା ଭାଇକୁ ଭୁଲିଗଲା ହେଲେ ମମତା ଶାଶୁ ,ଶ୍ୱଶୁର, ସ୍ୱାମୀ, ଦେଢଶୁର ଓ ଯାଆ ସମସ୍ତଙ୍କ ମଙ୍ଗଳ ପାଇଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରେ ।

ଦିନକର ଘଟଣା । ବୁଢା ବୁଢୀଙ୍କର ଦେହ ଭୀଷଣ ମାତ୍ରାରେ ଖରାପ ହୋଇଥାଏ । ଘରେ ମମତା ଏକୁଟିଆ । ସ୍ୱାମୀ ତା'ର ୧୫ ଦିନ ହେବ ଘରକୁ ଆସି ନାହାନ୍ତି । ରାତି ବଢୁଥାଏ । ପାଗଳ ଭଳି ଏଘର ସେଘର ହେଉଥାଏ ମମତା । ଭାବିଲା ଯଦି ଶାଶୁ ଶ୍ୱଶୁରଙ୍କର କିଛି ହୋଇଯାଏ , ତା' ହେଲେ ସ୍ୱାମୀ ମୋତେ କ'ଣ କହିବେ । ମୁଁ ସ୍ୱାମୀଙ୍କ ଠାରେ ବଚନ ଦ୍ରୋହି ହେବି । ଦୌଡ଼ି ଗଲା ଠାକୁର ଘରକୁ ମମତା । ଜଗନ୍ନାଥଙ୍କ ପାଦତଳେ ପଡି କାକୁତି ମିନତୀ ହେଲା । କହିଲା ହେ ପ୍ରଭୁ ଜଗନ୍ନାଥ ମୁଁ ଯଦି ପ୍ରକୃତରେ ତୁମର ସେବକ ହୋଇଥାଏ , ମୋ ସେବାରେ ଯଦି କିଛି ତୃଟି ନଥାଏ କିମ୍ବା ଆପଣ ଯଦି ମୋ ସେବାରେ ସନ୍ତୁଷ୍ଟ ତେବେ ମୋତେ ଏ ବିପଦରୁ ଉଦ୍ଧାର କରନ୍ତୁ । ମୋ ସ୍ୱାମୀ ଘରକୁ ଫେରିବା ପର୍ଯ୍ୟନ୍ତ ଶାଶୁ ଶ୍ୱଶୁରଙ୍କୁ ବଞ୍ଚାଇ ରଖନ୍ତୁ । ନହେଲେ ଏଦୁନିଆ ଆଖିରେ ମୁଁ କଳଙ୍କିନୀ ହେବି । ସ୍ୱାମୀ କହିବ ମୁଁ ଅଲକ୍ଷିଣୀ, ସେବାରେ ଅବହେଳା କରି ଜାଣିଶୁଣି ମାରିଦେଲି ! ଭକ୍ତର ବିକଳ ସହିପାରିଲେ ନାହିଁ ପ୍ରଭୁ ଜଗନ୍ନାଥ । ଆବିର୍ଭାବ ହେଲେ ମହାପ୍ରଭୁ , କହିଲେ- ବ୍ୟସ୍ତ ହୁଅନି ମମତା ! ତୁ ଆଜି ପର୍ଯ୍ୟନ୍ତ ଯାହାକୁ ହୃଦୟ ଦେଇ ପୂଜା କରି ଆସୁଥିଲୁ ସେ ହେଉଛି ମୁଁ ନିଜେ । ତୋର ସେହି ଚଳନ୍ତି ପ୍ରତିମା ଶ୍ୱଶୁର ହେଲେ ଜଗନ୍ନାଥ ଆଉ ଶାଶୁ ହେଲେ ଲକ୍ଷ୍ମୀ ଠାକୁରାଣୀ । ସେ ଦୁହେଁ ସର୍ବଦା ଅନ୍ତରର ସହିତ ମୋତେ ଭଜୁଥିଲେ । କିଛି ସେବା ବାକିଥିବାରୁ ତୋତେ ଏଘରେ ସ୍ଥାନ ମିଳିଥିଲା । ତେଣୁ ତୋ ସେବାରେ ମୁଁ ସନ୍ତୁଷ୍ଟ । ମୁଁ ତୋତେ ଏହି ଆଶୀର୍ବାଦ ଦେଉଛି ତୋର ଏହି ସେବାପାଇଁ ନିରାମୟ ଜୀବନ ଯାପନ କରିବୁ, ଐଶ୍ୱର୍ଯ୍ୟ ସୁଖ ଭୋଗ କରିବୁ, ଧନଧାନ୍ୟରେ ଏଘର ଭରପୁର ହେବ ଏବଂ ତୋର ଏହି କୁଡିଆ ଘରଟି ଇନ୍ଦ୍ରଭୁବନ ହେବ । 'ମର୍ତ୍ତ୍ୟେ ମଣ୍ଡଳେ ଦେହବହି ଦେବତା ହେଲେ ବି ମରଇ ' ମୁଁ ତୋର ଶାଶୁ ଶ୍ୱଶୁରଙ୍କୁ ବଞ୍ଚାଇ ରଖି ପାରିବି ନାହିଁ କିନ୍ତୁ ଗୋଟିଏ ସର୍ତ୍ତ ତୋ ସ୍ୱାମୀ, ଦେଢଶୁର ଓ ଯାଆ ଆସିବା ପର୍ଯ୍ୟନ୍ତ ତାଙ୍କ ଶୋଇବା ଘର କବାଟ ଖୋଲିବୁ ନାହିଁ । ଆସିଲେ ସେମାନଙ୍କୁ ନେଇ କବାଟ ଖୋଲିବୁ । ଏହାକହି ପ୍ରଭୁ ଅନ୍ତର୍ଦ୍ଧାନ ହୋଇଗଲେ ।

ତେଣେ ସ୍ୱାମୀ, ଯାଆ ଓ ଜେଲରେ ଥିବା ଦେଢଶୁରଙ୍କୁ ସ୍ୱପ୍ନରେ ମହାପ୍ରଭୁ ସବୁ ଜଣାଇ ଦେଇଥାନ୍ତି । ସେତେବେଳକୁ କୁଡିଆ ଘରଟି ଇନ୍ଦ୍ରଭୁବନ ହୋଇସାରିଥାଏ । ହଠାତ୍ ମୋବାଇଲ ରିଙ୍ଗ୍ ହେଲା । ସ୍ୱାମୀ କହିଲେ ମମତା ଆମ୍ଭେମାନେ ଘଣ୍ଟେହେଲା ଗାଁରେ ବୁଲୁଛୁ ହେଲେ ଘର ପାଉନାହୁଁ ! କିନ୍ତୁ କାହିଁକି ! ସଙ୍ଗେ ସଙ୍ଗେ ଗାଁ ଦାଣ୍ଡକୁ ମମତା ଦୌଡ଼ି ଯାଇ ସମସ୍ତଙ୍କୁ ପାଛୋଟି ନେଲା । ସ୍ୱାମୀ ହାତଧରି ଶାଶୁ ଶ୍ୱଶୁରଙ୍କ ଶୋଇବା ଘର କବାଟ ଖୋଲି ଦେଖିଲା ଶାଶୁ ଶ୍ୱଶୁର ନାହାନ୍ତି ସ୍ୱୟଂ ଲକ୍ଷ୍ମୀ ନାରାୟଣ ମୂର୍ତ୍ତି ଛିଡା ହୋଇଛନ୍ତି । ସମସ୍ତେ ସଙ୍ଗେ ସଙ୍ଗେ ସାଷ୍ଟାଙ୍ଗ ପ୍ରଣାମ କଲେ । ପରେ ଜାଣିପାରିଲେ ଏସବୁ ମମତା ପାଇଁ ସମ୍ଭବ ହୋଇ ପାରିଛି । ପ୍ରକୃତରେ ଭଗବାନ ବୋଲି ସଂସାରରେ କେହି ଜଣେ ଅଛି । ଯାହାକୁ ପୂଜି ମମତା ଘରର ଏତେବଡ଼ ପରିବର୍ତ୍ତନ ଆଣି ପାରିଛ । କେବଳ ସେହି ସ୍ୱୟଂ ଜଗତରନାଥ ଜଗନ୍ନାଥ ପାଇଁ ସମ୍ଭବ ହୋଇପାରିଛି । ଏକଥା ସମସ୍ତେ ସ୍ୱୀକାର କଲେ । ଯାଆ ଓ ଦେଢଶୁର ସେମାନଙ୍କ ଭୁଲ୍ ବୁଝିପାରିଲେ । ତେଣୁ କଥାରେ ଅଛି ଭକ୍ତିରେ ଭଗବାନ ଅଭକ୍ତିରେ ହାନିମାନ । ଭକ୍ତ ପାଇଁ ଭଗବାନ ସର୍ବଦା ଜାଗ୍ରତ ପ୍ରହରୀ । ଏକଥା ଯୁଗେଯୁଗେ ସତ୍ୟ । ତେଣୁ ମନରେ ଭକ୍ତି ଭାବନା ଥିଲେ ଭଗବାନ ନିଶ୍ଚୟ ମିଳିବେ ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକ- ମୋ ଅନୁଷ୍ଠାନ, ଆଳନ୍ଦା, ଖଇରା, ବାଲେଶ୍ୱର, ମୋ- ୯୮୫୩୧୪୨୫୧୦

# ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍‌ରେ ମାହାଲି ଜନଜାତିଙ୍କର ବାଉଁଶ କାରିଗରୀ କୌଶଳ

ଭୁବନେଶ୍ୱର,୯/୧ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ରାଜ୍ୟ ଜନଜାତି ସଂଗ୍ରହାଳୟକୁ ଭର୍ଚୁଆଲ ଟୁର୍ ରେ ଜାନୁଆରୀ ୯ ତାରିଖ ଦିନ ଦର୍ଶକମାନେ ଫେସ୍‌ବୁକ୍ ଓ ଟୁଇଟର୍ ପେଜ୍ ଖୋଲି ମାହାଲି ଜନଜାତିଙ୍କର ବାଉଁଶରେ ବିଭିନ୍ନ ସାମଗ୍ରୀ ବୁଣିବା କାରିଗରୀ କୌଶଳ ସଂପର୍କରେ ଜାଣିପାରିବେ ବୋଲି ଏସ୍.ସି. ଏସ୍.ଟି ଆରଟିଆଇର ନିର୍ଦ୍ଦେଶକ ପ୍ରଫେସର ଡ. ଅଖିଳ ବିହାରୀ ଓତା ପ୍ରକାଶ କରିଛନ୍ତି।

ଓଡିଶାର ମୟୂରଭଂଜ ଓ ସୁନ୍ଦରଗଡ ଜିଲ୍ଲାରେ ମୁଖ୍ୟତଃ ବସବାସ କରୁଥିବା 'ମାହାଲି' ଜନଜାତିଙ୍କ ସଂଖ୍ୟା ଖୁବ୍ ନଗଣ୍ୟ। ବାଉଁଶ ବୁଣାରେ ସେମାନେ ଖୁବ୍ ଦକ୍ଷ। ବାଉଁଶରେ ସେମାନେ ବିଭିନ୍ନ ପ୍ରକାରର ଘରକରଣା ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। 'ମାହାଲି' ଜନଜାତିର ଉଭୟ ପୁରୁଷ ଓ ମହିଳାମାନେ ଏହି କାର୍ଯ୍ୟରେ ନିଜକୁ ନିୟୋଜିତ କରିଥାନ୍ତି। ବାଉଁଶକୁ ଖଣ୍ଡଖଣ୍ଡ କରି ସେମାନେ ପାତିଆ ତିଆରି କରିଥାନ୍ତି। ବାଉଁଶର ସରୁ ଖଣ୍ଡଗୁଡିକର ଘନତ୍ୱକୁ ନେଇ ବିଭିନ୍ନ ଲମ୍ବାର ପାତିଆ ତିଆରି କରାଯାଇଥାଏ ଏବଂ ବାସ୍କେଟ ସଜାଇବାରେ ବ୍ୟବହାର ହୋଇଥାଏ। ଏସବୁ କାର୍ଯ୍ୟକୁ ସଂପାଦନ କରିବା ପାଇଁ ମାହାଲିମାନେ ସାଧାରଣ ଉପକରଣ ବ୍ୟବହାର କରିଥାନ୍ତି। ଅଳ୍ପ ସମୟ ମଧ୍ୟରେ ସେମାନେ ସେମାନଙ୍କର ନିଖୁଣ ହାତରେ ବାସ୍କେଟ, ଡଷ୍ଟବିନ୍, ଫୁଲଦାନୀ ଓ ଅନ୍ୟାନ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ନିଜର କାରିଗରି ନିପୁଣତା ଯୋଗୁଁ ମାହାଲିମାନେ ସେମାନଙ୍କର କଳାକୌଶଳ ପାଇଁ ସୁନାମ ଅର୍ଜନ କରିବା ସହିତ ଅର୍ଥ ଉପାର୍ଜନ କରି ପାରୁଛନ୍ତି।

# ଆଇନ ପ୍ରଣୟନ ଓ ଅନୁଶୀଳନରେ ବାଙ୍କବାବୁଙ୍କ ଦକ୍ଷତା ଓ ଅଭିଜ୍ଞତା ଅତୁଳନୀୟ

ଭୁବନେଶ୍ୱର ,୯/୧ (ନି.ପ୍ର): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା କୃଷକ ଓ ଶ୍ରମିକ ନେତା ସ୍ୱର୍ଗତ ବାଙ୍କବିହାରୀ ଦାସଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ଆଜି ୟୁନିଟ୍-୪ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସଠାରେ ପାଳିତ ହୋଇଯାଇଛି। ବାଙ୍କବିହାରୀ ଦାସ ଜନ୍ମ ଶତବାର୍ଷିକୀ ରାଜ୍ୟ କମିଟିର ସଭାପତି ବ୍ରଜକିଶୋର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବିଧାୟକ ଅମର ଶତପଥୀ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବାଙ୍କବାବୁ ଜଣେ ଯୋଗଜନ୍ମା ବ୍ୟକ୍ତି ଥିଲେ। ସମାଜବାଦୀ ଆନ୍ଦୋଳନ, ଶ୍ରମିକ ଆନ୍ଦୋଳନ, କୃଷକ ଆନ୍ଦୋଳନ, ପରିବେଶ ଆନ୍ଦୋଳନର ସେ ଜଣେ ଚର୍ଚ୍ଚିତ ଚେହେରା। କେବଳ ଭାରତରେ ନୁହେଁ, ଭାରତ ବାହାରେ ମଧ ତାଙ୍କର ସୁନାମ ରହିଛି। ଆଜିର ଯୁବପିଢ଼ି ତାଙ୍କ ବିଚାରଧାରାରେ ଅନୁପ୍ରାଣୀତ ହେବା ଆବଶ୍ୟକ। ଆଇନ ପ୍ରଣୟନ ଓ ଅନୁଶୀଳନରେ ତାଙ୍କର ଦକ୍ଷତା ଓ ଅଭିଜ୍ଞତା ଅତୁଳନୀୟ। ସେ ସବୁବେଳେ ସମାଜକୁ ଉଚିତ୍ ଦିଗଦର୍ଶନ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼େଇ କହିଲେ, ବାଙ୍କବିହାରୀ ଜଣେ ଭଲ ଅର୍ଥନୀତିଜ୍ଞ ଓ ବ୍ୟବସ୍ଥାପକ ଥିଲେ। ସଂସଦରେ ତାଙ୍କ ଆଲୋଚନା ବର୍ତ୍ତମାନ ସମୟରେ ମଧ ଅନ୍ୟ ଲୋକପ୍ରତିନିଧିଙ୍କ ପାଇଁ ଶିକ୍ଷଣୀୟ ହୋଇ ରହିଛି। ଆଜି ପର୍ଯ୍ୟନ୍ତ ସଂସଦରେ କେହି ତାଙ୍କ ସ୍ଥାନ ନେଇ ପାରିନାହାନ୍ତି। ସେ ଜଣେ ଥିଲେ ଜାତୀୟତାବାଦୀ ଅନୁଷ୍ଠାନ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ରାଜନେତା ରାମଚନ୍ଦ୍ର ଖୁଣ୍ଟିଆ, ରାଜେନ୍ଦ୍ର ପ୍ରସାଦ ସିଂହ, କୃଷ୍ଣଚନ୍ଦ୍ର ପାତ୍ର, ରମାବଲ୍ଲଭ ରଥ, ପ୍ରଫୁଲ୍ଲ ସାମନ୍ତରାୟ, ରାଧାକାନ୍ତ ସେଠୀ, ସନ୍ତୋଷ ଦାସ, ସୁର ଜେନା, ଗୌତମ ରାୟ, ପ୍ରଫେସର୍ ଏ.ସି ନାୟକ ଓ ଡ. ବିଶ୍ୱଜିତ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଦାସ କୃଷକ ଓ ଶ୍ରମିକଙ୍କ ବିକାଶ, ଦାବି ଉପସ୍ଥାପନା ଓ ନେତୃତ୍ୱର ଥିଲେ ଜଣେ ଅଦ୍ୱିତୀୟ ବ୍ୟକ୍ତିତ୍ୱ। ସେ ନିଜ ନେତୃତ୍ୱର ଯେଉଁ ଛାପ ଛାଡ଼ି ଯାଇଛନ୍ତି, ଯେକେହି ବି ତାକୁ ପାର କରିବା କଷ୍ଟକର ବୋଲି ମଞ୍ଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଛାତ୍ର କଂଗ୍ରେସର ଜବାହର ବାଲମଂଚ , ଶିକ୍ଷା ବଂଚାଅ, ଦେଶ ବଂଚାଅ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭୁବନେଶ୍ୱର,୯/୧ (ନି.ପ୍ର): ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଅଧକ୍ଷତାରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ "ଜବାହର ବାଲମଂଚ" ଏବଂ "ଶିକ୍ଷା ବଂଚାଅ, ଦେଶ ବଂଚାଅ" କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ "ଜବାହର ବାଲମଂଚ" ର ରାଷ୍ଟ୍ରୀୟ ସଭାପତି ବି.ଭି.ହରି କହିଲେ ଯେ ଏହା ଏଆଇସିସିର ଏକ ନୂଆ ବିଭାଗ। ଏଥିରେ ୭ ରୁ ୧୮ ବର୍ଷ ଭିତରେ ଛାତ୍ରଛାତ୍ରୀମାନେ ଅନ୍ତର୍ଭୁକ୍ତ ହେବେ। ପିଲମାନଙ୍କ ମଧରେ ଅତି କୋମଳ ଅବସ୍ଥାରୁ ବିଷମଞ୍ଜି ବୁଣି ଦିଆଯାଉଛି। ତାହାକୁ ପ୍ରତିହତ କରିବା ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ। ବିଭିନ୍ନତା ମଧରେ ଏକତା, ସମାନତା, ନ୍ୟାୟ, ଗଣତନ୍ତ୍ର ଏବଂ ଧର୍ମନିରପେକ୍ଷତାର ବାସ୍ତବ ମନ୍ତ୍ର ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇବା। ବିଶେଷ କରି ସମ୍ବିଧାନର ମୂଲ୍ୟକୁ ମଜବୁତ କରିବାପାଇଁ ସଂକଳ୍ପ ନେବା ଏହି ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ। ବର୍ତମାନ ସ୍ୱାଧୀନତା ସଂଗ୍ରାମର ଇତିହାସକୁ ବିକୃତ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ମିଥ୍ୟା କାହାଣି ସୃଷ୍ଟି କରାଯାଇ ସେମାନଙ୍କୁ ବଦନାମ କରାଯାଉଛି। ଏହାକୁ ପ୍ରତିହତ କରିବା ସଂଗଠନର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମରେ "ଜବାହର ବାଲମଂଚ"ର ଓଡ଼ିଶା କୋଅଡିନେଟର ମାନସ ମିଶ୍ର ଯୋଗଦେଇ କହିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ହେଉଥିବା ଅପପ୍ରଚାରକୁ ରୋକିବା ଏବଂ ସାମନା କରିବା ପାଇଁ ଧର୍ମନିରପେକ୍ଷତା ଓ ଶାନ୍ତି ସହିତ ଦେଶକୁ ଗଠନ କରିବା ଏ ସଂଗଠନର ଲକ୍ଷ। ଏହି କାର୍ଯ୍ୟକ୍ରମରେ ବିସ୍ମୟ ମହାପାତ୍ର, ପ୍ରକାଶ ମିଶ୍ର, ଅମିୟ ପାଣ୍ଡବ, ନିହାର ବେହେରା, ବିଶ୍ୱଭୂଷଣ ମହାପାତ୍ର, ଅଖିଳେଷ ଯାଦବ, କାର୍ତିକେଶ୍ୱର କାଣ୍ଡି, ଅଭିରାମ ଗୌଡ଼, ସାହରୁଖ ଖାନ, ଭାଗ୍ୟଶ୍ରୀ ମହାନ୍ତି, ସୌମ୍ୟ ଷଣ୍ଢ, ପ୍ରିତିସ୍ମିତା ଜେନା, ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗୁରୁ କେଲୁଚରଣ ମହାପାତ୍ରଙ୍କ ୯୬ତମ ଜନ୍ମ ବାର୍ଷିକରେ ଓଡ଼ିଶୀର ଅନନ୍ୟ ରୂପରେଖ 'ଅର୍ନ୍ତଃଦୃଷ୍ଟି'

ଭୁବନେଶ୍ୱର,୯/୧ (ନି.ପ୍ର): ସୃଜନ ଓ ଗୁରୁ କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଦ୍ୱାରା ଆୟୋଜିତ 'ଅର୍ନ୍ତଃଦୃଷ୍ଟି' ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଶନିବାର ସନ୍ଧ୍ୟାରେ ଅତିଥି ବିଶିଷ୍ଟ ନୃତ୍ୟାଙ୍ଗନା ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀର ସମ୍ପାଦିକା ଗୁରୁ ଅରୁଣା ମହାନ୍ତି, କେଲୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଡ଼. ସଙ୍ଗୀତା ଗୋସାଇଁ, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ ଓ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ର ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସଂଧ୍ୟାରେ ଓଡ଼ିଶୀ ନୃତ୍ୟକୁ ମୁଳଭିତି କରି ପ୍ରୟୋଗାତ୍ମକ ଢଙ୍ଗରେ ନୃତ୍ୟ ପ୍ରସ୍ତୁତ କରିଥିଲେ ସୃଜନ ଅନୁଷ୍ଠାନର ଶିଳ୍ପୀମାନେ। ଗୁରୁ ରତିକାନ୍ତ ମହାପାତ୍ର ଓଡ଼ିଶୀ ନୃତ୍ୟରେ ଦୁଇଗୋଟି ଅଂଶକୁ ସଂରଚନା କରିଥିଲେ। ପ୍ରଥମ ଅଂଶଟି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଲିଖିତ ଭଗବାନ ଶିବଙ୍କ 'ଭୋ ଶମ୍ଭୁ' ଯାହା ପ୍ରଭୁ ଶିବଙ୍କର ବହୁମୁଖୀ ଦିଗଗୁଡ଼ିକର ଅନୁସନ୍ଧାନ କରିଥାଏ। ଶିବ ଏକକାଳୀନ ଆର୍ଥିକତା ଏବଂ ସାଂସାରିକ ପ୍ରବୃତିକୁ ଉପସ୍ଥାପନ କରନ୍ତି, ସେ ହେଉଛନ୍ତି ଆଦିଯୋଗୀ ଓ ନଟରାଜ। ଶିବଙ୍କ ଗୁଣର ଏହି ଚମତ୍କାର ବିବିଧତା ସୃଜନ ଅନୁଷ୍ଠାନର ଶିଳ୍ପୀମାନଙ୍କ ଦ୍ୱାରା ଭୋ ଶମ୍ଭୁ ନୃତ୍ୟମାଧମରେ ଉପସ୍ଥାପିତ ହୋଇଥିଲା। ଗୁରୁ ରତିକାନ୍ତ ମହାପାତ୍ର ତାଙ୍କ ପରିବେଶଣରେ କୌଣସି ପଥକୁ ଢିଲା ଛାଡ଼ନ୍ତି ନାହିଁ, ସେ ସଂରଚନା ହେଉ କିମ୍ବା ଅଭ୍ୟାସ କିମ୍ବା ପୋଷାକ କିମ୍ବା ସଙ୍ଗୀତ କିମ୍ବା ଷ୍ଟେଜ ମ୍ୟାନେଜମେଂଟ କିମ୍ବା ଆଲୋକ କିମ୍ବା ଧ୍ୱନି ସବୁକିଛି ନିଖୁଣ ଭାବରେ ପୋରଖି ଥାନ୍ତି। ଦ୍ୱିତୀୟ ଅଂଶରେ ପରିବେସିତ ହୋଇଥିଲା 'ମେପା' ଯାହା ପାପୁଲି ନୃତ୍ୟ ଗତିବିଧି ଦ୍ୱାରା ଅନୁପ୍ରାଣିତ ଏବଂ ଏହି ନୃତ୍ୟ ବ୍ୟାକରଣର କଠୋରତା ବିନା, ନୃତ୍ୟର ଆନନ୍ଦକୁ ଅନୁସନ୍ଧାନ କରିଥାଏ। ନିଖୁଣ ଏବଂ ସମୟ ସାମୟିକ ସଂରଚନାରେ ସୁନ୍ଦର ଓ ଚମତ୍କାର ପରିବେଷଣ ଅତ୍ୟନ୍ତ ଚିତାକର୍ଷକ ଓ ଭାବୋଦ୍ଦୀପକ ଥିଲା ଯାହାକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ସନ୍ଧ୍ୟାର ଦ୍ୱିତୀୟାର୍ଦ୍ଧରେ ଜବାହାର ମିଶ୍ର ଏବଂ ଡ଼. ସନ୍ଦୀପ କୁମାର ରାଉତଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା। ତାଙ୍କୁ ତବଲାରେ ଶୁଭ୍ରାଂଶୁ ଶେଖର ସାହୁ ସହଯୋଗ କରିଥିଲେ। ତାଙ୍କ ପରିବେଷଣରେ ଥିଲା ରାଗ ଗୋରଖା କଲ୍ୟାଣ ସହିତ ମାତା ତାଳ ଏବଂ ଧ୍ରୁତ କିଶୋର ତାଲ। ଦ୍ୱିତୀୟ ଉପସ୍ଥାପନାରେ ଥିଲା ଲୋକପ୍ରିୟ ଭଜନ ରଘୁପତି ରାଘବ ରାଜା ରାମ ଯାହା ରାଗ ମିଶ୍ର ପିଲୁ ଏବଂ ତାଳ ଦୀପଚଣ୍ଡି ଓ କହରଭାରେ ପର୍ଯ୍ୟବେସିତ ଥିଲା। କାର୍ଯ୍ୟକ୍ରମଟିକୁ ପରିଚାଳନାରେ ସାହାଯ୍ୟ କରିଥିଲେ ଦେବୀପ୍ରସାଦ ମିଶ୍ର ଏବଂ ଉପସ୍ଥାପନ କରିଥିଲେ ଡ଼. ଶ୍ରୀନୀବାସ ଘଟୁଆରୀ।

# କର ଫାଉଣ୍ଡେସନ୍‌ର ୨ୟ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୯/୧ (ନି.ପ୍ର): ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କର ଫାଉଣ୍ଡେସନ୍'ର ଦ୍ୱିତୀୟ ପ୍ରତିଷ୍ଠା ଦିବସ ଭୁବନେଶ୍ୱରସ୍ଥିତ ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କିଛି ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ବାର୍ଷିକ କାର୍ଯ୍ୟକ୍ରମର ଏକ ଫଟୋଚିତ୍ର ପ୍ରଦର୍ଶନ କରାଯିବା ସହ ବାର୍ଷିକ ବିବରଣୀ ପ୍ରଦାନ କରାଯାଇଥିଲା।

ଏଥିରେ ଅତିଥି ରୂପେ ପୂର୍ବତନ ଅର୍ଥମନ୍ତ୍ରୀ ଶ୍ରୀ ପଂଚାନନ କାନୁନ୍‌ଗୋ, ପୂର୍ବତନ ବିଧାୟକ ଶ୍ରୀ ଦିଲ୍ଲୀପ ଶ୍ରୀଚନ୍ଦନ, ଓଡ଼ିଶା ବୀର ମହାସଂଘର ସଭାପତି ପ୍ରକାଶ ଶ୍ରୀଚନ୍ଦନ, କର ଫାଉଣ୍ଡେସନ୍‌ର ଅଧକ୍ଷ ତଥା ଭର୍ସାଟାଇଲ୍ ଅଭିନେତା ଶ୍ରୀ ଚନ୍ଦନ କର, କର ଫାଉଣ୍ଡେସନ୍‌ର କୋଷାଧକ୍ଷା ଶ୍ରୀମତୀ ଗୀତାଞ୍ଜଳି କର ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ସମ୍ମାନିତ ବ୍ୟକ୍ତିବିଶେଷ ହେଲେ- ସାମ୍ବାଦିକା ସୁପ୍ରିୟା ଦାଶ, ସମାଜସେବିକା ନିରୋଜାଲକ୍ଷ୍ମୀ ମହାପାତ୍ର, ଅଭିନେତା ଶ୍ରୀତମ ଦାସ, ଭାଷାବିତ୍ ଶଙ୍କର୍ଷଣ ପରିଡ଼ା, କ୍ରିକେଟର୍ ସତ୍ୟରଞ୍ଜନ ଶତପଥି, ଅଭିନେତା ଜିତୁ ମଙ୍ଗରାଜ, ବନ୍ୟପ୍ରାଣୀ ସୁରକ୍ଷା କର୍ମୀ ସଞ୍ଜିତ କୁମାର ଦାସ, ସ୍ତମ୍ଭକାର ରୁଦ୍ର ପ୍ରସନ୍ନ ରଥ, ସମାଜସେବୀ ସଫଦର୍ ହାସିମ୍, ଯୁବନେତା ଅବିନାଶ ଠାକୁର, ଯୁବନେତା ଅଭିଷେକ ଆଚାର୍ଯ୍ୟ ଓ ଛାତ୍ରନେତା ନଳିନୀକାନ୍ତ ନାୟକ। ଅନୁଷ୍ଠାନ ତରଫରୁ ସଭା ପରିଚାଳନା କରିଥିଲେ ମୁକେଶ କୁମାର ଓ ମିର୍ ଅହମ୍ମଦ ଅଲ୍ଲୀ।

# ରେଡ୍ ଜୋନରେ ସମ୍ବଲପୁର : କଟକ ଓ ଝାରସୁଗୁଡ଼ା ସାମିଲ ହେଲା ୟେଲୋ ଜୋନରେ

ଭୁବନେଶ୍ୱର: ଆଜି ସମ୍ବଲପୁରରୁ ୪୩୭ ଜଣ କରୋନା ପଜିଟିଭ୍ ବାହାରିବା ପରେ ଏହା ରେଡ୍ ଜୋନରେ ସାମିଲ ହୋଇଥିବା ଜଣାଯାଇଛି। ଏଣେ କଟକ ଓ ଝାରସୁଗୁଡ଼ା ଜିଲ୍ଲା ୟେଲୋ ଜୋନରେ ସାମିଲ ହୋଇଛି। ଆଜି କଟକରେ ୩୬୦ ଓ ଝାରସୁଗୁଡ଼ାରେ ୧୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୪୭୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରୁ ୨୭୫୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୯୫୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୧୬ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୧୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧରେ ଅନୁଗୁଳ ଜିଲ୍ଲାରୁ ୨୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୨୩ ଜଣ, ବରଗଡ଼ରୁ ୫୬ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରୁ ୯୯ ଜଣ, ବୌଦ୍ଧରୁ ୬ ଜଣ, କଟକରୁ ୩୬୦ ଜଣ, ଦେବଗଡ଼ରୁ ୩୬ ଜଣ, ଢେଙ୍କାନାଳରୁ ୯ ଜଣ, ଗଞ୍ଜାମରୁ ୭୦ ଜଣ, ଗଜପତିରୁ ୩୨ ଜଣ, ଜଗତସିଂହପୁରରୁ ୬୩ ଜଣ, ଯାଜପୁରରୁ ୮୩ ଜଣ, ଝାରସୁଗୁଡ଼ାରୁ ୧୫୪ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳରୁ ୧୦ ଜଣ, କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୪୩ ଜଣ, ଖୋର୍ଦ୍ଧାରୁ ୧୬୧୯ ଜଣ, କୋରାପୁଟରୁ ୬୫ ଜଣ, ମାଲକାନଗିରିରୁ ୩ ଜଣ, ମୟୂରଭଞ୍ଜରୁ ୧୧୩ ଜଣ, ନବରଙ୍ଗପୁରରୁ ୩୭ ଜଣ, ନୟାଗଡ଼ରୁ ୩୪ ଜଣ, ନୂଆପଡ଼ାରୁ ୩୨ ଜଣ, ପୁରୀରୁ ୧୧୯ ଜଣ, ରାୟଗଡ଼ାରୁ ୩୧ ଜଣ, ସମ୍ବଲପୁରରୁ ୪୩୭ ଜଣ, ସୋନପୁରରୁ ୪୬ ଜଣ, ସୁନ୍ଦରଗଡ଼ରୁ ୬୬୨ ଜଣ ଓ ଷ୍ଟେଟ ପୁଲରୁ ୩୧୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୭୦ ହଜାର ୮୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୬ ହଜାର ୧୧୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬ ହଜାର ୧୧୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ରାଜ୍ୟରେ ୧୨୮ଟି ପ୍ୟାକ୍ସ ଲ୍ୟାମ୍ପ୍ସରେ ବହୁମୁଖୀ ଗୋଦାମ ଗୃହ ନିର୍ମାଣ କରାଯିବ : ସମବାୟ ମନ୍ତ୍ରୀ

ଭୁବନେଶ୍ୱର,୯/୧ (ନି.ପ୍ର): ରାଜ୍ୟରେ ପ୍ରଥମ ପର୍ଯ୍ୟାୟରେ ୧୨୮ଟି ପ୍ୟାକ୍ସ / ଲ୍ୟାମ୍ପ୍ସ ରେ ବହୁମୁଖୀ ଗୋଦାମଗୃହ ନିର୍ମାଣ କରାଯିବ। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦର ଅଧକ୍ଷ ତଥା ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବହୁମୁଖୀ ଗୋଦାମଗୃହ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଚାଷୀମାନଙ୍କ ସୁବିଧା ନିମନ୍ତେ ପ୍ୟାକ୍ସ / ଲ୍ୟାମ୍ପ୍ସ ଗୁଡିକୁ ଓ୍ୱାନ ଷ୍ଟପ ସେଣ୍ଟରରେ ପରିଣତ କରାଯାଉଛି, ଯଦ୍ୱାରା ଗୋଟିଏ ସ୍ଥାନରେ ଚାଷୀମାନେ ସବୁପ୍ରକାରର ସୁବିଧା ପାଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି। ପ୍ୟାକ୍ସ / ଲ୍ୟାମ୍ପ୍ସରେ ବହୁମଖୀ ଗୋଦାମ ଗୃହ ନିର୍ମାଣ ଦ୍ୱାରା ଚାଷୀମାନଙ୍କ ଠାରୁ ଧାନ ଏବଂ ଡ଼ାଲି ଓ ତୈଳବୀଜ ସଂଗ୍ରହରେ ସୁବିଧା ହେବା ସହିତ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ସାର ଓ ବିହନ ଗଚ୍ଛିତ ରଖି ବିକ୍ରି କରିବାରେ ମଧ ସୁବିଧା ହେବ। ଏଥି ସହିତ ପ୍ୟାକ୍ସ / ଲ୍ୟାମ୍ପ୍ସ ପରିସରରେ କାର୍ଯ୍ୟାଳୟର ସୁବିଧା ନିମନ୍ତେ ଅଫିସ ଗୃହ ନିର୍ମାଣ କରାଯିବ। ଏହା ଦ୍ୱାରା ଚାଷୀମାନଙ୍କର ବିଭିନ୍ନ ଆବଶ୍ୟକତା ପୂରଣ ହୋଇପାରିବ।

ଯେଉଁସବୁ ପ୍ୟାକ୍ସ / ଲ୍ୟାମ୍ପ୍ସ ର ନିଜସ୍ୱ ଜମିଅଛି ମାତ୍ର ଅର୍ଥାଭାବ ଯୋଗୁ ଗୋଦାମଗୃହ ନିର୍ମାଣ କରିପାରୁ ନାହାନ୍ତି, ସେଠାରେ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଥମ ପର୍ଯ୍ୟାୟରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ପ୍ରଦତ ଅର୍ଥରେ ବହୁମୁଖୀ ଗୋଦାମଗୃହ ନିର୍ମାଣ କରାଯିବ। ଏଥିରେ ୫୦ଟନ ଲେଖାଏଁ କ୍ଷମତା ବିଶିଷ୍ଟ ଦୁଇଟି ଗୋଦାମଗୃହ ନିର୍ମାଣ କରାଯିବ। ଏଥି ସହିତ ଗୋଟିଏ ଅଫିସ ଗୃହ ସମେତ ପାନୀୟଜଳ ଓ ଶୌଚାଳୟର ମଧ ବ୍ୟବସ୍ଥା ରହିବ। ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦ ଦ୍ୱାରା ଏହାର ଏକ ମଡେଲ ଡିଜାଇନ ଓ ବ୍ୟୟ ଅଟକଳ ପ୍ରସ୍ତୁତ କରାଯାଇଛି। ପ୍ରତି ବହୁମୁଖୀ ଗୋଦାମଗୃହ ନିର୍ମାଣ ନିମନ୍ତେ ୨୬ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଗୋଦାମ ଗୃହ ନିର୍ମାଣ ପୂର୍ବରୁ ନିୟନ୍ତ୍ରିତ ବଜାର କମିଟି ସହିତ ସଂପୃକ୍ତ ପ୍ୟାକ୍ସ / ଲ୍ୟାମ୍ପ୍ସ ମଧରେ ଚୁକ୍ତି ସ୍ୱାକ୍ଷରିତ ହେବ। ଜିଲ୍ଲା ପ୍ରଶାସନ ପରାମର୍ଶରେ ଗୋଦାମଗୃହ ନିର୍ମାଣକାର୍ଯ୍ୟ କରାଯିବା ପାଇଁ ପରାମର୍ଶ ଦିଆଯାଇଥିବା ବେଳେ ନିର୍ମାଣ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରି ଚାଷୀମାନଙ୍କୁ ସୁବିଧା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ପର୍ଯ୍ୟାୟରେ ଆଠମଲ୍ଲିକ, ଜଳେଶ୍ୱର, ଭଦ୍ରକ, ଚାନ୍ଦବାଲି, କରଞ୍ଜିଆ, ଭଞ୍ଜନଗର, ହିଞ୍ଜିଳିକାଟୁ, ପାରଳାଖେମୁଣ୍ଡି, କଂଟାବାଞ୍ଜି, ବୀର ମହାରାଜପୁର, କେନ୍ଦୁପାଟଣା, ନରସିଂହପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, ଢ଼େଙ୍କାନାଳ, କାମାକ୍ଷାନଗର, ହିନ୍ଦୋଳ, ଭବାନୀପାଟଣା, ଜୁନାଗଡ଼, କେସିଙ୍ଗା, କେନ୍ଦୁଝର, ଜଟଣୀ, ବାଲୁଗାଁ, ବୌଦ୍ଧ, ସମ୍ବଲପୁର, ଯାଜପୁର, ବାହାଡ଼ଝୋଲା ଓ ଦେବଗଡ଼ ଆଦି ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ୧୨୮ଟି ପ୍ୟାକ୍ସ / ଲ୍ୟାମ୍ପ୍ସରେ ବହୁମୁଖୀ ଗୋଦାମଗୃହ ନିର୍ମାଣ କରାଯିବ।

# ପଂଚାୟତ ନିର୍ବାଚନ : କରୋନା ସ୍ଥିତି ସମ୍ପର୍କରେ ନିର୍ବାଚନ କମିଶନଙ୍କୁ ଜଣାଇଲେ ରାଜ୍ୟ ସରକାର

ଭୁବନେଶ୍ୱର,୯/୧ (ନି.ପ୍ର): କରୋନା ସଂକ୍ରମଣ କାୟା ବିସ୍ତାର କରୁଥିବା ବେଳେ ପଂଚାୟତ ନିର୍ବାଚନ କିଭଳି ସୁରକ୍ଷିତ ଭାବେ ଆୟୋଜିତ ହୋଇପାରିବ ସେନେଇ ଶନିବାର ଦିନ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର କରୋନା ସଂକ୍ରମଣ ସ୍ଥିତି, ଟିକାକରଣ ଓ କୋଭିଡ ମୁକାବିଲା ଲାଗି ସରକାର କି କି ପଦକ୍ଷେପ ନେଉଛନ୍ତି ସେ ବିଷୟରେ ନିର୍ବାଚନ କମିଶନଙ୍କୁ ଅବଗତ କରିଛନ୍ତି ରାଜ୍ୟ ସରକାର।

ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା କହିଛନ୍ତି ବୈଠକରେ ସ୍ୱାସ୍ଥ୍ୟକର୍ମୀ, କରୋନା ଯୋଦ୍ଧା, ଟେଷ୍ଟିଙ୍ଗ ଓ ବୁଷ୍ଟର୍ ଡୋଜ ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟର ସମ୍ଭାବ୍ୟ କରୋନା ସଂକ୍ରମଣ ସ୍ଥିତି ସଂପର୍କରେ ବି ଆଗାମୀ ଦିନରେ ନିର୍ବାଚନ କମିଶନଙ୍କୁ ଅବଗତ କରାଯିବ। ଆଜିର ବୈଠକ ପରେ ପଂଚାୟତ ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ କମିଶନ ଚୂଡାନ୍ତ ନିଷ୍ପତି ନେବେ ବୋଲି ସେ ସୂଚନା ଦେଇଛନ୍ତି। ବୈଠକ ପରେ ନିର୍ବାଚନ କମିଶନର ଶ୍ରୀ ପାଢ଼ୀ କହିଛନ୍ତି ଯେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ, ନିର୍ବାଚନ ସାମଗ୍ରୀ ବିତରଣ କେନ୍ଦ୍ର, ନିର୍ବାଚନ ପ୍ରଚାର ଓ ଭୋଟ୍ ଗଣତି ସମୟରେ ହେବାକୁ ଥିବା ଭିଡକୁ ନିୟନ୍ତ୍ରଣ କରିବାପାଇଁ କଣ ସବୁ ପଦକ୍ଷେପ ନିଆଯାଇପାରିବ ସେସମ୍ପର୍କରେ ଆଲୋଚନା କରାଯାଇଥିଲା। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହେବାକୁ ଥିବା କର୍ମଚାରୀମାନଙ୍କୁ ଅଗ୍ରାଧିକାର ଭିତିରେ କରୋନାର ଦ୍ୱିତୀୟ ଡୋଜ୍ ଦେବାକୁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମା, ନିର୍ବାଚନ କମିଶନରଙ୍କ ସଚିବ ରବିନ୍ଦ୍ର ନାଥ ସାହୁ, ସ୍ୱତନ୍ତ୍ର ସଚିବ ରଘୁରାମ ଆର ଆୟାର ଓ ଉପସଚିବ ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।


# ରେଡ୍ ଜୋନରେ ସମ୍ବଲପୁର : କଟକ ଓ ଝାରସୁଗୁଡ଼ା ସାମିଲ ହେଲା ୟେଲୋ ଜୋନରେ

ଭୁବନେଶ୍ୱର,୯/୧ (ନି.ପ୍ର): ଆଜି ସମ୍ବଲପୁରରୁ ୪୩୭ ଜଣ କରୋନା ପଜିଟିଭ୍ ବାହାରିବା ପରେ ଏହା ରେଡ୍ ଜୋନରେ ସାମିଲ ହୋଇଥିବା ଜଣାଯାଇଛି। ଏଣେ କଟକ ଓ ଝାରସୁଗୁଡ଼ା ଜିଲ୍ଲା ୟେଲୋ ଜୋନରେ ସାମିଲ ହୋଇଛି। ଆଜି କଟକରେ ୩୬୦ ଓ ଝାରସୁଗୁଡ଼ାରେ ୧୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧରେ ରାଜ୍ୟରେ ୪୭୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧରୁ ୨୭୫୫ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବାବେଳେ ସ୍ଥାନୀୟ ସଂକ୍ରମଣରୁ ୧୯୫୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିଭିତରେ ୧୮ ବର୍ଷରୁ କମ୍ ବୟସ୍କ ୪୧୬ ଜଣ ଶିଶୁ ଓ କିଶୋର କରୋନା ପଜିଟିଭ ଅଛନ୍ତି। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୬୧୯ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ଗତ ୨୪ ଘଣ୍ଟା ମଧରେ ଅନୁଗୁଳ ଜିଲ୍ଲାରୁ ୨୨ ଜଣ, ବାଲେଶ୍ୱର ଜିଲ୍ଲାରୁ ୧୨୩ ଜଣ, ବରଗଡ଼ରୁ ୫୬ ଜଣ, ଭଦ୍ରକରୁ ୭ ଜଣ, ବଲାଙ୍ଗୀରୁ ୯୯ ଜଣ, ବୌଦ୍ଧରୁ ୬ ଜଣ, କଟକରୁ ୩୬୦ ଜଣ, ଦେବଗଡ଼ରୁ ୩୬ ଜଣ, ଢେଙ୍କାନାଳରୁ ୯ ଜଣ, ଗଞ୍ଜାମରୁ ୭୦ ଜଣ, ଗଜପତିରୁ ୩୨ ଜଣ, ଜଗତସିଂହପୁରରୁ ୬୩ ଜଣ, ଯାଜପୁରରୁ ୮୩ ଜଣ, ଝାରସୁଗୁଡ଼ାରୁ ୧୫୪ ଜଣ, କଳାହାଣ୍ଡିରୁ ୧୦ ଜଣ, କନ୍ଧମାଳରୁ ୧୦ ଜଣ, କେନ୍ଦ୍ରାପଡ଼ାରୁ ୧୦ ଜଣ, କେନ୍ଦୁଝରରୁ ୪୩ ଜଣ, ଖୋର୍ଦ୍ଧାରୁ ୧୬୧୯ ଜଣ, କୋରାପୁଟରୁ ୬୫ ଜଣ, ମାଲକାନଗିରିରୁ ୩ ଜଣ, ମୟୂରଭଞ୍ଜରୁ ୧୧୩ ଜଣ, ନବରଙ୍ଗପୁରରୁ ୩୭ ଜଣ, ନୟାଗଡ଼ରୁ ୩୪ ଜଣ, ନୂଆପଡ଼ାରୁ ୩୨ ଜଣ, ପୁରୀରୁ ୧୧୯ ଜଣ, ରାୟଗଡ଼ାରୁ ୩୧ ଜଣ, ସମ୍ବଲପୁରରୁ ୪୩୭ ଜଣ, ସୋନପୁରରୁ ୪୬ ଜଣ, ସୁନ୍ଦରଗଡ଼ରୁ ୬୬୨ ଜଣ ଓ ଷ୍ଟେଟ ପୁଲରୁ ୩୧୫ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୦ ଲକ୍ଷ ୭୦ ହଜାର ୮୬୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ଭିତରୁ ୧୦ ଲକ୍ଷ ୪୬ ହଜାର ୧୧୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୬ ହଜାର ୧୧୭ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।


# ପଂଚାୟତିରାଜ ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରାଯାଉ : କଂଗ୍ରେସ

ଭୁବନେଶ୍ୱର, ୮ ଜାନୁଆରୀ – ମହିଳାଙ୍କୁ ସମ୍ମାନ ଓ ମୋ ପରିବାର ସ୍ଲୋଗାନ ଦେଉଥିବା ବିଜୁ ଜନତା ଦଳ ଏବଂ ମୁଖ୍ୟମନ୍ତ୍ରୀ ନବୀନ ବାବୁ କିଭଳି ବିବାଦୀୟ ମନ୍ତ୍ରୀମାନଙ୍କୁ ସୁରକ୍ଷା ଦେଉଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟି ପ୍ରଶ୍ନ କରିଛି। ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ନେତା, ଉପସଭାପତି ତଥା ମୁଖପାତ୍ର ଡ. ଦେବାଶିଷ ପଟ୍ଟନାୟକ ରାଜ୍ୟର ଜଣେ ମନ୍ତ୍ରୀ ଯେପରି ମହିଳାମାନଙ୍କ ସମ୍ମୁଖରେ ଓ ମହିଳାମାନଙ୍କ ଉଦ୍ଦେଶ୍ୟରେ ଅଶାଳୀନ ଶବ୍ଦ ପ୍ରୟୋଗ କରୁଥିବାର ଭିଡିଓ ଭାଇରାଲ ହୋଇଛି ସେ ସମ୍ପର୍କରେ ଦଳ କିମ୍ବା ମୁଖ୍ୟ ମନ୍ତ୍ରୀଙ୍କ ନୀରବତା କାହିଁକି ବୋଲି ପ୍ରଶ୍ନ ପଚାରିଛନ୍ତି। ଏହା ପୂର୍ବରୁ ସଂପୃକ୍ତ ମନ୍ତ୍ରୀ ଯିଏକି ପୂର୍ତ, ପଂଚାୟତରାଜ ଓ ଆଇନ ବିଭାଗ ପରି ଦାୟୀତ୍ୱରେ ରହିଛନ୍ତି। ସିଏ କିପରି ବହୁଚର୍ଚ୍ଚିତ ମାହାଙ୍ଗା ଡବଲ ମର୍ଡର ଘଟଣାରେ ନିଜ ନାମକୁ ଚାର୍ଜସିଟ୍‌ରୁ ବାଦ ଦେବାପରେ କୋର୍ଟ ଦ୍ୱାରା ଭର୍ତ୍ସିତ ହୋଇଥିଲେ ତାହାର ଉଦାହରଣ ଦେଇ ଏହା କ'ଣ ବହୁ ପ୍ରଚାରିତ ୫-ଟି ର ସ୍ୱଚ୍ଛତା ବୋଲି ଜାଣିବାକୁ ଚାହିଁଥିଲେ। ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର ମହାନ କାଣ୍ଡାରୀ ଗଣକବି ବୈଷ୍ଣବ ପାଣିଙ୍କ ମାଟିକ ପ୍ରତିନିଧିତ୍ୱ କରୁଥିବା ବ୍ୟକ୍ତିଙ୍କ ଏଭଳି ଅଭଦ୍ର, ଅଶ୍ଳୀଳ ଓ ଅସମାଜିକ ଶବ୍ଦ ଓ ଆଚରଣ ସମଗ୍ର ମାହାଙ୍ଗା ମାଟି ଓ ତାର ଜନସାଧାରଣଙ୍କ ପ୍ରତି ପ୍ରଚଣ୍ଡ ଅପମାନ ବୋଲି ବ୍ୟକ୍ତ କରିଥିଲେ। କେବଳ ସେତିକି ନିଜକୁ ରେଭେନ୍ସାର ଛାତ୍ର ଓ ଆଲୁମିନିର ସଦସ୍ୟ କହି ବୁଲୁଥିବାର ତାଙ୍କର ଏତାଦୃଶ ଆଚରଣ ଓ ଉଚାରଣ ରେଭେନ୍ସାର ଗାରିମାକୁ ମଧ କ୍ଷୁର୍ଣ୍ଣ କରୁଛି ବୋଲି କହିବା ସହ ଏହା ସମଗ୍ର କଟକ ଜିଲ୍ଲା ଓ ସର୍ବୋପରି ଆମ ରାଜ୍ୟ ଓଡ଼ିଶାର ସମ୍ମାନ ଉପରେ ଆକ୍ରମଣ ବୋଲି ସେ କହିଥିଲେ। ରେଭେନ୍ସାର ଛାତ୍ରଛାତ୍ରୀ, ଶିକ୍ଷକ ସମାଜ ଓ ଆଲୁମିନା ଆସୋସିଏସନ ଏହାଦ୍ୱାରା ଲଜ୍ଜିତ ଏବଂ ଏହି ଅଭଦ୍ରାମି ସଭ୍ୟ ସମାଜ ଦ୍ୱାରା ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଥିଲେ। ମମିତା ମେହେର ହତ୍ୟା ଘଟଣା ଠାରୁ ଆରମ୍ଭ କରି ମାହାଙ୍ଗା ଡବଲ ମର୍ଡର ଘଟଣା ଆଦି ବହୁ ଘଟଣାରେ ମନ୍ତ୍ରୀମାନଙ୍କ ସ୍ୱେଚ୍ଛାଚାରିତା ଓ ସରକାରଙ୍କ ପୃଷ୍ଠପୋଷକତା ଆଦି ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ସଂପୃକ୍ତ ମନ୍ତ୍ରୀ ନିଜ ଆଡୁ ଇସ୍ତଫା ଦେବା ଉଚିତ୍ ନଚେତ ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରନ୍ତୁ ବୋଲି ସେ ଦାବି କରିଛନ୍ତି। ବାଙ୍କୀର ପୂର୍ବତନ ବିଧାୟକ ମଧ ନୂଆବର୍ଷରେ ନାରୀମାନଙ୍କୁ କିଭଳି ବ୍ୟବହାର କରିଛନ୍ତି ତାହା ଏବେ ସାମାଜିକ ଗଣମାଧମରେ ଘୁରି ବୁଲିଛି। ନବୀନ ବାବୁ ଏସବୁ ଜାଣିପାରୁଛନ୍ତି କି ନାହିଁ, ପଚାରିବା ସହ ଯଦି ଜାଣିମଧ ନୀରବ ରହୁଛନ୍ତି ତାର ଫଳାଫଳ ଭୋଗିବାକୁ ସେ ପ୍ରସ୍ତୁତ ରୁହନ୍ତି ବୋଲି ଚେତାବନୀ ଦେଇଥିଲେ। ମାନ୍ୟବର ରାଜ୍ୟପାଳ ମଧ ଏ ଘଟଣାରେ ହସ୍ତକ୍ଷେପ କରିବା ସହ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଡ. ପଟ୍ଟନାୟକ ଦାବିକରିଥିଲେ।

# ୧୯୯୮ ମସିହାରୁ ମୟୂରଭଞ୍ଜରେ ନାହିଁ ସୈନିକ ବୋର୍ଡ

ବାରିପଦା, ୦୯/୦୧ (ନି.ପ୍ର): ସୈନିକ ମାନଙ୍କ ସମସ୍ୟା ବୁଝିବା ପାଇଁ ପୂର୍ବରୁ ଜିଲ୍ଲା ସୈନିକ, ସେଲର, ଏୟାରମ୍ୟାନ ବୋର୍ଡ (ଡିଏସଏସଏ ବୋର୍ଡ) ଜିଲ୍ଲାପାଳଙ୍କ ଅଧୀନରେ କାର୍ଯ୍ୟ କରୁଥିଲା । ଏହି ବୋର୍ଡ ଜରିଆରେ କାର୍ଯ୍ୟରତ ସୈନିକ, ଅବସରପ୍ରାପ୍ତ ସୈନିକ, ଯୁଦ୍ଧରେ ଶହୀଦ ସେନା କର୍ମଚାରୀଙ୍କ ପରିବାର, ଯୁଦ୍ଧରେ ଆହତ ହୋଇ ଥିବା ସୈନିକ, ବିଭିନ୍ନ ଶାନ୍ତି ଓ ଯୁଦ୍ଧ ସେବା ମେଡାଲ ହାସଲ କରିଥିବା ସୈନିକ, ସେନା କାର୍ଯ୍ୟ କରୁଥିବା ଅବସ୍ଥାରେ ଅଙ୍ଗ ହରାଇ ଥିବା ସୈନିକ ଓ ତାଙ୍କର ପରିବାର ମାନଙ୍କୁ ସ୍ଥାନୀୟ ପ୍ରଶାସନିକ ସହାୟତା ମିଳୁଥିଲା । ଅବସରପ୍ରାପ୍ତ ସୈନିକଙ୍କୁ ପରିଚୟପତ୍ର, ସୈନିକଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ବାବଦରେ ପ୍ରମାଣପତ୍ର ସହିତ ବହୁ କାର୍ଯ୍ୟ ଏହି ବୋର୍ଡ ଜରିଆରେ ହେଉଥିଲା । ସୈନିକ ମାନଙ୍କ ପୁର୍ନବାସ, ଥଇଥାନ ପାଇଁ ମଧ୍ୟ ଏହି ବୋର୍ଡର ଆବଶ୍ୟକତା ପଡୁ ଥିଲା । ହେଲେ ଗତ ୧୯୯୮ ମସିହାରୁ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଥିଲା । ଏହା ପରେ କେନ୍ଦ୍ରୀୟ ସୈନିକ ବୋର୍ଡ ଅଧୀନରେ କାର୍ଯ୍ୟ କରିବାକୁ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ସୈନିକ ବୋର୍ଡ ଗଠନ ପାଇଁ ନିର୍ଦ୍ଦେଶ ଦିଆ ଯାଇ ଥିଲା । ଏହି ରାଜ୍ୟ ସୈନିକ ବୋର୍ଡର ସମ୍ପାଦକ ଓ ଅନ୍ୟାନ କର୍ମଚାରୀଙ୍କ ନିଯୁକ୍ତି ରାଜ୍ୟ ସରକାର କରିବା କଥା । ସେହିପରି ରାଜ୍ୟ ସୈନିକ ବୋର୍ଡ ଅଧୀନରେ ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ଗଠନ ହେବ । ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲା ସୈନିକ ବୋର୍ଡ ପାଇଁ ଆବଶ୍ୟକ ହିତାଧିକାରୀଙ୍କ ସଂଖ୍ୟା ୭୫୦୦ ହେବା ଆବଶ୍ୟକ ବୋଲି ସରକାର ସର୍ତ୍ତ ରଖିଥିଲେ । ଆଦିବାସୀ ବହୁଳ ଅଞ୍ଚଳ, ଉପାନ୍ତ ଅଞ୍ଚଳ, ଦୁର୍ଗମ ଅଞ୍ଚଳ ହେଲେ ହିତାଧିକାରୀଙ୍କ ସଂଖ୍ୟା କମ ହେଲେ ମଧ୍ୟ ଜିଲ୍ଲା ସୈନିକ ବୋର୍ଡ ରାଜ୍ୟ ସରକାରଙ୍କ ଅନୁଦାନରେ ଚାଲିବା କଥା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲା ସୈନିକ ବୋର୍ଡ ଗଠିତ ହେବା ପାଇଁ ଆବଶ୍ୟକୀୟ ହିତାଧିକାରୀ ସଂଖ୍ୟା ୧୨୦୦୦ ଟପିଲାଣି କିନ୍ତୁ ଜିଲ୍ଲା ସୈନିକ ବୋର୍ଡ ଗଠନ ହୋଇ ପାରୁନାହିଁ । ଯେତେବେଳେ ଜିଲ୍ଲା ସୈନିକ ବୋର୍ଡ ଗଠନ ହେଲା ସେତେବେଳେ ମୟୂରଭଞ୍ଜ ଜିଲ୍ଲାରେ ଆବଶ୍ୟକୀୟ ହିତାଧିକାରୀଙ୍କ ସଂଖ୍ୟା ନାହାଁନ୍ତି ବୋଲି କହି ଏଠାକାର ସୈନିକ ଓ ତାଙ୍କ ପରିବାର ମାନଙ୍କୁ ବାଲେଶ୍ୱର ଜିଲ୍ଲା ସୈନିକ ବୋର୍ଡ ସହିତ ସଂଗଲଗ୍ନ କରା ଯାଇଥିଲା । ଏବେ ବାଲେଶ୍ୱର ଜିଲ୍ଲା ସୈନିକ ବୋର୍ଡ ମଧ୍ୟ ଉପଯୁକ୍ତ ସେବା ଯୋଗାଇ ପାରୁ ନଥିବାର ଜଣା ପଡିଛି । ୨୦୧୩ରେ ମୟୂରଭଞ୍ଜରେ ଅବସରପ୍ରାପ୍ତ ସୈନିକ ଲିଗ ଗଠନ ହେବା ପରେ ଏହାର ସଭାପତି କର୍ଣ୍ଣେଲ ଡ. ଅଶୋକ କୁମାର ଦାସଙ୍କ ନିର୍ଦ୍ଦେଶକ୍ରମେ ସାଧାରଣ ସମ୍ପାଦକ ଜୁନିଅର ଓ୍ୱାରେଣ୍ଟ ଅଫିସର ଅଶୋକ କୁମାର ଦଳବେହେରା ମୟୂରଭଞ୍ଜ ସୈନିକଙ୍କ ପାଇଁ ଜିଲ୍ଲା ସୈନିକ ବୋର୍ଡ ଏକାନ୍ତ ଆବଶ୍ୟକ ବୋଲି ଅନୁଭବ କରିବା ପରେ ରାଜ୍ୟର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ସମସ୍ତଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏପରିକି ଜିଲ୍ଲା ସୈନିକଙ୍କ ସମସ୍ୟା ବାବଦରେ ସ୍ଥାନୀୟ ନେତା ମନ୍ତ୍ରୀ ମାନଙ୍କୁ ମଧ୍ୟ ବହୁବାର ଦାବୀପତ୍ର ପ୍ରଦାନ କରାଯାଇଛି । ହେଲେ ମଣିଷ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଯୁବାବସ୍ଥାକୁ ଦେଶ ପାଇଁ ଉତ୍ସର୍ଗ କରୁଥିବା ସୈନିକ, ନିଜ ସ୍ୱାମୀ ତଥା ପୁତ୍ରଙ୍କୁ ଦେଶ ପାଇଁ ଉତ୍ସର୍ଗ କରି ଥିବା ମାଆ ଓ ସ୍ତ୍ରୀ ରୂପକ ମହିଳା, ସୀମାରେ ଶତ୍ରୁ ସହିତ ଲଢ଼ାଇ କରି ଶହୀଦ ହୋଇ ଥିବା ସୈନିକଙ୍କ ପିଲାଛୁଆଙ୍କ ମଙ୍ଗଳ ପାଇଁ କେବେ ହେଲେ ମୟୂରଭଞ୍ଜର ନେତୃବୃନ୍ଦ ଚିନ୍ତା କରିନାହାଁନ୍ତି । ମୟୂରଭଞ୍ଜ ନେତୃ ମଣ୍ଡଳୀଙ୍କ ଠାରୁ ହତାଶ ହେବା ପରେ ମୟୂରଭଞ୍ଜ ଅବସରପ୍ରାପ୍ତ ସେନା ଲିଗର ସମ୍ପାଦକ ଅଶୋକ କୁମାର ଦଳବେହେରା ୨୦୧୭ ମସିହାରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରିବା ପରେ ଜିଲ୍ଲାପାଳ ଅତିରିକ୍ତ ଶାସନ ସଚିବଙ୍କୁ ପତ୍ରଲେଖି ଥିଲେ । ହେଲେ ଏହି ପତ୍ର ଲେଖା ଯିବାର ଦୀର୍ଘ ଚାରି ବର୍ଷ ବିତି ଯାଇଥିଲେବି ଏପର୍ଯ୍ୟନ୍ତ ଜିଲ୍ଲା ସୈନିକ ବୋର୍ଡ ବାବଦରେ କୌଣସି ନିଷ୍ପତି ସରକାର ନେଇ ପାରୁ ନାହାଁନ୍ତି । କେନ୍ଦୁଝର ଜିଲ୍ଲାର ସୈନିକ ଓ ପରିବାର ହିତାଧିକାରୀଙ୍କୁ ମିଶାଇ ୪୦୦୦ ଯାହାକି ସୈନିକ ବୋର୍ଡ ଗଠନ ପାଇଁ ନିର୍ଦ୍ଧାରିତ ହିତାଧିକାରୀ ସଂଖ୍ୟାର ଅଧା କହିଲେ ଚଳେ । କିନ୍ତୁ ସେଠାକାର ନେତୃବୃନ୍ଦ ନିଜ ଜିଲ୍ଲାର ସୈନିକ ମାନଙ୍କ ପାଇଁ ଏପରି ସମ୍ମାନ ରହିଛି ଯେ ସ୍ୱତନ୍ତ୍ର ଭାବେ ସମସ୍ତେ ମିଶି ମୁଖ୍ୟମନ୍ତ୍ରୀଙ୍କୁ ମନାଇ ଏକ ଜିଲ୍ଲା ସୈନିକ ବୋର୍ଡ ସ୍ଥାପନ କରାଇ ପାରିଛନ୍ତି ।

## ଜମିବାଡି ବିବାଦ, ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ

ଭଦ୍ରକ, ୦୯/୦୧ (ନି.ପ୍ର): ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକ୍ ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ କୋଟସିରା ଗ୍ରାମରେ ବିବାଦୀୟ ଜମିରେ ଗୃହନିର୍ମାଣକୁ ବିରୋଧ କରି ଜଣେ ମହିଳାଙ୍କୁ ଆଜି ମରଣାନ୍ତକ ଆକ୍ରମଣର ହୋଇଥିବା ଅଭିଯୋଗ ହୋଇଛି । ପୈତୃକ ଜମିର ଅଂଶ ନିର୍ଦ୍ଧାରଣ ପାଇଁ ନ୍ୟାୟାଳୟ ସ୍ଥିତାବସ୍ଥା ଆଦେଶ ଜାରି କରିଥିବା ବେଳେ ଅଂଶୀଦାର ରହିନାରାୟଣ ନାୟକ ବଳପୂର୍ବକ ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ରଞ୍ଜନ କୁମାର ନାୟକ ଶନିବାର ଫାଣ୍ଡିରେ ଅଭିଯୋଗ କରିଥିଲେ । ଫାଣ୍ଡି ନିର୍ମାଣ କାର୍ଯ୍ୟ ବନ୍ଦକରିବା ସହ ରବିବାର ବୁଝାସୁଝା ହେବ ବୋଲି ଉଭୟପକ୍ଷକୁ କହିଥିଲେ । ମାତ୍ର ହରିନାରାୟଣ ଶନିବାର ରାତ୍ରରେ ନିର୍ମାଣ କରିବାରୁ ରଞ୍ଜନଙ୍କ ପନ୍ନୀ ଶଶିରେଖା ପ୍ରତିବାଦ କରିଥିଲେ । ସକାଳେ ରଞ୍ଜନ ଥାନାକୁ ଯାଇଥିବା ବେଳେ ହରିନାରାୟଣଙ୍କ ପରିବାର ପକ୍ଷରୁ ଶଶିରେଖାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ରଞ୍ଜନ ଅଭିଯୋଗ କରିଛନ୍ତି । ଆହତ ଶଶିରେଖାଙ୍କୁ ଭଣ୍ଡାରିପୋଖରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ପଠାଯାଇଛି । ମାତ୍ର ଏଥିନେଇ ମାମଲା ରଜୁ ହୋଇନଥିବା ଜଣାଯାଇଛି ।

## ଶୀତ ମହୋତ୍ସବରେ 'କ୍ୟାନ୍‌ସର' ଓ 'ଲଜ୍ୟା'ମଞ୍ଚସ୍ଥ

ପୁରୀ,୦୯/୦୧ (ନି.ପ୍ର): ସ୍ଥାନୀୟ ଅର୍ଣ୍ଣପୂର୍ଣ୍ଣା ଥିଏଟର ଠାରେ ସତ୍ୟକାମୀ ଯୁବ ନାଟ୍ୟ ଚେତନା ପକ୍ଷରୁ ୨୫ତମ ଶୀତ ମହୋତ୍ସବ ଅବସରରେ ଦୁଇଟି ନାଟକ ମଞ୍ଚସ୍ଥ ହୋଇଯାଇଛି । ଶୀତ ମହୋତ୍ସବରେ ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡ଼ କ୍ରିଷନ କୁମାର ମୁଖ୍ୟଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା । ତେବେ କରୋନା ସଂକ୍ରମଣ ଓ କର୍ଫ୍ୟୁ ଜନିତ କଟକଣା ଯୋଗୁ ସେ ଯୋଗଦେଇନପାରିବାରୁ ଅନୁଷ୍ଠାନର ସଭାପତି ଜିତେନ୍ଦ୍ର ମହାନ୍ତି ଓ ସମ୍ପାଦକ ନାଟ୍ୟକାର ସତ୍ୟଦାସଙ୍କ ସମେତ ନୂଆ ପୁରୁଣା କଳାକାରମାନେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଦୀର୍ଘ ୨୫ ବର୍ଷ ଧରି ଅନୁଷ୍ଠାନର କାର୍ଯ୍ୟଧାର ସହିତ ଜଡ଼ିତ କଳାକାରମାନେ ନିଜ ନିଜର ସ୍ମୃତି ରୋମାନ୍ଥନ କରିବା ସମୟରେ ଏକ ଭାବ ବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା । ପରେ କିଶୋରମାନଙ୍କ ଦ୍ୱାରା 'କ୍ୟାନ୍‌ସର' ଓ କିଶୋରୀମାନଙ୍କ ଦ୍ୱାରା 'ଲଜ୍ୟା'ମଞ୍ଚସ୍ଥ ହୋଇଥିଲେ । ନାଟକ ଦ୍ୱୟକକୁ ନାଟ୍ୟକାର ସତ୍ୟଦାସ ରଚନ କରିବା ସହିତ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ । ଦର୍ଶକମାନେ ଏହାକୁ ମନଭରି ଉପଭୋଗ କରିଥିଲେ ।

## ମା ବାମକାଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ଡଗରପଡା ଚାମ୍ପିୟନ

ଖଇରା, ୦୯/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ସାରୁଗାଁ ପଞ୍ଚାୟତ ଅଧୀନ କାକୁଡିଆ ଖେଳ ପଡିଆରେ ଚାଲିଥିବା ମା ବାମକାଳୀ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ରଟିଣା ଏକାଦଶ ଓ ଡଗରପଡା ଚାଚା ଏକାଦଶ ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଡଗରପଡା ୩ଉଇକେଟରେ ବିଜୟ ଲାଭ କରିଥିଲା । ଅଶୋକ କୁମାର ଦାସ ଓ ମନୋଜ କୁମାର ମ୍ୟାଚ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ମୁଖ୍ୟ ଅତିଥି ଭାବେଗେଯାଗ ଦେଇ ବିଜୟୀ



ଦଳକୁ ସିଲ୍ଡ ସହ ୬ହଜାର ଓ ରନର୍ସ ଅପ ରଟିଣା ଦଳକୁ ୪ହଜାର ଟଙ୍କା ପ୍ରଦାନ କରିଥିଲେ । ବିଜେଡି ଜିଲା ଯୁବ ଉପସଭାପତି ଗୌତମ ରାଉତ, ମହିଳା ସଭାପତି ରଶ୍ମିତା ମହାପାତ୍ର, ଓଷ୍ଟାର ପ୍ରାକ୍ତନ ସଭାପତି ଜିତେନ୍ଦ୍ର ଦାସମହାପାତ୍ର,ସାମ୍ବାଦିକ ବଳରାମ ଲେଙ୍କା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ମା ବାମକାଳୀ କ୍ଲବର ସମସ୍ତ କର୍ମକର୍ତ୍ତା, ସଭ୍ୟ ଓ କାକୁଡିଆ ଗ୍ରାମବାସୀ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ ।

## ଡ୍ରାଇଭର ମହାସଂଘର ସହାୟତା

ନୀଳଗିରି, ୦୯/୦୧ (ନି.ପ୍ର): ଓଡ଼ିଶା ଡ୍ରାଇଭର ମହାସଂଘ ନୀଳଗିରି ଶାଖା ତରଫରୁ ଅକାଳ ବିୟୋଗରେ ଜଣେ ଡ୍ରାଇଭର ମୃତ୍ୟୁବରଣ କରିଥିବା ପରିବାରକୁ ସହାୟତା ରାଶି ପ୍ରଦାନ କରିଛନ୍ତି । ନୀଳଗିରି ବ୍ଲକ ଧୋବଶିଳା ଅଂଚଳର ଯଶୋବନ୍ତ ବେହେରା ଗତ ଡିସେମ୍ବର ୩୧ତାରିଖରେ କଲିକତା ପାଂଚକୁଡ଼ା ଅଂଚଳରେ ହୃଦଘାତରେ ମୃତ୍ୟୁବରଣ କରିଥିଲେ । ତାଙ୍କ ଅକାଳ ବିୟୋଗରେ ଡ୍ରାଇଭର ମହାସଂଘ ମହଲରେ ଶୋକର ଛାୟା ଖେଳିଯାଇଥିଲା । ଆଜି ତାଙ୍କ ଏକାଦଶାହ କର୍ମରେ ଓଡ଼ିଶା ଡ୍ରାଇଭର ମହାସଂଘ ନୀଳଗିରି ଶାଖାର ଡ୍ରାଇଭର ମାନେ ତାଙ୍କ ଘରକୁ ଯାଇ ତାଙ୍କ ପନ୍ନୀ ଓ ପିଲାମାନଙ୍କୁ ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ । ପରେ ତାଙ୍କୁ ୯ହଜାର ୩ଶହ ଟଙ୍କା ଆର୍ଥିକ ସହାୟତା ଦେଇଥିଲେ । ଏଥିରେ ମହାସଂଘ ନୀଳଗିରି ଶାଖା ର ସଭାପତି ଅଜୟ କୁମାର ଦାସ, ସଦସ୍ୟ କରୁଣାକର ବେହେରା, ଧର୍ମେନ୍ଦ୍ର ମହାକୁଡ଼, ସଚିନ୍ଦ୍ର ସିଂ, ରମେଶ ବେହେରା, ମନୋଜ ମଲିକ, ଶଙ୍କରଲାଲ ପଣ୍ଡିତ ପ୍ରମୁଖ ଉପସ୍ଥିତ ଥିଲେ ।

## ଅବାଧରେ ଚାଲିଛି ବାଲି ଚୋରୀ : ବିରୋଧ କଲେ ମିଳୁଛି ଧମକ

ନୀଳଗିରି, ୦୯/୦୧ (ନି.ପ୍ର): ନୀଳଗିରି ତହସିଲ ଅଧୀନ କାଠପାଳ ଦେଇ ପ୍ରବାହିତ ହେଉଥିବା ସୋନ ନଦୀର ବାଲି ଚୋରୀ ବୃଦ୍ଧି ପାଇଛି । କାଠପାଳ, ବଇଁଚା, ସିଙ୍ଗିରି, କୋହ୍ଲପାଳ, ଅଂଚଳରୁ ଦିନରାତି ଟ୍ରାକ୍ଟର ଯୋଗେ ବାଲି ଚୋରୀ ହେଉଛି । ରାଜସ୍ୱ ବିଭାଗ ଓ ପୋଲିସ ର କଠୋର କାର୍ଯ୍ୟାନୁଷ୍ଠାନ ନ ହେବା କାରଣରୁ ଆଜି ଏଭଳି କୋଟି କୋଟି ଟଙ୍କା ରାଜସ୍ୱ ହରାଉଛି ସରକାର । ହେଲେ ଆଜି ସିଙ୍ଗିରି ଅଂଚଳରେ ବାଲି ମାଫିଆଙ୍କ ଦୌରାତ୍ମ୍ୟ ସୀମା ଟପିଛି । ଟ୍ରାକ୍ଟର ଯୋଗେ କିଛି ବାଲି ମାଫିଆ ବାଲି ଚୋରୀ କରୁଥିବା ବେଳେ ସେହି ଅଂଚଳର କିଛି ଗ୍ରାମବାସୀ ଏହାକୁ ବିରୋଧ କରୁଥିଲେ । ହେଲେ ମାଫିଆମାନେ ବନ୍ଧୁକ ଦେଖାଇ ସେମାନଙ୍କୁ ଭୟଭୀତ କରାଇବାକୁ ଚେଷ୍ଟା କରିଥିଲେ । ଘଟଣାକୁ ନେଇ ଗାଁରେ ଅସନ୍ତୋଷ ବୃଦ୍ଧି ପାଇଛି । ଏ ନେଇ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ ଶୁଭାଶିଷ ମହାନ୍ତିଙ୍କ ସ୍ତ୍ରୀ କରିଥିବା ଜଣାପଡ଼ିଛି । ସେହି ଗ୍ରାମର ଉମାକାନ୍ତ ମଣ୍ଡଳ, ହରିଶ୍ଚନ୍ଦ୍ର ମଣ୍ଡଳ, ଅଜୟ ମଣ୍ଡଳ, ସତ୍ୟରଂଜନ ସାମନ୍ତରା ନାମରେ ଏହି ଅଭିଯୋଗ ହୋଇଛି । ସତ୍ୟରଂଜନ ସାମନ୍ତରା ବନ୍ଧୁକ ଦେଖାଇ ଧମକ ଦେବା ସହ ଶୁଭାଶିଷ ଙ୍କ ସ୍ତ୍ରୀ କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି ।

## ଉତ୍ତର ଓଡିଶାର ରେଳ ଭିତ୍ତିଭୂମିର ବିକାଶ ପାଇଁ ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବଜ୍ୟୋତି

ବାଲେଶ୍ୱର,୦୯/୦୧ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରାଣକେନ୍ଦ୍ର ତଥା ଅର୍ଥନୈତିକ କେନ୍ଦ୍ର ବାଲେଶ୍ୱରରେ ରେଳ ଡିଭିଜନ ପ୍ରତିଷ୍ଠା ଏବଂ ନୀଳଗିରିରୁ ମୟୁରଭଞ୍ଜ ପର୍ଯ୍ୟନ୍ତ ରେଳ ଲାଇନ ସମ୍ପ୍ରସାରଣ କରିବାକୁ କେନ୍ଦ୍ର ରେଳମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନିକଟକୁ ପତ୍ରଲେଖି ବିଳମ୍ବରେ ହେଲେ ମଧ୍ୟ ବାଲେଶ୍ୱର-ନୀଳଗିରି ରେଳ ଲାଇନ ପାଇଁ ପଦକ୍ଷେପ ଆରମ୍ଭ ହୋଇଥିବାରୁ ନବଜ୍ୟୋତି ତାହାକୁ ସ୍ୱାଗତ କରିଛନ୍ତି । ବାଲେଶ୍ୱର-ନୀଳଗିରି ରେଳପଥକୁ ମୟୁରଭଞ୍ଜ ଜିଲ୍ଲା ମଧ୍ୟ ଦେଇ ଉତ୍ତର ଓଡିଶାର ଖଣି ଅଞ୍ଚଳକୁ ସମ୍ପ୍ରସାରଣ କରାଗଲେ ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ସମ୍ଭବ ହୋଇ ପାରିବ କ୍ଷ ସେ କହିଛନ୍ତି, କଂଗ୍ରେସ ସରକାରଙ୍କ ସମୟରେ ବାଲେଶ୍ୱରରେ ଏକାଧିକ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା । କିନ୍ତୁ ଗତ ୨୦ ବର୍ଷ ମଧ୍ୟରେ ଏଠାରେ ଗୋଟିଏ ଶିଳ୍ପ ପ୍ରତିଷ୍ଠା କରାଯାଇ ନଥିବାବେଳେ ପୂର୍ବରୁ ଥିବା ଶିଳ୍ପଗୁଡିକ ଗୋଟିଏ ପରେ ଗୋଟିଏ ବନ୍ଦ ହେବାରେ ଲାଗିଛି । ଯଦ୍ୱାରା ଏହି ଅଞ୍ଚଳରେ ବେକାରୀ ସମସ୍ୟା ବୃଦ୍ଧି ସହିତ ଜନସାଧାରଣଙ୍କ ଦୁର୍ଦ୍ଦଶା ବୃଦ୍ଧିପାଇବାରେ ଲାଗିଛି । ଶ୍ରୀ ବୈଷ୍ଣବ ବାଲେଶ୍ୱର ଜିଲ୍ଲାପାଳ ଭାବରେ ପୂର୍ବରୁ କାର୍ଯ୍ୟ କରିଥିବାରୁ ସେ ଏସମ୍ପର୍କରେ ଅବଗତ ଥିବେ । କୋଭିଡ ମହାମାରୀ ଜନିତ କଟକଣା ଏଠାକାର ଅର୍ଥନୀତିକୁ ଅଧିକ ଖରାପ କରିଦେଇଛି । ସେ ଦୈନନ୍ଦିନ ଭିତ୍ତିରେ ବାଲେଶ୍ୱରବାସୀଙ୍କ ସହିତ ଭାବ ଆଦାନ ପ୍ରଦାନ କରୁଥିବାରୁ ସେମାନଙ୍କ ସମସ୍ୟା ସମାଧାନ ଦିଗରେ କେତେକ ଉପାଦେୟ ପରାମର୍ଶ ଦେବାକୁ ଉଚିତ ମନେ କରିଛନ୍ତି । ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ବାଲେଶ୍ୱର ଏବଂ ସମୁଦାୟ ଉତ୍ତର ଓଡ଼ିଶାର ଅର୍ଥନୈତିକ ବିକାଶ ନିମନ୍ତେ ବୃହତ୍ତର ଯୋଜନା ପ୍ରସ୍ତୁତ କରିବା ସମୟରେ ଏଠାରେ ରେଳ ଭିତ୍ତିଭୂମିର ବିକାଶକୁ ଏକ ଅଂଶ ଭାବରେ ସାମିଲ କରାଯିବା ଉଚିତ । ସଂପ୍ରତି ବାଲେଶ୍ୱରରେ ରେଳ ବ୍ୟବସ୍ଥା ପରିଚାଳନା ଦାୟିତ୍ୱ ଖଡଗପୁର ଡିଭିଜନ ଅଧୀନରେ ରହିଛି ଏବଂ ଏହି କାରଣରୁ ରେଳ ମନ୍ତ୍ରଣାଳୟର ନୀତି ଏବଂ ନିବେଶ ସମ୍ପର୍କିତ ନିଷ୍ପତ୍ତିରେ ବାଲେଶ୍ୱର ଏବଂ ଉତ୍ତର ଓଡ଼ିଶାର ସ୍ୱାର୍ଥ ସ୍ଥାନ ପାଉନାହିଁ । ବାଲେଶ୍ୱର ଏବଂ ଉତ୍ତର ଓଡ଼ିଶା ପ୍ରତି ରେଳବାଇର ଅବହେଳା କେବଳ ମାନସିକତା ମଧ୍ୟରେ ସୀମିତ ରହିନାହିଁ, ସେହି କାରଣରୁ ଏଠାରେ ରେଳ ଭିତ୍ତିଭୂମିର ବିକାଶ ମଧ୍ୟ ମନ୍ଥର ଗତିରେ ଚାଲିଛି । ସେଥିପାଇଁ ବାଲେଶ୍ୱରରେ ଏକ ରେଳ ଡିଭିଜନ ଯଥାଶୀଘ୍ର ପ୍ରତିଷ୍ଠା କରାଗଲେ ତାହା ଅଞ୍ଚଳବାସୀଙ୍କର ନାର୍ଯ୍ୟ ଆଶା ଆକାଂକ୍ଷା ପୂରଣ ଦିଗରେ ବିଶେଷ ସହାୟକ ହେବା ସହିତ ଏହି ଅଞ୍ଚଳର ଦ୍ରୁତ ଅର୍ଥନୈତିକ ବିକାଶ ଘଟିବ, ଯାହା ଗତ ଦୁଇ ଦଶନ୍ଧି ଧରି ଅବହେଳିତ ଅବସ୍ଥାରେ ରହିଛି । ବାଲେଶ୍ୱର ମୃତ ଶିଳ୍ପଗୁଡିକର ସହର ଭାବରେ ପରିଚିତ ହେବାକୁ ଯାଉଥିବାବେଳେ ସେଥିରେ ଯଥାଶୀଘ୍ର ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି । ଏଥିସହିତ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ, ଉତ୍ତର ଓଡ଼ିଶାର ୮୦ କିଲୋମିଟର ଦୀର୍ଘ ବେଳାଭୂମି ସହିତ ନୀଳଗିରି ଏବଂ ମୟୁରଭଞ୍ଜର ପାର୍ବତ୍ୟାଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ସଂଯୁକ୍ତ କରାଯାଇପାରିବ । ବାଲେଶ୍ୱର-ନୀଳଗିରି ରେଳପଥକୁ ମୟୁରଭଞ୍ଜ ଜିଲ୍ଲା ମଧ୍ୟ ଦେଇ ଉତ୍ତର ଓଡିଶାର ଖଣି ଅଞ୍ଚଳକୁ ସମ୍ପ୍ରସାରଣ କରାଗଲେ ଆଦିବାସୀ ଅଧ୍ୟୁଷିତ ତଥା ପଛୁଆ ଅଞ୍ଚଳର ସାମାଜିକ ଓ ଆର୍ଥିକ ବିକାଶ ସମ୍ଭବ ହୋଇ ପାରିବ । ଉକ୍ତ ରେଳ ଲାଇନର ମୁଖ୍ୟ ଭାଗ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ମଧ୍ୟ ଦେଇ ଯିବ, ଯାହା ପ୍ରାକୃତିକ ସୌନ୍ଦର୍ଯ୍ୟ, ବହୁବିଧ ଜୀବଜନ୍ତୁ, ବୃକ୍ଷଲତା, ବନ୍ୟପ୍ରାଣୀରେ ଭରପୂର ଏବଂ ଏହାଦ୍ୱାରା ପର୍ଯ୍ୟଟନର ବିକାଶ ଘଟିବ । ତାହା ସହିତ ଉଦୟପୁର ଦେଇ ଜଳେଶ୍ୱରରୁ ଦୀଘା ପର୍ଯ୍ୟନ୍ତ ଏବଂ ଏହି ଅଞ୍ଚଳର ପ୍ରସିଦ୍ଧ ଶୈବପୀଠଗୁଡିକୁ ସଂଯୁକ୍ତ କରି ଏକ ରେଳଲାଇନ ନିର୍ମାଣ କରାଯିବାର ଆବଶ୍ୟକତା ରହିଛି । ଦଶନ୍ଧି ଦଶନ୍ଧି ଧରି ଏଥିପାଇଁ କେବଳ ପ୍ରତିଶ୍ରୁତି ମିଳିଛି, କିନ୍ତୁ ତାହା ସାକାର ହୋଇପାରିନାହିଁ । ଅନୁରୂପ ଭାବରେ ରୂପ୍ସା-ବାଙ୍ଗିରପୋଷି ରେଳ ଲାଇନକୁ ଗୋରୁମହିଷାଣି ପର୍ଯ୍ୟନ୍ତ ସମ୍ପ୍ରସାରଣ କରିବାକୁ ଅସରନ୍ତି ଆଲୋଚନା ଚାଲିଛି । ଏହା ନିର୍ମାଣ କରାଗଲେ ଜାମସେଦପୁର ସହିତ କମ୍ ଦୂରତା ବିଶିଷ୍ଟ ଯୋଗାଯୋଗ ସମ୍ଭବ ହୋଇପାରନ୍ତା ଏବଂ ତାହା ଏହି ଅଞ୍ଚଳର ଅର୍ଥନୀତି ପାଇଁ ବିଶେଷ ଫାଇଦା ପହଞ୍ଚି ପାରନ୍ତା । ବାଲେଶ୍ୱର ଅଞ୍ଚଳରେ ପର୍ଯ୍ୟଟନ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟିକରି ଅର୍ଥନୀତିକୁ ଆଗେଇ ନେବା ନିମନ୍ତେ ସୁଯୋଗ ରହିଛି । ଏ କ୍ଷେତ୍ରରେ ରେଳ ମନ୍ତ୍ରଣାଳୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ଏହି ସମସ୍ତ ପ୍ରସ୍ତାବଗୁଡିକ ସାକାର ହେଲେ ତାହା ଉତ୍ତର ଓଡ଼ିଶାର ପୂର୍ଣ୍ଣାଙ୍ଗ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିପାରିବ ଏବଂ ତାହାସହିତ ଏହା କେନ୍ଦ୍ର ସରକାରଙ୍କର ପୂର୍ବ ଭାରତର ଅଭିବୃଦ୍ଧି ପାଇଁ ଉଦ୍ଦିଷ୍ଟ 'ପୂର୍ବୋଦୟ' ଅଭିଯାନ କ୍ଷେତ୍ରରେ ପରିପୂରକ ଭୂମିକା ନିର୍ବାହ କରିପାରିବ । ରେଳମନ୍ତ୍ରୀ ଏଥିପ୍ରତି ଦୃଷ୍ଟିଦେବାକୁ ଶ୍ରୀ ପଟ୍ଟନାୟକ ତାଙ୍କ ପତ୍ରରେ ନିବେଦନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଜାନୁଆରୀ ୧୨ ରୁ ନିଟ୍ ପିଜି....

ଦେଶର ସ୍ୱାସ୍ଥ୍ୟ ଭିତ୍ତିଭୂମି ସଦୃଢ ହୋଇପାରିବ ବୋଲି ଶିକ୍ଷାମନ୍ତ୍ରୀ କହିଛନ୍ତି । କହିରଖୁ କି କିଛିଦିନ ତଳେ କୋର୍ଟ ନିଟ ୟୁଜି ଓ ପିଜିରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ଓ ଇଡବ୍ଲ୍ୟୁଏସ ପାଇଁ ୧୦ ପ୍ରତିଶତ ସଂରକ୍ଷଣ ପ୍ରଦାନ କରିବାକୁ କେନ୍ଦ୍ରର ନିଷ୍ପତ୍ତିକୁ ଗ୍ରହଣ କରି ନିଟ୍ କାଉଁସେଲିଙ୍ଗ ଆରମ୍ଭ କରିବା ନେଇ ଥିବା ଅସୁବିଧାକୁ ଦୂର କରିଛନ୍ତି । ଏହାପରେ ମେଡିକାଲ କାଉଁସେଲିଙ୍ଗ କମିଟି ତରଫରୁ ନିଟ ୟୁଜି ଓ ପିଜି କାଉଁସେଲିଙ୍ଗ ୨୦୨୧ ନେଇ ଏକକ ନୋଟିସ ଜାରି କରିଛି । ମେଡିକାଲ କାଉଁସେଲିଙ୍ଗ କମିଟି ଦ୍ୱାରା ଜାରି କରାଯାଇଥିବା ନୋଟିସରେ ଛାତ୍ର ଛାତ୍ରୀମାନଙ୍କୁ ସୁପ୍ରିମ କୋର୍ଟଙ୍କ ନିଷ୍ପତ୍ତି ବାବଦରେ ଅବଗତ କରାଯାଇଛି । ଏହାସହ ଆଶ୍ୱାସନା ଦିଆଯାଇଛି କି କାଉଁସେଲିଙ୍ଗର ସିଡ୍ୟୁଲ ଅଫିସିଆଲ ୱେବସାଇଟରେ ଜାରି କରାଯିବ । କୋର୍ଟ ଏହି ମାମଲାର ବିସ୍ତୃତ ଶୁଣାଣି ମାର୍ଚ୍ଚ ମାସରେ କରିବ ବୋଲି ଜଣାପଡିଛି । ଅଲ ଇଣ୍ଡିଆ କୋଟା ମେଡିକାଲ ସିଟରେ ଓବିସି ବର୍ଗଙ୍କୁ ୨୭ ପ୍ରତିଶତ ଓ ଇଡବ୍ଲ୍ୟୁଏସ ବର୍ଗଙ୍କୁ ୧୦ ପ୍ରତିଶତ ସଂରକ୍ଷଣ ଦିଆଯିବା ନେଇ କେନ୍ଦ୍ର ଓ ଚିକିତ୍ସା ପରାମର୍ଶ ସମିତିକୁ ଜୁଲାଇ ୨୯ ତାରିଖରେ ଏକ ଯାଚିକା ମାଧ୍ୟରେ ଚ୍ୟାଲେଞ୍ଜ କରିଥିଲା । କହିରଖୁ କି ନିଟ୍ କାଉଁସେଲିଙ୍ଗରେ ବିଳମ୍ବ କାରଣରୁ ନୂଆ ସେସନର ଆଡମିଶନ ଅଟକି ରହିଥିଲା । କରୋନା କାଳରେ ହସ୍ପିଟାଲରେ କାମ କରୁଥିବା ଘରୋଇ ଡାକ୍ତରଙ୍କ ଉପରେ ଏନେଇ କାର୍ଯ୍ୟଭାର ବଢି ଚାଲିଥିଲା । ଏନେଇ ଘରୋଇ ଡାକ୍ତରମାନେ କିଛିଦିନ ତଳେ କେନ୍ଦ୍ର ସରକାରଙ୍କ ବିରୋଧରେ ପ୍ରଦର୍ଶନ କରିଥିଲେ ।

### ବୋଟିଂ ବେଳେ ଖସିଲା....

ଆଉ ଏହା ଭାଇରାଲ୍ ହେଉଛି । ପଥରଖଣ୍ଡ ପାଣିରେ ପଡ଼ିବା ପରେ ବହୁ ଉଚ୍ଚକୁ ପାଣି ଉଠିଥିଲା । ବିରାଟ ପଥର ଖଣ୍ଡଟି ଧସି ପଡ଼ିବା ବେଳେ ଦୁଇଟି ମୋଟର ବୋଟ୍ ଏହାର ଖୁବ୍ ନିକଟରେ ଥିଲେ । ସେମାନେ ସେଠାରୁ ଦୂରକୁ ଚାଲିଯିବାକୁ ବି ସମୟ ପାଇଲେନି । ଏହି ଘଟଣାରେ ୩ ଜଣ ନିଖୋଜ ଥିବା ଜଣାପଡ଼ିଛି । ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ହାଡ଼ ଭାଙ୍ଗି ଯାଇଛି । ୯ ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି । ତାଙ୍କ ମୁଣ୍ଡ ଓ ମୁହଁରେ ଗଭୀର ଆଘାତ ଲାଗିଛି । ଦୁଇ ସପ୍ତାହ ଧରି ଏହି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା । ତେଣୁ ପାହାଡ଼ ଧସି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି ।

### କୂଅ ଭିତରେ ପଡିଲା ହାତୀ ଛୁଆ....

ଭାଙ୍ଗି ପକାଇଥିଲେ । ଭୟରେ କମ୍ପିଥିଲେ ଗ୍ରାମବାସୀ । କେବଳ ନିଜ ଜୀବନ ବଞ୍ଚାଇବା ସହ ସେମାନଙ୍କ ନିକଟରେ କିଛି ଉପାୟ ନଥିଲା । ଏପରିକି ହାତୀ ଛୁଆକୁ ଉଦ୍ଧାର କରିବାକୁ ଯାଇଥିବା ବନବିଭାଗ କର୍ମଚାରୀଙ୍କୁ ଗୋଡାଇବା ସହିତ ଗାଡି ଉପରେ ଆକ୍ରମଣ କରିଥିଲେ ହାତୀପଲ । ଦୀର୍ଘ ସମୟ ଛକାପଞ୍ଝା ପରେ ବନବିଭାଗ ଓ ଅଗ୍ନିଶମ ବାହିନୀ କୂଅରେ ମଟର ଲଗାଇ ପାଣି ଭର୍ତ୍ତି କରିଥିଲେ । କୂଅରେ ପାଣି ଭର୍ତ୍ତି ପରେ ଜଳସ୍ତର ବଢ଼ିବାରୁ ହାତୀ ଛୁଆଟି ଉପରକୁ ଉଠିଥିଲା । ତାପରେ ଅନ୍ୟ ହାତୀମାନେ ମିଶି ଶୁଣ୍ଢ ସାହାଯ୍ୟରେ ଶାବକକୁ ଉଦ୍ଧାର କରି ଜଙ୍ଗଲ ଭିତରକୁ ନେଇଯାଇଛନ୍ତି । ତେବେ ଏହି ଅଞ୍ଚଳରେ ବାରମ୍ବାର ଏମିତି ଦୁର୍ଘଟଣା ଘଟୁଥିଲେ ବି ନିରାକଣ ପାଇଁ ବନବିଭାଗ କୌଣସି ଠୋସ ପଦକ୍ଷେପ ନେଉଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ ।

### ପଶ୍ଚିମବଙ୍ଗରେ କରୋନା....

ଜେନୋମିକ୍ସର ଗବେଷଣା ଅନୁଯାୟୀ, ପଶ୍ଚିମବଙ୍ଗରେ କୋଭିଡ୍ ଆକ୍ରାନ୍ତଙ୍କ ମଧ୍ୟରେ ୭୧.୨ ପ୍ରତିଶତ ହେଉଛନ୍ତି ଓମିକ୍ରନ ଭ୍ୟାରିଆଣ୍ଟ ସଂକ୍ରମିତ । ସେପଟେ ପଶ୍ଚିମବଙ୍ଗରେ ଆସନ୍ତା ୨୨ ଜାନୁଆରୀରେ ୪ଟି ମ୍ୟୁନିସିପାଲିଟି କର୍ପୋରେସନ୍ ପାଇଁ ନିର୍ବାଚନ ହେବ । ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି କରାଯାଇଥିବା କରୋନା ପ୍ରୋଟୋକଲ୍ ଏବଂ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରିଥିବାରୁ ପୁଲିସ ଜଣେ ବିଧାୟକଙ୍କ ସହ ୭ ଜଣ ବିଜେପି କର୍ମୀଙ୍କୁ ଗିରଫ କରିଛି । ହୁଗୁଲିର ଚନ୍ଦନନଗର ମ୍ୟୁନିସିପାଲିଟି କର୍ପୋରେସନ୍ ଅଞ୍ଚଳରେ ବିଜେପିର ପ୍ରଚାର ରାଲି ବନ୍ଦ କରିବା ପରେ ପୁଲିସ ବିଧାୟକଙ୍କ ସମେତ ମୋଟ ୭ ଜଣଙ୍କୁ ଗିରଫ କରିଛି ।

## ଫିରିଙ୍ଗିଆରେ ବିଶ୍ୱ ଧର୍ମରକ୍ଷା ଦିବସ ପାଳିତ

କନ୍ଧମାଳ, ୦୯/୦୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ସରସ୍ୱତୀ ଶିଶୁ ମନ୍ଦିର ପ୍ରାଙ୍ଗଣ ରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ଧର୍ମ ପ୍ରସାର ବିଭାଗ କନ୍ଧମାଳ ଶାଖା ତରଫରୁ ଧର୍ମ ରକ୍ଷା ଦିବସ କୋଭିଡ କଟକଣା ଅନୁସାରେ ପାଳିତ ହୋଇଯାଇଛି । ଜିଲ୍ଲା ଧର୍ମ ପ୍ରସାର ବିଭାଗର ଜିଲ୍ଲା ସଭାପତି ସରେନ୍ଦ୍ର କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଫିରିଙ୍ଗିଆ ପ୍ରାଣୀ ଚିକିତ୍ସା ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇ ଧର୍ମରକ୍ଷା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ହରିକଥା ଓ ଏକଲ ଅଭିଯାନ ପ୍ରମୁଖ ସୁଶ୍ରୀ ଅଞ୍ଜଳୀ ପ୍ରଧାନ , ଜିଲ୍ଲା ଧର୍ମ ପ୍ରସାର ପୂର୍ଣ କାଳିନ କାର୍ଯ୍ୟକର୍ତା । ସମୀର ବାଗ , ଫିରିଙ୍ଗିଆ ହରିକଥା ଓ ଏକଲ ଅଭିଯାନ ପ୍ରମୁଖ ସୁଶ୍ରୀ ଅମନ୍ତି କହଁର , ଜିଲ୍ଲା ଯୋଜନା ପ୍ରମୁଖ ରମେଶ ଚନ୍ଦ୍ର ପାଢୀ , ବରିଷ୍ଠ ଶିକ୍ଷାବିତ ରବିନ୍ଦ୍ର କୁମାର ସାହୁ , ଶିଶୁ ମନ୍ଦିର ପ୍ରଧାନ ଅଚାର୍ଯ୍ୟ ପ୍ରଦ୍ୟୁମ୍ନ କୁମାର ବିଶି ପ୍ରମୁଖ ଯୋଗ ଦେଇ ଧର୍ମସମ୍ପର୍କିତ ବିଭିନ୍ନ ସାମାଜିକ ସଂସ୍କାର ମୁଳକ ନିତୀବାଣୀ ବିଷୟରେ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରାବର୍ତନ ପ୍ରମୁଖ ସୁବେ ଦିଗାଲ ଙ୍କ ସହ ଶିଶୁମନ୍ଦିର ର ସମସ୍ତ ଗୁରୁଜୀ ଗୁରୁମା ଓ ପ୍ରତି ପଂଚାୟତ ରୁ ଆସିଥିବା କର୍ମକର୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହେଯାଗ କରିଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ଯୋଜନା ପ୍ରମୁଖ ରମେଶ ଚନ୍ଦ୍ର ପାଢି ଆୟୋଜନ କରିଥିଲେ ।

## ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ସଂକ୍ରମଣ ସଂଖ୍ୟା ଆଜି ୯୯ରେ ପହଞ୍ଚିଲା

ବଲାଙ୍ଗିର, ୦୯/୦୧ (ନି.ପ୍ର): ଆଜି ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୯୯ ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ ଆଗଲପୁର ବ୍ଲକ ଆଗଲପୁର ଗ୍ରା.ପ. ଓ ଉପରବରହାଲ ଗ୍ରା.ପ.ରୁ ଜଣେ ଲେଖାଏଁ, ବଲାଙ୍ଗିର ବ୍ଲକ ଖୁଂଟପାଲି ଗ୍ରା.ପ., ଶିବତଲା ଗ୍ରା.ପ., ବୈଦ୍ୟପାଲି ଗ୍ରା.ପ.ରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ଚୁଡାପାଲି ଗ୍ରା.ପ.ରୁ ୨ଜଣ, ବଲାଙ୍ଗିର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧,୧୧,୧୫,୧୯,୩ ରୁ ୨ଜଣ ଲେଖାଏଁ, ୱାର୍ଡ ନମ୍ବର ୧୦ରୁ ୪ ଜଣ, ୱାର୍ଡ ନମ୍ବର ୧୮,୫,୬ରୁ ୩ ଜଣ ଲେଖାଏଁ, ୱାର୍ଡ ନମ୍ବର ୨ରୁ ୮ ଜଣ, ୱାର୍ଡ ନମ୍ବର ୨୦ ରୁ ୫ ଜଣ, ୱାର୍ଡ ନମ୍ବର ୨୧ରୁ ୬ ଜଣ, ୱାର୍ଡ ନମ୍ବର ୪, ୭, ୯ରୁ ଜଣେ ଲେଖାଏଁ, ବଙ୍ଗୋମୁଣ୍ଡା ବ୍ଲକ ବଙ୍ଗୋମୁଣ୍ଡା ଗ୍ରା.ପ. ଓ ଗନ୍ଧରେଲରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ବେଳେ ସିନ୍ଧେକେଲାରୁ ୨ଜଣ, ବେଲପଡା ବ୍ଲକ ବେଲପଡା ଗ୍ରା.ପରୁ ଜଣେ, ଦେଓଗାଁ ବ୍ଲକ ଅର୍ଜୁନପୁର ଗ୍ରା.ପ.ରୁ ଜଣେ ଗୁଡଭେଲା ବ୍ଲକ ବୀରାମୁଣ୍ଡା ଗ୍ରା.ପ.ରୁ ଜଣେ, ଖପ୍ରାଖୋଲ ବ୍ଲକ କରୁଆଁଝର ଗ୍ରା.ପ., ଓଡ଼ିଆପାଲିରୁ ଜଣେ ଲେଖାଏଁ ଓ ଲାଠୋର ଗ୍ରା.ପ.ରୁ ୨ଜଣ, ଲୋଇସିଂହା ବ୍ଲକ କୁଟେନପାଲି ଗ୍ରା.ପ. ବୁର୍ଡା ଗ୍ରା.ପ.ରୁ ଜଣେ ଲେଖାଏଁ ଓ ଲୋଇସିଂହା ଗ୍ରା.ପ.ରୁ ୩ ଜଣ, ଯୋଗୀସର୍ଡା ଗ୍ରା.ପ.ରୁ ୨ ଜଣ, ମୁରିବାହାଲ ବ୍ଲକ ହଳଦୀ ଗ୍ରା.ପ.ରୁ ଜଣେ ଓ ଇଚ୍ଛାପଡା ଗ୍ରା.ପରୁ ୨ ଜଣ, ପାଟଣାଗଡ ବ୍ଲକ ମୁଣ୍ଡୋମହୁଲ ଗ୍ରା.ପ. ଓ ଡାଙ୍ଗବାହାଲ ଗ୍ରା.ପ.ରୁ ଜଣେ ଲେଖାଏଁ, ପାଟଣାଗଡ ଏନ୍‌ଏସି ୱାର୍ଡ ନମ୍ବର ୮ରୁ ଜଣେ, ପୁଇଁନ୍ତଲା ବ୍ଲକ ଦୁର୍ଗାପାଲି ଗ୍ରା.ପ., ଅଟାଗାଁ ଗ୍ରା.ପ., ଗଇଁନ୍ତଲା ଗ୍ରା.ପ.ରୁ ଜଣେ ଲେଖାଏଁ, ସଇଁନ୍ତଲା ବ୍ଲକ ବଡମାଳ ଗ୍ରା.ପ.ରୁ ଜଣେ, ଟିଟିଲାଗଡ ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧୧ ଓ ୪ରୁ ଜଣେ ଲେଖାଏଁ, ୱାର୍ଡ ନମ୍ବର ୧୫ ଓ ୩ରୁ ୨ଜଣ ଲେଖାଏଁ, ୱାର୍ଡ ନମ୍ବର ୨ରୁ ୪ ଜଣ, ୱାର୍ଡ ନମ୍ବର ୫ରୁ ୩ ଜଣ, ତୁଷୁରା ଏନ୍‌ଏସି ୱାର୍ଡ ନମ୍ବର ୩ରୁ ୨ଜଣ, ୱାର୍ଡ ନମ୍ବର ୭ ଓ ୪ରୁ ଜଣେ ଲେଖାଏଁ ଚିହ୍ନଟ ହୋଇଥିବା ଜଣାପଡିଛି ।

## ହାତିଆଡିହା ଯୋଗାଶ୍ରମରେ ବ୍ରହ୍ମଯଜ୍ଞ

ରୂପ୍‌ସା, ୦୯/୦୧ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷା କେନ୍ଦ୍ରରେ ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି-ମୁନିରାଜ୍ଞୀ ଗୀତାଞ୍ଜଳୀ ମୁନିଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ମୁନିଙ୍କ କନିଷ୍ଠା କନ୍ୟା ମୁନି କୁମାରୀ ଜୟଶ୍ରୀ ଜୟନନ୍ଦିନୀର ଶୁଭ ଜନ୍ମଦିନ ମହା ସମାରୋହରେ ପାଳିତ ହୋଇଯାଇଛି । ଆଶ୍ରମର କଣ୍ଠଶୀଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରାଙ୍କ ସଭାପତିତ୍ୱରେ, ପ୍ରଥମେ ସଦ୍ଗୁରୁ ଦେବଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତିପାଠ ପରେ, ସମସ୍ତେ ଏକମନ,ଏକ



ପ୍ରାଣ,ଏକଭାବନା ଏବଂ ଏକ୍‌ଆତ୍ମାରେ ତଲ୍ଲୀନ ହୋଇ ଜୟଶ୍ରୀ ଜୟନନ୍ଦିନୀର ନୀରୋଗ ନିରାମୟ ଆନନ୍ଦମୟ ଦୀର୍ଘଜୀବନ ର ଶୁଭ ଆଶିର୍ବାଦ ପ୍ରଦାନ କରିଥିଲେ । ମୁନି ସଙ୍ଗୀତ,ଜନ୍ମଦିନ ସଙ୍ଗୀତ ଗାନ କରିବା ପରେ, ସତ୍ସଙ୍ଗ ସାଙ୍ଗ କରାଯାଇଥିଲା । ଅଜା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ଯୋଗୀ ପରମାନନ୍ଦ ମୁନି ।

# ଗୋଟିଏ ଦିନରେ ୪୭୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୯/୦୧ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୪୭୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୭୦୮୬୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୪୧୬ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୬ ହଜାର ୨୩୧ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୬୧୧୭ ରହିଛି । ଆଜି ଚିହ୍ନଟ ହୋଇଥିବା ୪୭୧୪ ଜଣଙ୍କ ମଧ୍ୟରୁ ୨୭୫୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୯୫୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୧୬୧୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨୨, ବାଲେଶ୍ୱର ଜିଲ୍ଲାରୁ ୧୨୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୯୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୬, କଟକରୁ ୩୬୦ ସଂକ୍ରମିତ ହୋଇଛନ୍ତି । ଦେବଗଡ ଜିଲ୍ଲାରୁ ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୨, ଗଂଜାମ ଜିଲ୍ଲାରେ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୬୩, ଯାଜପୁରରୁ ୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୫୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୧୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କନ୍ଧମାଳ ଜିଲ୍ଲାରୁ ୧୩, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୪୩ , ଖୋର୍ଦ୍ଧାରୁ ୧୬୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖା ହେଲା ପୁନର୍ଗଠିତ

## ବୈଦ୍ୟନାଥ ଷଡ଼ଙ୍ଗୀ ସଭାପତି ଓ କାଳୀପଦ ପଣ୍ଡା ସଂପାଦକ



ବାଲେଶ୍ୱର, ୦୯/୦୧ (ନି.ପ୍ର): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାଣର ଜାତୀୟ ଅନୁଷ୍ଠାନ ଉତ୍କଳସମ୍ମିଳନୀ ଯାହା ୧୯୦୩ ମସିହାରେ ଗଠିତ ହୋଇଥିଲା, ସେହି ୧୨୧ବର୍ଷ ଅନୁଷ୍ଠାନର ବାଲେଶ୍ୱର ଜିଲ୍ଲା ଶାଖାର ପୁନର୍ଗଠନ ଆଜି ପୂର୍ବାହ୍ନରେ ନାରୀସଂଘ ପରିସରସ୍ଥ ବୈଠକରେ ସମାପନ ହୋଇଛି । ବାଲେଶ୍ୱର ଶାଖାର ସଭାପତି ପଣ୍ଡିତ ସୁରେନ୍ଦ୍ରନାଥ କରଙ୍କ ବିୟୋଗ ସହ ଶାଖାର କାର୍ଯ୍ୟକାଳ ଦୀର୍ଘ ଦିନରୁ ଶେଷ ହୋଇଥିବାରୁ ଆଜି କୋଭିଡ୍ ନିୟମ ପାଳନ ପୂର୍ବକ ସଦସ୍ୟମାନଙ୍କର ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର ଏଥିରେ ଯୋଗଦେଇ ଆଜି ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟାକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ବୈଠକ ପ୍ରାରମ୍ଭରେ ଶାଖାର ଦୁଇ ଦିବଂଗତ ସଭାପତି କବି ବ୍ରଜନାଥ ରଥ ଓ ସୁରେନ୍ଦ୍ର ନାଥ କରଙ୍କ ବିୟୋଗରେ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବନ୍ଦେ ଉତ୍କଳ ଜନନୀ ସଂଗୀତ ଗାନ ପରେ ବାଲେଶ୍ୱର ଶାଖାର ସଂପାଦକ ଥିବା ଦୀନବନ୍ଧୁ ଲେଙ୍କା ଶାଖାର ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ । ରାଜ୍ୟ ସଭାପତି ଡ. ପାତ୍ର ଆଜିର ସମ୍ମିଳନୀକୁ ଉଦ୍‌ଘାଟନ କରି ଓଡ଼ିଆ ଭାଷାପ୍ରେମୀ ତତ୍କାଳୀନ ବ୍ରିଟିଶ ଶାସନ ସମୟର ବାଲେଶ୍ୱର ଜିଲ୍ଲାପାଳ ଥିବା ଜନ୍‌ବିମସ୍ ଓ ମହାରାଜା ବୈକୁଣ୍ଠନାଥ ଦେବଙ୍କର ପ୍ରତିମୂର୍ତ୍ତି ସହରରେ ସ୍ଥାପନ ସହ ଗଡ଼ଗଡ଼ିଆ ଘାଟରେ ରାଧାନାଥଙ୍କ ସମେତ ମଧୁସୂଦନ ଓ ଫକୀରମୋହନଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ସୀମାସମସ୍ୟା ସମେତ ଜିଲ୍ଲାର ସାହିତ୍ୟ, ସଂସ୍କୃତି, କଳା, ଅର୍ଥନୀତି ସହ ସାମଗ୍ରିକ ବିକାଶ ଦିଗରେ ସମବେତ ହୋଇ କାର୍ଯ୍ୟ କରିବାକୁ ସଦସ୍ୟମାନଙ୍କୁ ନିବେଦନ କରିଥିଲେ । ଆଜିର ସାଧାରଣ ସଭାରେ ସର୍ବସମ୍ମତ ଭାବେ ସଭାପତି ରୂପେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ବୈଦ୍ୟନାଥ ଷଡ଼ଙ୍ଗୀ, ଉପସଭାପତି ଭାବେ ନିରଞ୍ଜନ ରାଉତ ଓ ଡ. କ୍ଷିତୀଶ୍ୱର ଦାଶ, ସଂପାଦକ ଭାବେ କବି କାଳୀପଦ ପଣ୍ଡା, ଯୁଗ୍ମ ସଂପାଦକ ଗୋପାମୁଦ୍ରା ମହାପାତ୍ର, ସଂଗଠନ ସଂପାଦକ ଉତ୍ପଳ କୁମାର ମହାନ୍ତି, କୋଷାଧ୍ୟକ୍ଷ ରତ୍ନାକର ଦାସ ମନୋନୀତ ହୋଇଥିଲାବେଳେ ଶାଖାର ଏକ ୧୫ ଜଣିଆ କାର୍ଯ୍ୟକାରୀ କମିଟି ସଦସ୍ୟ ମନୋନୟନ କରାଯାଇଥିଲା । ସେମାନେ ହେଲେ ଅନସୂୟା ନାୟକ, ଅପର୍ଣ୍ଣା ମହାପାତ୍ର, ସୀତାରାମ ପ୍ରଧାନ, ସତ୍ୟପ୍ରିୟ ମହାନ୍ତି, ବେଣୁଧର ପାଲ, ପ୍ରଫୁଲ୍ଲ କୁମାର ଦାସ, ରତିକାନ୍ତ ପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ସୁଧାକର ସେଠୀ, ପ୍ରଦୀପ୍ତ କୁମାର ମିଶ୍ର, କଲ୍ୟାଣୀ ନନ୍ଦ, ସ୍ନେହଲତା ଦାଶ ପତି, ବିଧାନଚନ୍ଦ୍ର ରାୟ, ମଦନ ଖଣ୍ଡେଲୱାଲ, ଜ୍ୟୋତିର୍ମୟୀ ଶତପଥୀ । ଶାଖାର ଉପଦେଷ୍ଟା ଭାବେ ଭୋଗରାଇର ବିଧାୟକ ତଥା ଉତ୍କଳସମ୍ମିଳନୀ ବାଲେଶ୍ୱର ଶାଖାର ପୂର୍ବତନ ପ୍ରତିଷ୍ଠାତା ସଂପାଦକ ଅନନ୍ତ ଦାସ, ଶରତ ଚନ୍ଦ୍ର ଦାଶ, ଡ. ପ୍ରହ୍ଲାଦ ଚରଣ ମହାନ୍ତି, ଶରତ କୁମାର ମହାପାତ୍ର ଓ ଡ. ଗିରୀଶ ଚନ୍ଦ୍ର ଜେନା ରହିଛନ୍ତି । ରାଜ୍ୟ ପରିଷଦ ସଦସ୍ୟ ଭାବେ ଜିଲ୍ଲା ଶାଖାର କର୍ମକର୍ତ୍ତାଙ୍କ ସମେତ ସୁଧାଂଶୁ ଶେଖର ଦାସ, ଦୀନବନ୍ଧୁ ଲେଙ୍କା, ଗୌରାଙ୍ଗ ପାଣିଗ୍ରାହୀ ଓ ରମେଶ ଚନ୍ଦ୍ର ଜେନା ମନୋନୀତ ହୋଇଛନ୍ତି । ଖୁବ୍ ଶୀଘ୍ର ନବନିର୍ବାଚିତ ଜିଲ୍ଲାଶାଖାର କାର୍ଯ୍ୟକାରୀ ବୈଠକ ବସି ଭବିଷ୍ୟତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

# ମକର ସଂକ୍ରାନ୍ତି ଦିନ ଆୟୋଜିତ ହେବ ବିଶ୍ୱବ୍ୟାପୀ ସୂର୍ଯ୍ୟ ନମସ୍କାର

ନୂଆଦିଲ୍ଲୀ,୦୯/୦୧: ଆୟୁଷ ମନ୍ତ୍ରଣାଳୟ ଜାନୁୟାରୀ ୧୪ତାରିଖ ମକର ସଂକ୍ରାନ୍ତି ଦିନ ବିଶ୍ୱବ୍ୟାପୀ ସୂର୍ଯ୍ୟ ନମସ୍କାର ପ୍ରଦର୍ଶନ ଆୟୋଜନ କରୁଛି । ଏହି ପ୍ରଦର୍ଶନ କାର୍ଯ୍ୟକ୍ରମରେ ୭୫ଲକ୍ଷ ଲୋକ ଯୋଗ ଦେବେ । ଏହି ଦିନ ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ଆରମ୍ଭ ହୋଇଥାଏ । ଉତ୍ତମ ସ୍ୱାସ୍ଥ୍ୟ, ଧନ ଓ ସୁଖମୟ ଜୀବନ ପାଇଁ ପ୍ରକୃତି ମାତାଙ୍କୁ ଏହିଦିନ ଧନ୍ୟବାଦ ଅର୍ପଣ କରାଯାଇଥାଏ । ପ୍ରକୃତିର ସମସ୍ତ ଜୀବନ୍ତ ପଦାର୍ଥ ଏବଂ ପ୍ରାଣୀଜଗତ ଉପରେ ସୂର୍ଯ୍ୟଙ୍କର କିରଣ ପଡି ସେମାନଙ୍କୁ ପ୍ରାଣବନ୍ତ କରୁଥିବାରୁ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ସୂର୍ଯ୍ୟଙ୍କୁ କୃତଜ୍ଞତା ପ୍ରକାଶ କରାଯାଏ । ସୂର୍ଯ୍ୟ ସମସ୍ତ ଶକ୍ତିର ମୌଳିକ ଉତ୍ସ ହୋଇଥିବାରୁ ଜଟିଳ ଖାଦ୍ୟ ଶୃଙ୍ଖଳର ପରିଚାଳନା ସହିତ ମନୁଷ୍ୟମାନଙ୍କ ଶରୀର ଓ ମନକୁ ଶକ୍ତି ଯୋଗାଇଥାଏ । ବୈଜ୍ଞାନିକ ଦୃଷ୍ଟି କୋଣରୁ ଦେଖାଯୋଏ ଯେ ସୂର୍ଯ୍ୟ ନମସ୍କାର ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଗତ ମହାମାରୀ ସମୟରେ ଏହାର ଗୁରୁତ୍ୱ ଉପଲବ୍ଧି କରାଯାଇଥିଲା । ଶରୀରରେ ସୂର୍ଯ୍ୟକିରଣ ପଡିଲେ ଭିଟାମିନ୍ ଡି' ସୃଷ୍ଟି ହୋଇଥାଏ । ବିଶ୍ୱବ୍ୟାପୀ ସମସ୍ତ ଚିକିତ୍ସା ଶାସ୍ତ୍ର ଓ ପଦ୍ଧତି ଏହାକୁ ସ୍ୱୀକାର କରିଛନ୍ତି । ସାମୂହିକ ଭାବରେ ସୂର୍ଯ୍ୟ ନମସ୍କାର ଦ୍ୱାରା ଏହି ବାର୍ତ୍ତା ବିଶ୍ୱକୁ ଦିଆଯାଉଛି ଯେ ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଘଟୁଛି । ଆଜିର ବିଶ୍ୱର ତାପମାତ୍ରା ବୃଦ୍ଧି ଦୃଷ୍ଟିରୁ ଦୈନନ୍ଦିନ ଜୀବନରେ ସୌରଶକ୍ତି ବ୍ୟବହାର କରି ବାୟୁମଣ୍ଡଳକୁ ଅଙ୍ଗାରକାମ୍ଳ ଛାଡିବା ପ୍ରକ୍ରିୟା ହ୍ରାସ କରାଯିବା ଉଚିତ । ଅଙ୍ଗାରକାମ୍ଳ ପୃଥିବୀ ପ୍ରତି ବିପଦ ସୃଷ୍ଟି କରିଛି । ମକର ସଂକ୍ରାନ୍ତି ଦିନଟିର ଗୁରୁତ୍ୱ ଆମର ସାଂସ୍କୃତିକ, ପରମ୍ପରା ଏବଂ ଅଧ୍ୟାତ୍ମିକ ଜୀବନରେ ରହିଛି । ସୂର୍ଯ୍ୟ ନମସ୍କାରରେ ୮ଟି ଆସନକୁ ୧୨ଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ କରାଯାଇଥାଏ । ଏହାଦ୍ୱାରା ଶରୀର ଓ ମନ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇଥାଏ । ଏହାକୁ ପ୍ରତ୍ୟୁଷରୁ ଅଭ୍ୟାସ କରାଯିବା ଉଚିତ ।

# ଖଇରା ଭାଜପାର ବନ୍ଧୁ ମିଳନ



ଖଇରା, ୦୯/୦୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଭାଜପା ତରଫରୁ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଦିନ ଦଳୀୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ମଣ୍ଡଳ ସଭାପତି ରାଜେଶ କୁମାର ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ । ଯୁବନେତା ନିଳମାଧବ ପଣ୍ଡା,କୁପାରୀ ମଣ୍ଡଳ ସଭାପତି ପତିତପାବନ କର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରଞ୍ଜନ ବେହେରା,ବରିଷ୍ଠ ନେତା ସନ୍ତୋଷ କୁମାର ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ୨୦୨୨ ପଞ୍ଚାୟତ ନିର୍ବାଚନ ମଣ୍ଡଳୀରେ ରେ ଭାଜପା ସିମୁଳିଆ ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତ, ୭ଗୋଟି ଜିଲା ପରିଷଦ, ୨ଟି ଯାକ ପଞ୍ଚାୟତ ସମିତି ଦଖଲକରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ମାୟାଧର କୁଅଁର, ଜିଲ୍ଲା କାର୍ଯ୍ୟକାରିଣୀ ସଭ୍ୟ ଅଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟରେ କରୋନାରୁ ସୁସ୍ଥ ହେଲେ ଆଉ ୩୮୬ ସଂକ୍ରମିତ

ଭୁବନେଶ୍ୱର, ୦୯/୦୧ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଆଉ ୩୮୬ ଜଣ କରୋନା ସଂକ୍ରମିତ ସୁସ୍ଥ ହୋଇଛନ୍ତି ।। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୬ ହଜାର ୬୧୭ରେ ପହଂଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୧୦୯ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୧୦୮ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି। ସେହିପରି ସୁନ୍ଦରଗଡ଼ ଜିଲ୍ଲାରୁ ୨୫ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଝାରସୁଗୁଡା ଜିଲ୍ଲାରୁ ୨୩, ସମ୍ବଲପୁର ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ବାଲେଶ୍ୱରରୁ ୧୨, ଅନୁଗୁଳ ଓ ପୁରୀରୁ ୧୧-୧୧ ଜଣ ସୁସ୍ଥ ହୋଇଛନ୍ତି। ମୟୁରଭଂଜ ଜିଲ୍ଲାରୁ ୯, ଢେଙ୍କାନାଳ ଜିଲ୍ଲାରୁ ୮ ଓ ଜଗତସିଂହପୁର ଜିଲ୍ଲାରୁ ୭ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ସେହିପରି ନବରଂଗପୁର ଜିଲ୍ଲାରୁ ୭, ଗଂଜାମ ଜିଲ୍ଲାରୁ ୪, ନୟାଗଡ ଜିଲ୍ଲାରୁ ୩ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି । ବରଗଡ, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡା ଜିଲ୍ଲାରୁ ୨-୨ ଜଣ ସଂକ୍ରମିତ ହୋଇଥିବା ବେଳେ ରାଜ୍ୟ ପୁଲରୁ ୨୬ ଜଣ ସଂକ୍ରମିତ ସୁସ୍ଥ ହୋଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ଉପରେ ଆକ୍ରମଣ ଷଡ଼ଯନ୍ତ୍ରକୁ ନିନ୍ଦା : ବିଜେପି ପକ୍ଷରୁ ମୌନ ଗଣଧାରଣା



ବାଲେଶ୍ୱର,୦୯/୦୧ (ନି.ପ୍ର): ପଞ୍ଜାବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତକାଳରେ ତାଙ୍କ ଉପରେ ଆକ୍ରମଣ ପାଇଁ ହୋଇଥିବା ଷଡ଼ଯନ୍ତ୍ରକୁ ସମଗ୍ର ଦେଶରେ ପ୍ରତିବାଦ କରାଯାଉଥିବା ବେଳେ ବାଲେଶ୍ୱରରେ ମଧ୍ୟ ଅନୁରୂପ ପ୍ରତିଫଳନ ଲକ୍ଷ୍ୟ କରାଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ବିଜେପି ପକ୍ଷରୁ ରବିବାର ପ୍ରତୀକ ମୌନ ପ୍ରତିବାଦ ଓ ଗଣଧାରଣା ସ୍ଥାନୀୟ ସିନେମାଛକସ୍ଥିତ ସହିଦ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଆୟୋଜିତ ଏହି ମୌନବ୍ରତ ପାଳନ ଓ ପ୍ରତିବାଦ କାର୍ଯ୍ୟକ୍ରମ ରେ ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ବିଜେପି ରାଜ୍ୟ ନେତ୍ରୀ ସୁଷମା ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର ଓ ଶୋଭନା ମହାନ୍ତି, ପର୍ଶୁରାମ ପରିଡ଼ା, ଚିତ୍ତରଞ୍ଜନ ପଣ୍ଡା, ବିପିନ ମାରାଣ୍ଡି, ଲମ୍ବୋଦର ନାୟକ, କମଳା ବିନ୍ଧାଣୀ, ରାଜେଶ ମହାପାତ୍ର, ସଂଯୁକ୍ତା ମହାପାତ୍ର, ଅଭିପ୍ସା ନାୟକ, ମହୁଆ ପ୍ରଧାନ, ଶ୍ରୀନିବାସ ପ୍ରଧାନ ପ୍ରମୁଖ ଯୋଗଦେଇ ମୁହଁରେ କଳାପଟି ବାନ୍ଧି ଧାରଣାରେ ବସିଥିଲେ। ସକାଳ ୧୦ଟାରୁ ମଧ୍ୟାହ୍ନ୧୨ଟା ପର୍ଯ୍ୟନ୍ତ ଏହି ପ୍ରତିବାଦ କାର୍ଯ୍ୟକ୍ରମ ଚାଲିଥିଲା। ପ୍ରଧାନମନ୍ତ୍ରୀଙ୍କ ଉପରେ ହୋଇଥିବା ଆକ୍ରମଣ ଷଡ଼ଯନ୍ତ୍ରକୁ ଜିଲା ସଭାପତି ଶ୍ରୀ ମହାପାତ୍ର ତୀବ୍ର ନିନ୍ଦା କରିବା ସହିତ ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେବାର ଆବଶ୍ୟକତା ରହିଛି ବୋଲି ବିଜେପିର କର୍ମକର୍ତ୍ତାମାନେ ମତ ଦେଇଥିଲେ।

# ମାଳଦା ପଞ୍ଚାୟତରେ ୪ ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ

ଭଦ୍ରକ, ୦୯/୦୧ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚାରି ଅଙ୍ଗନୱାଡି କେନ୍ଦ୍ର ଉଦଘାଟିତ ହୋଇଛି। ମାଳଦା ଅଙ୍ଗନୱାଡି କେନ୍ଦ୍ର-୨, ରଘୁନାଥପୁର ହରିଜନସାହି, ଦାସସାହି ଓ ନଇକୂଳସାହି ଅଙ୍ଗନୱାଡି କେନ୍ଦ୍ର ଓ ମାଳଦା ବଜାର ହାଟଚାଳି ଉଦ୍‌ଘାଟିତ ହୋଇଥିଲା। ଜିଲ୍ଲା ପରିଷଦ ଉପାଧକ୍ଷା ଜ୍ୟୋସ୍ନାରାଣୀ ମହାନ୍ତି, ସରପଞ୍ଚ ରିତାଞ୍ଜଳୀ ସାମଲ, ଯୁବନେତା ଉତ୍କଳ କେଶରୀ ମହାନ୍ତି, ସତ୍ୟଜିତ ସାମଲ, ସରପଞ୍ଚ ପ୍ରତିନିଧି ପ୍ରତ୍ୟୁଷ ସାମଲ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ସବୁ ପ୍ରକଳ୍ପଗୁଡିକ ଉଦଘାଟନ କରିଥିଲେ। ଏହି ପଞ୍ଚାୟତର ବିକାଶ ପାଇଁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଉପାଧକ୍ଷା ଶ୍ରୀମତୀ ମହାନ୍ତି ପ୍ରକାଶ କରିଥିଲେ।

# ଚ୍ୟାଲେଞ୍ଜ ପ୍ରତି ସତର୍କ ରହିବାକୁ ଆହ୍ୱାନ

ପୁରୀ,୦୯/୦୧ (ନି.ପ୍ର): ଶ୍ରମ ଆଇନ୍‌ର ବାରମ୍ବାର ପରିବର୍ତ୍ତନ ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥ ବିରୋଧୀ । ତେଣୁ ଶ୍ରମିକ, କର୍ମଚାରୀମାନେ ଏକତ୍ରିତ ହୋଇ ଏହା ବିରୁଦ୍ଧରେ ଲଢେଇ କରିବାକୁ ବିଶିଷ୍ଟ ଶ୍ରମିକ ନେତାମାନେ ଆହ୍ୱାନ ଦେଇଛନ୍ତି। ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ବାର୍ଷିକ ୪୯ତମ ବାର୍ଷିକ ଅଧିବେସନ ଓ ପ୍ରତିନିଧି ସମ୍ମିଳନୀରେ ଯୋଗଦେଇ ଶ୍ରମିକ ନେତାମାନେ ଉପରୋକ୍ତ ଆହ୍ୱାନ ଦେଇଛନ୍ତି। ସଂଘର ସଭାପତି କୈଳାସ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀକୁ ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ା ଉଦ୍‌ଘାଟନ କରିଥିଲେ। ଅଖିଳଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସର ରାଷ୍ଟ୍ରିୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ରାଜ୍ୟରେ ବିଦ୍ୟୁତ୍ ସଂସ୍କାର ନାମରେ ଦୀର୍ଘବର୍ଷ ଧରି ଚାଲିଥିବା ଶୋଷଣ,ଲୁଣ୍ଠନ ଓ ଅରାଜକତାକୁ ସରକାର ପ୍ରୋତ୍ସାହିତ କରୁଥିବାରୁ ବକ୍ତାମାନେ ତାହାର ତୀବ୍ର ସମାଲୋଚନା କରିଥିଲେ। ସଂପ୍ରତିକ ସ୍ଥିତିରେ ଶ୍ରମିକ କର୍ମଚାରୀଙ୍କ ପାଇଁ ଦେଖାଦେଇଥିବା ଚ୍ୟାଲେଞ୍ଜ ପ୍ରତି ସତର୍କ ରହିବାକୁ ବକ୍ତାମାନେ ପରାମର୍ଶ ଦେଇଥିଲେ। ନିମାପଡା ଡ଼ିଭିଜନ ସମ୍ପାଦକ ରାଧାକାନ୍ତ ମିଶ୍ର ନିଜି ନିଜର ଅଧିକାରର ସୁରକ୍ଷା ପାଇଁ ଶ୍ରମିକ କର୍ମଚାରୀମାନେ ଅଧିକ ସୁସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ। ସଭାପତି ଶ୍ରୀରାୟ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଶ୍ରମିକ ବିରୋଧୀ ନୀତିକୁ ନାପସନ୍ଦ କରିଥିଲେ। ପ୍ରାରମ୍ଭରେ ସଙ୍ଗଠନ ସମ୍ପାଦକ ସତ୍ୟନାରାୟଣ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ଯତୀନ୍ଦ୍ର କୁମାର ରାୟ ଓ ଶ୍ରମିକନେତା ସୌରୀବନ୍ଧୁ କରଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରତ୍ୟୁଷରେ ରେଡ଼କ୍ରସ୍‌ରୋଡ଼ ପାୱାରହାଉସସ୍ଥିତ ସଂଘର ମୁଖ୍ୟକାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସହିତ ସହିଦ ସ୍ମୃତିରେ ମାଲ୍ୟାର୍ପଣ କରାଯାଇଥିଲା।

# ବିଜେପି ଏକାକୀ ପଞ୍ଚାୟତ ନିର୍ବାଚନ ମୁକାବିଲା କରିବ : ବଦ୍ରି

ଭଦ୍ରକ, ୦୯/୦୧ (ନି.ପ୍ର): ଭାରତୀୟ ଜନତା ପାର୍ଟି ଆଗାମୀ ପଞ୍ଚାୟତ ନିର୍ବାଚନ ଏକାକୀ ଲଢିବ ଓ ସଫଳତା ହାସଲ କରିବ। ବିଜେପି ମେଣ୍ଟ କରିବ ବୋଲି ବିରୋଧି ଦଳ ଅପପ୍ରଚାର ଚଳାଇଛନ୍ତି। ମାତ୍ର ଏହା ସତ୍ୟ ନୁହେଁ। ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସଂଯୁକ୍ତ ମଣ୍ଡଳ ସାଙ୍ଗଠନିକ ବୈଠକରେ ନେତାମାନେ ଏହା ପ୍ରକାଶ କରିଛନ୍ତି। ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରୀନାରାୟଣ ଧଳ, ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ବିସ୍ତାରକ ପ୍ରଶିକ୍ଷକ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାକେଶ ମଲ୍ଲିକ, ମନସ୍ମିତା ଖୁଣ୍ଟିଆ ଯୋଗଦେଇ ୱାର୍ଡସ୍ତରରୁ ଦଳର ସଙ୍ଗଠନକୁ ଅଧିକ ରୁ ଅଧିକ ଦୃଢ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ନିର୍ମଳ କର, ମଣ୍ଡଳ ସଭାପତି ଗିରିଶ ସାମଲ, ମୁକୁନ୍ଦ ଚରଣ ମଲ୍ଲିକ, ପ୍ରଫୁଲ୍ଲ ସାହୁ, ଅମୂଲ୍ୟ ସେଠୀ, ଜୟସ୍ମିତା ଗୋଚ୍ଛାୟତ, ଭୀମସେନ ନାୟକ, ସୁଶାନ୍ତ ପାତ୍ର, ସୁରେଶ ସାମଲ, ସତ୍ୟବ୍ରତ ଦାସ, ରୁକ୍ମଣୀ ଦାସ ପ୍ରମୁଖ ବକ୍ତବ୍ୟ ରଖି ନିର୍ବାଚନରେ ଦଳର ସଫଳତା ପାଇଁ ସଙ୍କଳ୍ପବଦ୍ଧ ଭାବେ କାର୍ଯ୍ୟକରିବାକୁ ପରାମର୍ଶ ଦେଇଥିଲେ। ପ୍ରଦୀପ ସାହୁ, କୈଳାସ ସାହୁ, ରାମଚନ୍ଦ୍ର ରାଉତ, ପ୍ରଦୀପ ପାଢୀ, ତରଣୀସେନ ପଣ୍ଡା, ପ୍ରଦ୍ୟୁମ୍ନ ସେନାପତି, ପ୍ରହ୍ଲାଦ ସାହୁ, ଦଶରଥ ଜେନା, କରୁଣାକର ସାହୁ, ମଦନ ସାହୁ, ବିଶ୍ୱନାଥ ଜେନା, ବିଶ୍ୱନାଥ ତ୍ରିପାଠୀ, ସୁଦର୍ଶନ ସାମଲ ପ୍ରମୁଖ ଶତାଧିକ କର୍ମୀ ବୈଠକରେ ଅଂଶଗ୍ରହଣ କରିଥିଲେ।

# ଉନ୍ମୋଚିତ ହେଲା ଲୋଚନ ବେହେରାଙ୍କ ବ୍ୟଙ୍ଗ ଗ୍ରନ୍ଥ ଅକୁହା କଥା



ବାଲେଶ୍ୱର, ୦୯/୦୧ (ନି.ପ୍ର): ଖାଲି ଆଖିରେ ଯେଉଁ ଘଟଣାମାନ ଦୃଶ୍ୟମାନ ହୁଏ ତାର ଅନ୍ତରାଳରେ ରହିଯାଇଥିବା ଆହୁରି ଅନେକ ଘଟଣା ବ୍ୟଙ୍ଗ ସାହିତ୍ୟିକର ତୃତୀୟ ନୟନକୁ ଦେଖାଯାଇଥାଏ। ସମାଜରେ ଚାଲିଥିବା ଅନ୍ୟାୟ,ଅନୀତି, ଦୁରାଚାର, ବେନିୟମ କାର୍ଯ୍ୟ ଆଦି ବ୍ୟଙ୍ଗ ସାହିତ୍ୟିକର ଆଖିକୁ ଫାଙ୍କି ଦେଇପାରେନାହିଁ। ସମାଜ ସମ୍ମୁଖରେ ସେଗୁଡ଼ିକୁ ପ୍ରକାଶ କରିବାପାଇଁ ସେ କଲମ ଧାରଣ କରେ। କଥାରେ ଅଛି, ବଲମ ଯାହା କରିନପାରେ ତାହା କଲମ କରି ଦେଖାଇ ଦେଇପାରେ, ଅସି ଯେଉଁଠି ହାର ମାନିଯାଏ ମସି ସେହିଠାରେ ବିଜୟର ବୈଜୟନ୍ତ ଉଡ଼ାଏ କିମ୍ବା ଶସ୍ତ୍ର ଯାହା କରି ନପାରେ ତାହା ଶାସ୍ତ୍ରଦ୍ୱାରା ସାଧିତ ହୋଇଥାଏ। ସାମାଜିକ ପରିବର୍ତ୍ତନ ପାଇଁ ବ୍ୟଙ୍ଗ ସାହିତ୍ୟିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ବୋଲି ଲୋଚନ ବେହେରାଙ୍କ 'ଅକୁହା କଥା' ନାମକ ବ୍ୟଙ୍ଗ ଗ୍ରନ୍ଥ ଉନ୍ମୋଚନ ଉତ୍ସବରେ ସମୀକ୍ଷକମାନେ ମତ ବ୍ୟକ୍ତ କରିଥିଲେ। ଶନିବାର ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଶାନ୍ତିକାନନ ପରିସରରେ ହୋଇଥିବା ପାଠକାର୍ପଣ ଉତ୍ସବରେ ପୌରୋହିତ୍ୟ କରି ଅନୁଷ୍ଠାନର ସଭାପତି ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ କ୍ୱଚିତ୍ ରଚନା କରାଯାଉଥିବା ବ୍ୟଙ୍ଗ ସାହିତ୍ୟର ଧାରାରେ ଲୋଚନ ବେହେରା ଦୃଢ଼ଭାବରେ ଆଗେଇ ଚାଲିଛନ୍ତି ବୋଲି କହିଥିଲେ। ଗ୍ରନ୍ଥଟିକୁ ଉନ୍ମୋଚନ କରି ବରିଷ୍ଠ ନାଟ୍ୟ ଗବେଷକ ଡ.ଭାଗବତ ପ୍ରସାଦ ଦାସ ସାମାଜିକ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି କବିତା ଗୁଡ଼ିକର ବଳିଷ୍ଠ ଭୂମିକା ଅଛି ପ୍ରକାଶ କରିଥିଲେ। ବରିଷ୍ଠ ବ୍ୟଙ୍ଗ ସାହିତ୍ୟିକ ଅଞ୍ଜନ ଚାନ୍ଦ, ବ୍ୟଙ୍ଗ କବିତା ରଚନା କରୁଥିବା ବ୍ରହ୍ମନାଥ ରଥ ଓ ଦୂରଦର୍ଶନରେ ବ୍ୟଙ୍ଗ କବିତା ପାଠ କରି ଚର୍ଚ୍ଚିତ ହୋଇଥିବା ପଦ୍ମଲୋଚନ ପ୍ରଧାନ ଗ୍ରନ୍ଥଟିକୁ ବିସ୍ତୃତ ଭାବରେ ଆଲୋଚନା କରି ତାର ସାରବତ୍ତା ପ୍ରତିପାଦନ କରିଥିଲେ। ଲେଖକ ତାଙ୍କର ଲେଖକୀୟ ପ୍ରତିକ୍ରିୟାରେ ସ୍ୱତଃସ୍ଫୂର୍ତ୍ତଭାବରେ ବ୍ୟଙ୍ଗ କବିତାମାନ ଆସି ତାଙ୍କୁ ଆକର୍ଷିତ କରିଛି ବୋଲି ପ୍ରକାଶ କରିଥିଲେ। ଉପ ସଭାପତି ପ୍ରଦୀପ ଚାଟାର୍ଜୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବା ବେଳେ ସମ୍ପାଦକ ଦୀପକ ବୋଷ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶନ୍ତରାଗଡ଼ିଆ ସ୍ଥିତ ପିତାମାତା ସାହିତ୍ୟ ସଂସଦର ସମ୍ପାଦକ ମୁକ୍ତିକାନ୍ତ ମିଶ୍ର ମଧ୍ୟ କବିତା ସମ୍ପର୍କରେ ଆଲୋଚନା କରିଥିଲେ ଓ ସଂଗଠନ ସମ୍ପାଦକ ଭାଗିରଥି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଋଣ ଖିଲାପିଙ୍କ ଘର ବ୍ୟାଜାପ୍ତ

ଜୟପୁର,୦୯/୦୧ (ନି.ପ୍ର): ଜୟପୁର କୋପରେଟିଭ ଅର୍ବାନ ବ୍ୟାଙ୍କ ରବିବାର ଋଣ ଖିଲାପକାରିଙ୍କ ଉପରେ ଦୃଢ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିଛି । ବ୍ୟାଙ୍କରୁ ଋଣ ନେଇ ପୈଠ କରୁ ନଥିବାରୁ ବ୍ୟାଙ୍କ ତରଫରୁ ବାରମ୍ବର ନୋଟିସ ଜାରି କରାଯାଇଥିଲା । ହେଲେ ମଧ ଋଣ ନେଇ ଥିବା ଲୋନି ବ୍ୟାଙ୍କର ନୋଟିସ କୁ ମଧ ମାନୁନଥିଲେ । ଆଜି ବ୍ୟାଙ୍କ ତରଫରୁ ଚଢାଉ କରାଯାଇ ଘର କୁ ସିଜ କରିଛି । ଜୟପୁର ଜୟନଗର ପାଇକ ସାହିର ଦୁର୍ଗା ପ୍ରସାଦ ନାୟକ ଙ୍କ ଘରକୁ ବ୍ୟାଜାପ୍ତ କରାଯାଇଛି । ନାୟକ ବ୍ୟାଙ୍କରୁ ୨୦୦୪ ମସିହାରେ ୧ ଲକ୍ଷ ୨୦ ହଜାର ଟଙ୍କା ଲୋନ ଆଣିଥିଲେ । ବର୍ତ୍ତମାନ ତାଙ୍କ ଲୋନରେ ପାଖା ପାଖି ୩ ଲକ୍ଷ ଟଙ୍କା ବକେୟା ଆଛି । ଏନେଇ ବ୍ୟାଙ୍କ ତରଫରୁ ବାରମ୍ବାର ନୋଟିସ ଜାରି କରାଯାଇଥିଲା । ସେ କିଛି ପଦକ୍ଷେପ ଗ୍ରହଣ କରିନଥିବାରୁ ବ୍ୟାଙ୍କ ତରଫରୁ ଘରକୁ ବ୍ୟାଜାପ୍ତି କରାଯାଇଛି ।

# ସଦର ବିଜେପି ପକ୍ଷରୁ ବାହାବଳପୁରରେ ବୈଠକ



ବାଲେଶ୍ୱର,୦୯/୦୧ (ନି.ପ୍ର): ଆସନ୍ତା ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ସଦର ବିଜେପି ପକ୍ଷରୁ ବାହାବଳପୁର ପଞ୍ଚାୟତରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଜେପି ପଞ୍ଚୁପଡ଼ା ମଣ୍ଡଳ ସଭାପତି ବିଜୟ ଦାସଙ୍କ ସଭାପତିତ୍ୱରେ ପ୍ରାକ ପଞ୍ଚାୟତ ନିର୍ବାଚନୀ ବୈଠକରେ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀ ନେତା ମାନସ କୁମାର ଦତ୍ତ ଯୋଗଦେଇ ଆସନ୍ତା ପଞ୍ଚାୟତ ନିର୍ବାଚନର ରଣକୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ରାଜ୍ୟ ସରକାରଙ୍କ ବିଫଳତା ଓ ସରକାରୀ ଯୋଜନାରେ ହିତାଧିକାରୀ ଚୟନରେ ପାତରଅନ୍ତରକୁ ଅସ୍ତ୍ର କରିବା ଉପରେ ଶ୍ରୀ ଦତ୍ତ ଗୁରୁତ୍ୱାରୋପ କରିଥିଲେ। ପଞ୍ଚାୟତ ନିର୍ବାଚନରେ ବିଜେପି ପ୍ରାର୍ଥୀଙ୍କୁ ବିପୁଳ ସମର୍ଥନ ଦେବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସରପଞ୍ଚ ରଶ୍ମିତା ମଣ୍ଡଳ ଏହି ବୈଠକରେ ସ୍ୱାଗତ ଅଭିଭାଷଣ ରଖିଥିଲେ। ଏହି ବୈଠକରେ ଶ୍ରୀ ଦତ୍ତଙ୍କ ସମେତ ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ଜୋନାଲ ମିଡିଆ ସଂଯୋଜକ ସତ୍ୟଜିତ ମିଶ୍ର, ପଞ୍ଚାୟତ ଉପ ସଭାପତି ବିମଳ କୁମାର ସାହୁ, ନାଏବ ସରପଞ୍ଚ ଶଶିକାନ୍ତ ବାରିକ, ରାମ ନାରାୟଣ ଦ୍ୱିବେଦୀ, ସୁଶୀଲ କୁମାର ମଣ୍ଡଳ, ସଞ୍ଜୁଲତା ସିଂ, ମଞ୍ଜୁଲତା ମାଇତି, ଉତ୍ତମ ମାନ୍ନା, ପାର୍ବତୀ ବେରା, ନିବେଦିତା ପ୍ରଧାନ, ସୁମିତ୍ରା ପାତ୍ର, ଗଣେଶ ମାଇତି, ସୁବିମଳ ତୋଲା, କୃଷ୍ଣମୋହନ ମଣ୍ଡଳଙ୍କ ପ୍ରମୁଖ ଛାମୁଆ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo